ମରମ ତଳର ବ୍ୟଥା

(ଗଳ୍ପ, ରମ୍ୟରଚନା, ଆଲୋଚନା)

ମୂଳ ଲେଖକ:—
ଐତିହାସିକ ଶରତଚନ୍ଦ୍ର ସାହୁ
ଶ୍ରୀ ଦେବୀପ୍ରସାଦ ସାହୁ

MARAM TALAR BYATHA

Rs. 1-50

Written By

Historiau S. C. Sahu.

and

Sri D. P. Sahu M. A. B. ED.

ପ୍ରଥମ ସଂସ୍କରଣ

୧୦୦୦ ସଂଖ୍ୟା

ଆଶା ପ୍ରକାଶିକା, ବ୍ରହ୍ମପୁର-୨

"ଶଶିଭୂଷଣ ସାହିତ୍ୟ ସଂସଦ"

ମୂଲ୍ୟ ଟ ୧-୫୦ (ଏକ ଟଙ୍କା ପଚାଶ ପଇସା ମାତ୍ର)

ଐତିହାସିକ **ଶରତଚନ୍ଦ୍ର ସାହୁ**
ଜେମାଦେଈ ପେଣ୍ଠ, ବ୍ରହ୍ମପୁର-୨ (ଗଞ୍ଜାମ)

ଆଜ ସମ୍ପର୍କ ସ୍ଥାପନ ନିମନ୍ତେ ଉଦ୍ୟମ କରନ୍ତୁ

"ସ୍ୱପ୍ନ"

ସାମୟିକ ସାହିତ୍ୟ ସଂକଳନ

ଶଶୀଭୂଷଣ ସାହିତ୍ୟ ସଂସଦର

ଏକ ମାତ୍ର ବଳିଷ୍ଠ ମୁଖପତ୍ର-ଶିକ୍ଷା, ଧର୍ମ, ସଂସ୍କୃତିର ରୂପାୟନରେ
ଗଭୀର ରେଖାପାତ କରିବା ନିମନ୍ତେ ଏହାର ଉଦ୍ଭବ ମାତ୍ର ।

ସୂଚୀପତ୍ର

—ପ୍ରଥମଭାଗ—

ଶ୍ରୀ ଶରତ ଚନ୍ଦ୍ର ସାହୁଙ୍କ କଲମରୁ:—

ରୂପାୟନ	ପୃଷ୍ଠା
୧। ଶିକ୍ଷକ ଏକ ପକ୍ଷାଘାତ	୧
୨। ଜାନ୍ତ ସୂର୍ଯ୍ୟ ଶଶୀଭୂଷଣ	୭
୩। ଅଭ୍ୟୁଦୟ ଏକ ଉପେକ୍ଷିତର···	୧୨
୪। କଳ୍ପତ ···	୨୦
୫। ଓଲୁ ! ଓଲୁ !!	୨୭
୬। ତାଙ୍କ ଜୀବନରୁ କତ୍ରୁ	୩୩
୭। ନିଷ୍ପତ୍ତି	୪୨
୮। ଛୁଟି ? ? ? ···	୪୩
୯। କାଲିର ବେକାର କିଏ ? ? ?···	୪୫
୧୦। ଚରିତ ନା ଚରିତ୍ର	୫୦
୧୧। ସଂଗ୍ରାମ ପରେ ବିଶ୍ରାମ	୫୪
୧୨। କଜଳ ପାଉଁଆ ଭଲ ଲୋକ	୫୯
୧୩। ଆସ୍ତିକ ନା ତାନ୍ତ୍ରିକ	୬୭

—ଦ୍ୱିତୀୟ ଭାଗ—

ଶ୍ରୀ ଦେବୀ ପ୍ରସାଦ ସାହୁଙ୍କ କଲମରୁ:—

୧। ଅରୁନ୍ଧତୀର ସ୍ୱପ୍ନ	୭୧
୨। ଅଶ୍ୱଗଧ	୭୩
୩। ଦୁଇଟି ଚରିତ୍ର	୭୭

୪ । ଲୋକେ କହନ୍ତି ୬୮
୫ । ଏକ ଅନାହୂତ ଅନୁଭୂତି ୮୨
୬ । ପାଗଳର ପ୍ରଳାପ ... ୮୫
୭ । ଅଶାନ୍ତ ଝଡ଼ର ଶେଷ ... ୮୮
୮ । ଅଶାନ୍ତ ସନ୍ଧ୍ୟା ୯୧
୯ । ତିନୋଟି ପର୍ଯ୍ୟାୟ ... ୯୫
୧୦ । ତୋ ବାଜିଆ ମନ୍ଦିନ ଲୋ ବାଜିଆ ମାଆ ... ୧୦୦
୧୧ । ସଙ୍ଗୀତ, ସୁର୍ ଓ ଝଙ୍କାର୍ ୧୦୨
୧୨ । କର୍ମବ୍ୟସ୍ତ ଦୁନିଆର ରୋମାନସ୍ ... ୧୦୪
୧୩ । କେତୋଟି ମୁହୂର୍ତ୍ତ ... ୧୦୬
୧୪ । ପଲ୍ଲୀ ଦେଖା ୧୦୭

—✻✻—

ଯୁବ ସାମ୍ମୁଖ୍ୟ (ଯୁବ ସାଂସ୍କୃତିକ ଅନୁଷ୍ଠାନ)
ବ୍ରହ୍ମପୁର ତରଫରୁ

'ପ୍ରତିଭା ବିକାଶ'

॥ ସାମୟିକ ସାହିତ୍ୟ ସଂକଳନ ॥
ନୂତନ ଲେଖକ ଲେଖିକା, ଛାତ୍ର ଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର
ବିକାଶ ନିମନ୍ତେ ।

ସମ୍ପର୍କ—**ପ୍ରଦୀପଚନ୍ଦ୍ର ମହାପାତ୍ର**
ମାର୍ଫତ୍ **ଦେବୀପ୍ରସାଦ ସାହୁ**
ହାଟବନ୍ଧ ସାହି, ବ୍ରହ୍ମପୁର-୧ (ଗଞ୍ଜାମ)

"ମରମ ତଳର ବ୍ୟଥା"

ବକ୍ତବ୍ୟରେ ପଦେ:—

ଆଜିର ଦୂଷିତ ସମାଜ ମଧ୍ୟରେ ସାମ୍ପ୍ରତିକ ସଂଘର୍ଷ ମୂଳକ ଯେଉଁ ସମସ୍ୟାମାନ ଦୃଷ୍ଟିଗୋଚର ହେଉଛି ତାହାର ବିହିତ ନିରାକରଣ ସଙ୍ଗେ ସଙ୍ଗେ ଆସନ୍ନ ଉନ୍ନତି ଓ ଶାନ୍ତି ଆନୟନ ଏକାନ୍ତ ଆବଶ୍ୟକ । ଆତ୍ମସଂଯମ ବିନା ସମାଜର ଭୌତିକ ଓ ଆଧ୍ୟାତ୍ମିକ ଉନ୍ନତି ଅସମ୍ଭବ । ନବ୍ୟ ସଭ୍ୟ ସମାଜ ଆତ୍ମ ଗର୍ବରେ ଉତ୍ଫୁଲ୍ଲ । କିନ୍ତୁ ସମାଜର ବ୍ୟକ୍ତି ବିଶେଷ ବୁଝି ପାରନ୍ତିନ ଯେ "ଦୀପ ତଳ ଅନ୍ଧାର" । ସଭ୍ୟତାର ଅନ୍ଧକାର ଗହ୍ୱର ମଧ୍ୟରେ ଅସଲ ତାତ୍ତ୍ୱିକ ଭାବ ପରାହତ, ତେଣୁ ଲବ୍ଧ ପ୍ରତିଷ୍ଠିତ ଲେଖକ ବୈକୁଣ୍ଠ ପଟ୍ଟନାୟକଙ୍କ ମୂଳ ରଚନା, "**ମୂକ ଭଗବାନ**" ପଦ୍ୟରେ ଗାଇଛନ୍ତି—

"ସଭ୍ୟତାର କାଳସର୍ପ ଦଂଶେ ହୋଇଯାଉ
ପଡ଼େ ନାହିଁ ତୁମ୍ଭ ବ୍ୟଥା ଶ୍ରବଣେ କାହାରି ।"

ବାସ୍ତବିକ ସଭ୍ୟତା ରୂପକ କାଳ ସର୍ପ ଦ୍ୱାରା ବ୍ୟକ୍ତି ସ୍ୱାତନ୍ତ୍ର୍ୟ ହତ, ସମାଜ ଖର୍ବ, ଦେଶର ନିଷ୍କଳଙ୍କ ଦାରିଦ୍ର୍ୟତା ମଧ୍ୟରେ ଜାତି, ଧର୍ମ, ବର୍ଣ୍ଣ ପରାହତ, ଶିକ୍ଷା ଓ ସଂସ୍କୃତି ଆସନ୍ନ ଲୁପ୍ତପ୍ରାୟ, ସେହି ଦୁର୍ବିସହ ସାମାଜିକ ଘଟଣା ବଳୀର ଘେରେ ଶ୍ରେଣୀରେ ପ୍ରତି ବ୍ୟକ୍ତିର ମରମ ତଳର ବ୍ୟଥା ଅବ୍ୟକ୍ତ ଓ ଜର୍ଜରିତ । ତେଣୁ ବାସ୍ତବାନୁଭୂତିକୁ ଭାଷା ମାଧ୍ୟମରେ ରୂପାୟିତ ହୋଇଛି, "**ମରମ ତଳର ବ୍ୟଥା**" ମୂଲ୍ୟାଙ୍କନରେ । ପାଠକ, ବୁଦ୍ଧିବର୍ଗ ଏବଂ ଗ୍ରାହକ ଗଣଙ୍କ ଗଣନାରେ ଏହାର ମୂଲ୍ୟ ବୋଧଗମ୍ୟ ହୋଇ ପାରିଲେ ଯୁଗ୍ମ ଲେଖିକାଙ୍କ ଶ୍ରମ ସାର୍ଥକ ହେବା ମନେ କରିବୁ । ଇତି ।

ଶ୍ରୀ ଗୁଣ୍ଡିଚା, ବ୍ରହ୍ମପୁର (ଗଞ୍ଜାମ)
ତା ୨୪-୬-୭୧

ଆପଣଙ୍କର ବିନୟାବନତ,
ଯୁଗ୍ମ ଲେଖିକା—

ଶିକ୍ଷକ--ଏକ ପକ୍ଷାଘାତ ପକ୍ଷୀ

ଝଡ଼ ରାତ୍ରିର ଶେଷ ପର୍ଯ୍ୟାୟ । କଟ୍‌କଟ୍‌ ଚଡ଼୍‌କାଢ଼ରେ ଦୁଲୁକୁଛି । ବଟ, ଅଶ୍ୱତ୍ଥ, ନିମ୍ବ, କଇଁଆଚେଇ ଗୁଡ଼ିକ ଦୁର୍ଦ୍ଦମ୍ୟ ପ୍ରକୃତିକୁ ପିଠିକରି ମୁଣ୍ଡମାଡ଼ି ଘାଟ ବାଟରେ ଓଲଟିଛି । କୂଳପଟର ଘରଗୁଡ଼ିକ ଲଙ୍ଗଳା ହୋଇ ହୃଦୟାଶିରସ୍କ ଜରାଜୀର୍ଣ୍ଣ କଙ୍କାଳକୁ ଖୋଲି ନୀଳ ଆକାଶ ତଳେ ବଜ୍ରାଘାତ ରୂପରେ ପ୍ରକୃତିସ୍ଥ ହୋଇ ଛିଡ଼ା ହୋଇଛନ୍ତି । ସ୍କୁଲ ଘରର ଟିକିର ଲମ୍ବରୁ ପାହାଏ ବାଏଁ ବାଏଁ ଦୂରରୁ ଦୂରକୁ କୁଦାମାରି ପଡ଼ୁଛନ୍ତି—ବନ୍ଧୁତ୍ୱେଷୀର ତୃଷ୍ଣାର୍ତ୍ତ ଆବେଷ୍ଟନ କରି । ଗ୍ରାମା-ବାହାର ଅନନ୍ତ ଧଳକା ଧଳକା ଝଡ଼ ଇତସ୍ତତଃ ବୃକ୍ଷାନଘର ଧାଡ଼ି ସିଲ୍‌ଦରର ଗୁଡ଼ିକ ଛିନ୍ନଛିନ୍ନ ହୋଇ ଗଡ଼୍‌ ହୋଇ ଗଡ଼ୁଛନ୍ତି । ଏହେଲା ବାତ୍ୟା ଅବହେଳିତ ଅଞ୍ଚଳର ନିଷ୍ଠୁର ଜୀବନର ବାସ୍ତବତା ।

ପରଦୁଃଖୀ ହେଉଥିବା ପରିବର୍ତ୍ତେ ଶିକ୍ଷକ ମହୋଦୟ ଏକୋଣ ଆମ୍ବଗଛ ତଳେ ଗ୍ରାମ୍ୟ ବିକଳରେ ଅନ୍ତ୍ୟୁଷ୍ଟି ନେଉଛନ୍ତି । ଆଖିଆଗରେ ଦେଖିଛନ୍ତି, ବନ୍ଧୁ ଯେପରି ଅଧିକ୍ ଘରର ମୁଣ୍ଡ ଉପରେ କୋଡ଼ ହୋଇଗଲା । କେବଳ ଆଲୋକର ଝଲସ ଧାର୍‌ଧାରେ ଘନ ଅନ୍ଧାର । ସେ—ଯେତେ ଯେପରି ପୃଥିବୀ ଓଲଟି ଯାଉଛି । ଓଜନମହଲ କୋଠା ଆଜି ପିଲ୍ଲୁନାଟକ ଭୂମିସ୍ତରତ ହୋଇ ପ୍ରତ୍ୟେକ ଇଟାରୁ ଚୂନ ଲଟୁଣି ଭାବେ ଦୂରହୋଇ ଇତସ୍ତତଃ ବିକ୍ଷିପ୍ତ ପଡ଼ିଛି ।

ଶିକ୍ଷକ ତାଲିମ କେନ୍ଦ୍ରର ଛାତ୍ରାବାସରୁ ଧାଡ଼ିଏ ପ୍ରାନ୍ତରେ ଲୁହ ଫାଙ୍କୋନି ତାଲିମ ଲୁଣି ଟାଇଁ ଆସିଛନ୍ତି ଯେଉଁ ଭାନ୍ଧଡ଼ରେ ବସା ଘରକୁ । ପ୍ରବଳ ବୋମାଫୁଟି ଭଙ୍ଗା ହେଡ଼୍‌କେସରୁ ଚୂନାଚୂନା କରି ମୋଟ ଟଙ୍କାଗୁଡ଼ିକ ଦରିଦ୍ର-ନିଜ ପେଣ୍ଟ ପକେଟରେ ଭରି ନେଉଛନ୍ତି—

ସୁଜନ ଓ ସମସ୍ତେ । ଭୟାନକ ବାତ୍ୟା ମଧ୍ୟରେ ନର୍ତ୍ତକ ଚିତ୍ତରେ ତାହାର ମୁଖରେ କୃତାନ୍ତ ସମ ହସ ଖେଳୁଛି ଓ ଗୁରୁଆଡ଼କୁ ଥରେ ଦୃଷ୍ଟି ଫେରାଇ—ଏକ ଅଜଣା ପଥରେ ପେପରେ । ସୁଜନର ସ୍ମରଣରେ ଯାହା ହେଉନା କାହିଁକି ପ୍ରକୃତି ବକ୍ତୃତାରେ ଅକାଳ ଘଟଣା ଆଣିଦେଲା ଅଜସ୍ର ସମ୍ପଦ ବିନା ବାଧାରେ ଓ ବିନା ଦ୍ୱନ୍ଦ୍ୱରେ ।

ବସନ୍ତ ଚିତ୍କାର କରି କହୁଛନ୍ତି, ଆରେ ଶଙ୍କର୍ଷଣ, ଆରେ ଯାଉଛୁ କୁଆଡ଼େ ? ଦେଖିତ, ଆଉ ସାର୍ ଟାଇରେ ନାହାନ୍ତି । ଆରେ ହେ ! ସେପଟୁ ବାହାର ହୁଆଁରେ ଏକୋଣ ସେକୋଣ ହେଲପରେ ଘୁରୁଣ୍ଡି ଘୁରୁଣ୍ଡି ପାଇଖାନା ଭିତରେ ପଶିଗଲେଣି—

ଠିକ୍ ଠିକ୍ ତେବେ ଧର କାଲୁସନ୍ ଓ ରେଡ଼ିଓ ସେଟ୍— ଆରେ ହେ ! ଏହାଠାରେ ପଚା ରେଡ଼ିଓ ସେଟ୍ ଥିଲା ? ପେଟ୍ରୋମାକ୍ସ, ମାଜିକ୍‌ସେଟ୍. ଆହାରେ ଆହାରେ କଂସାବାସନର ଧାମିକା କେସ ?

ଜଣକର ଚିତ୍କାର କରୁଛି, ଚାରି ପବନ ମାରୁ ଆସିଲାରେ, ଚାଲ, ସାର୍‌ଙ୍କୁ କହିଦେବା ଉପର ଛାତକୁ ଚାଲିଯିବେ ।

ସରୋଜ୍ ଚିକ୍‌ନସ୍ କରି ଉପରୁ ଚିତକ୍ ଦୂରରେ ଶିଷ୍ୟଗଣଙ୍କ ଅପକର୍ମ ଦେଖି ଅବାକ୍ । ସେ ନିଜେ ପ୍ରଧାନ ଶିକ୍ଷକଙ୍କ ଅନୁପସ୍ଥିତିରେ ଇନ୍‌ଚାର୍ଜ ରହିଛନ୍ତି । ତାଙ୍କର ଆଖିରେ ଖୋଦ୍ ପଟ୍ଟଶିଷ୍ୟ ହୋଇ ଶଙ୍କର୍ଷଣ, ବିରୋଧ, ବସନ୍ତ ଏବଂ ସୁଜନ, ଏମାନେ ସ୍ଥାନୀବାସରେ ଖୋଦ୍ ମନ୍ତ୍ରୀରେ—ସିନିଅର ଓ ଜୁନିଅର୍ । ଖାଦ୍ୟ ମନ୍ତ୍ରୀ ଏବଂ ସାଂସ୍କୃତିକ ମନ୍ତ୍ରୀ ପଦରେ ବସି ଯାଇଛନ୍ତି । ହାୟ ଭଗବାନ୍ ! ଝଡ଼ରେ କୋଡ଼ମାଡ଼ ହୋଇ ସେ ଯୁଆଡ଼େ ଗଲେ, କିନ୍ତୁ ସରୋଜବାବୁ ଛକିଟି ମଧ୍ୟରେ ଇନ୍‌ଚାର୍ଜ ।

ନାଇଟ୍ ଓ୍ୱାଚର, ପିଅନ୍ ଗୁଡ଼ାକ ଚାଟି କବାଟ ଦେଇ ଭଙ୍ଗା ଚୂଳଲେ ଆଶ୍ରୟ ନେଇଛନ୍ତି । ଅସ୍ୱାଭାବ ପବନ ସଙ୍ଗେ ବାତ୍ୟା

କୋହଲରେ ଦେହ ଜାଳିମି ଯାଉଛନ୍ତି, କିଏ ବା ବନ୍ଦୋବସ୍ତର ଝଡ଼ଝଞ୍ଜା ସମ୍ଭାଳିବାକୁ ପଡ଼ିବ । ସରକାରୀ ତେରିଜା ଉଠିବ ତାଙ୍କର ନାମରେ ସେକଥା ବହୁ ପୂର୍ବରୁ ହୃଦ୍‌ବୋଧ କରିଥିଲେ । ଚିତ୍ତଭ୍ରମ ମଧ୍ୟ ବାଢ ଯାଏନି ।

ଦୂରସ୍ଥ ପାଇଖାନା ଭିତରୁ ସେ ସାବଧାନ ସଙ୍କେତ ଦେଇ ଉଡ଼ ଗୁଣ୍ଡୁଛନ୍ତି—ସୁଜନ, ସିନ୍ଧେ !

ଆହୁରି ଯୋରରେ ଚାଟିକରି—ଶଙ୍କର୍ଷଣ ! ଶୀତଳ କୋହଲରେ ତାଙ୍କର ସେହି ଚିତ୍କାର ଉଡ଼ି ଉଭାଇଗଲା । ପବନର ମୂର୍ଚ୍ଛାର ସୁଅରେ ହଜିଗଲା ଦଗରେ ବୋହିଗଲା । ଅଜ୍ଞାନ ବେକରେ ପଦ୍ମରେ କିଏ ? ଆଜି ଭୁଜ ପନସମାଳି ନେଇ ସହରର ମାଟିକୁ ଚଳାଣ କରିଦେଇ, ସେହି ଝଡ଼ ବର୍ଷାରେ ଓଦା ଘରଘର ହୋଇ ସୁପୁରୁଷର ଫେରିଛନ୍ତି, ଲୋଲୁପ ଦୃଷ୍ଟିରେ ମାଳିଗଡ଼ାର ତଳକୁ । ମଝି ଚଳରେ ଚଲ ଶାଗୁଣା ପରି ଆହୁରି ସାଙ୍ଗ ସୁଟରେ ଦୁଇ ଗୁଡ଼ିଜଣ ହାହାକାର ସ୍ଥାନ ।

ସହବାଜବାବୁ ଉଡ଼ି ଆସିଥିବା ଏକ ଝଞ୍ଜାଘାତ ପରି । କିଷନ କଲୋନୀ ଘରର କାନ୍ଥ ମୁକୁଳା ହୋଇ ସବୁ ଜିନିଷ ନଷ୍ଟ । ହିନ୍ଦୁଗୁଡ଼ିକ ଆକାଶ ଉପରେ ପବନ ତରଙ୍ଗରେ ସଙ୍ଗୀତ ତୋଳି ଚଲ ଶାଗୁଣା ପରି ବହୁ ଉଚ୍ଚକୁ ଉଡ଼ି ଯାଉଥିବା ଝଡ଼ତୋଫା ମଧ୍ୟରୁ ନିଜର ପିଲା-କବିଲାଙ୍କୁ ରକ୍ଷା କରିବାକୁ ଯାଇ ଅନ୍ଧାରରେ ଲୁଚା ଭିଜିଲେ । ଆଣ୍ଠୁ ଆଣି ପାଣି କାଦୁଅ ମଧ୍ୟରେ ସ୍ତ୍ରୀଙ୍କଠାରେ ଗୋଟିକ ପରେ ଗୋଟିଏ ଛୁଆଙ୍କୁ ନେଇ ନିରାପଦ ପାଇଖାନାର ଉପରେ ଚଟା କବାଟକୁ ପାର ସ୍ୱସ୍ତି କରିବାରେ ଯତ୍ନ ନେଲେ । ଠିଆ ହେବାର ଜାଗା ନାହିଁ । ପାଇଖାନା କାନ୍ଥର ରନ୍ଧ୍ର ଦେଇ ସେ ସମସ୍ତ ହଦ୍‌ବେଦ ତାକିମ କିଷନଙ୍କୁ କୋଡ଼୍‌ରେ ଡାକିଲେ । ଭାବ ଏକ ଦୁର୍ଘ୍ଟଣୁ ବାଧ୍ୟରେ—ଦୂରରୁ ପ୍ରଣାମ କଲେ । ଝଡ଼ ତୋଫାନର କବଳରେ ପଡ଼ିବ, ସମସ୍ତେ

ସମସ୍ତେ ବକ୍ତୃ କମ୍ପନରେ, ତାଙ୍କର କଣ୍ଠ କ୍ଷୀଣତର ହେଲା । ଅଥଚ ନବେଦ ହେଲେ ।

ସୁଟ୍‌କେସ୍, ଉପାନ୍ତିର୍ଣ୍ଣେ କଳ, ଛତା ନେଇ ସବେ ଚାଲି- ଗଲେ । ସୁଜନ ସୁନା ପିଲଙ୍କ ପରି ସ୍ମୃତିବାଧକ ଉଦ୍ଭ୍ରାନ୍ତ ସ୍ମୃତି ତଳକୁ ନାସ୍ତିକ ମନରେ ଦୌଡ଼ିଆସି ଆଶ୍ରୟ ନେଲା ।

ସ୍ମୃତିବାଧକ ଡାକଖାନା ପ୍ରତି ତୀକ୍ଷ୍ଣ ଦୃଷ୍ଟିପାତ କଲା । କିନ୍ତୁ ମରବରରେ ଚଢିଥିବା ଶିକ୍ଷକଙ୍କ ଡାକରେ ଯେ ଭ୍ରୂକ୍ଷେପ ନକରି ଠିଆହୋଇ ରହିଲା । ଇତ୍ୟବସରରେ ଯତୀଶବାବୁ ଆଖିର ଲୁହ କାନିରେ ପୋଛି ସ୍ଥିର ହେଲେ ।

ତୋଫାନରେ କ୍ଷୟକ୍ଷତିର ସୀମା ନାହିଁ । ବେଞ୍ଚଟାରେ ଶୋଇ ଶୋଇ ସ୍କୁଲ ଗଡ଼ନ-ଭେଙ୍ଗ କୋଠାର ଚିହ୍ନ ଭରି ଦେଉଥିଲେ, ଶ୍ମଶାନ ପରି ନିର୍ଜନ ନିସ୍ତବ୍ଧ ହୋଇ ଭୟାନକ ଦେଖା ଯାଉଥିଲା, ଯେଉଁ ଭଗ୍ନସ୍ତୂପ ମଧ୍ୟରେ ଯତୀଶବାବୁ ଭିଜା ଚକ୍ଷୁରେ ଓ ଜାଗାର ତର୍ପଣ କରି ଦୁଇଦିନ କଟାଇଲେ । ପିଲା ଗୁଡ଼ିକ ଏମିତି ଦୁର୍ବଳ ଓ ରୋଗଗ୍ରସ୍ତ । ସ୍ତ୍ରୀ ଙ୍କର ଶଯ୍ୟା । ଦୈବାତ୍ ଯତୀଶବାବୁଙ୍କ ଶ୍ୱଶୁର ଟେଲିଗ୍ରାମ ପାଇ ପାଦେବାକ ଚାଲି ବହୁ କ୍ଲେଶ ସହ୍ୟକରି କଟକରୁ ପହଞ୍ଚିଲେ । ପିଲାଙ୍କୁଆଙ୍କୁ ନେଇ ସ୍ତ୍ରୀଙ୍କୁ ବିଦାୟ ଦେଲେ, କିନ୍ତୁ ନିଜେ ଦାୟିତ୍ୱ ବନ୍ଧନରେ ଥିବାଯୋଗୁଁ ନକ୍ଷେତ୍ର ବନ୍ଧା ହୋଇ ଅଟକି ଗଲେ ।

ପ୍ରଧାନ ଶିକ୍ଷକ ହଠାତ୍ ତୋଫାନ୍ ପରେ ପରେ ସ୍କୁଲ ଇନ୍‌ସପେକ୍ଟରଙ୍କ ଡାକ ରେ ଚାଲିଯାଇ ଗଲେ । ଠିକଣାଟି କରି ତଦନ୍ତକଲେ । ସର୍ବନାଶ ଓ ଉପେକ୍ଷିତଃ ଆସବାବ୍ ଓ ମୂଲ୍ୟବାନ୍ ଜିନିଷର ଅନୁପସ୍ଥିତି ସଙ୍ଗେ ଟ୍ରେଜେରୀରେ ଧନର ତଦନ୍ତ ହେଲା । ଯତୀଶ ଅବାକ୍ ହେଲେ—"ହେଉ ମା ଯଦି କାନ୍ଦେ ଦୁଆରେଦେଇ କାନ୍ଦେ" ।

ପ୍ରଧାନ ଶିକ୍ଷକଙ୍କୁ ଟିକିନିଖି କରି ସ୍କୁଲର ସମସ୍ତ ଗୁଣଗ୍ରାହୀ ଛାତ୍ରଙ୍କ ଠିକଣା ଦେଇ ପୋଲିସ୍ ଇତଲା ହେଲା, ନଭୁବା ଗୃହକଣ ? ପରିଶେଷରେ ଜଣେ ଦୁଇଜଣ ଜବନ୍ଦ୍ ହେଲେ । ଟଙ୍କାତ ଫେରିବା ଜିନିଷ ନୁହେଁ ।

ସରୋଜ ହାତ ମଳି ମଳି, ମୁଣ୍ଡ ଟେରର ଚୁଳକୁ ଟେକି, ସୁନାପିଲା ପରି ଭଲଲୋକ ପାଲଟିଲେ । ଅଥଚ ଟଙ୍କାର ନାମରେ ପ୍ରସାଦ ହଲପ ପାଇଁ ପ୍ରସ୍ତୁତ ହେଲେ ସିନା ଗୁରୁଙ୍କଙ୍କ ମହତ୍ତ୍ୱରକ୍ଷା ଅସମ୍ଭବ ହେଲା ।

ଟଙ୍କାର ପ୍ରମାଣ ଦେବାକୁ ହେଲେ, ନିହାତି ପ୍ରତ୍ୟକ୍ଷ ସାକ୍ଷ୍ୟ ଦରକାର । କିନ୍ତୁ ନିଜେ ସୁଜନ ଓ ସରୋଜଙ୍କ ଗୃହଆଗି ବ୍ୟତୀତ ଅନ୍ୟର ଦୃଷ୍ଟି ପଡ଼ିନାହିଁ । ଶିକ୍ଷକଙ୍କ ବିଦ୍ୟାର୍ଥୀ ଛାତ୍ର, ତାଲିମ୍ ଶିକ୍ଷକଙ୍କ କର୍ତ୍ତବ୍ୟର ପରାକାଷ୍ଠା ନିଜେ ସରୋଜ ହୃଦ୍‌ବୋଧ କଲେ । ନୀରବ ନିସ୍ପନ୍ଦ ହୋଇ ଆକାଶପାତାଳକୁ ଚାହିଁ ରହିଲେ । ଥଳକୂଳ ନପାଇ ନିଜ ହାତରୁ କ୍ଷ୍ୟୁଷତର ପରିମାଣ ଅନୁସାରେ ନଗଦ ଟଙ୍କା ଦେବାକୁ ପରିଶେଷରେ ସ୍ଥିର ହେଲା ।

ଅସ୍ଥାୟୀଭାବେ ସ୍କୁଲ ସ୍ଥାନାନ୍ତରିତ ହେଲାବେଳେ ମଧ୍ୟ ଲାଗିରେ ଜିନିଷ ବୋହେଇ ହେଲା । ଟାଁଆ ଗନ୍ଦଳିରେ ଗଳିରେ ମୋଟରେ ପାରହେଲା ବେଳେ ସୁଜନରେ ଦ୍ୱନ୍ଦ୍ୱ ଚଣିଆ ଗଲାନାହିଁ । ଶିକ୍ଷକଙ୍କ ଅଜ୍ଞାନ୍ତସାରରେ ବେଞ୍ଚ, କୁର୍ଚି, କଂସା ବାସନ ମଧ୍ୟ ଫିଙ୍ଗିଲେ । ପରିଶେଷରେ ତାହା ମଧ୍ୟ ସରୋଜବାବୁଙ୍କ ଡଉଲସ୍ଥରେ ଆବଦ୍ଧ ରହିଲା ।

ସେମାନେ ପରୀକ୍ଷା ସମୟରେ ଶିକ୍ଷକଙ୍କୁ ଛୁରିଆ ଦେଖାଇ ଅସାଧୁପନ୍ଥା ଅବଲମ୍ବନ କରି ପାସ୍ ହେବାକୁ କିଛି କମ୍ କୁଧାନ୍ତ କରିନଥିଲେ । ତେବେ ସେମାନେ ହେବେ ଭବିଷ୍ୟତ୍ ଜନସମାଜର

ଶିକ୍ଷକ ଓ ସମାଜ ସେବକ—ତାହା ମନେ ମନେ ଭାବି ଭାବି ଶାନ୍ତଶିଷ୍ଟ ସରୋଜବାବୁ ନିର୍ବେଦ ପାଲଟି ଗଲେ ।

ବନ୍ଧୁବର ସରୋଜ ଜୀବନରେ ଏକ ନୂଆଁ ଅଧ୍ୟାୟ ଖୋଲିଗଲା । ସେ ନିରାଡ଼ମ୍ବର, ସରଳ, ଅମାୟିକ । ଶିକ୍ଷାରେ ଜ୍ଞାନୀ, ଧନରେ ମାନୀ । ଶାନ୍ତି, ଶୃଙ୍ଖଳା, ନ୍ୟାୟ ଧର୍ମର ବର୍ତ୍ତର ନେଇ ଚଳିବାକୁ ସେ ଯେତେ ଇଚ୍ଛା କରନ୍ତି ନିଷ୍ଠୁର ସମାଜର ଦାୟାଦ୍ ହେବାକୁ ତାଲିମ୍‌ପ୍ରାପ୍ତ ଶିକ୍ଷକ ରୂପେ ଯିବା ଗ୍ରାହକଗଣଙ୍କ ଦାୟିତ୍ୱ ହୀନତା, ଦୁର୍ବ୍ୟବହାର ପରିପୂର୍ଣ୍ଣ ଆଚରଣରେ ଗ୍ରନ୍ଥିକନ୍ଦର ମାଂସପେଶି ଗୁଡ଼ିକ ଫଟଫଟ କରି ଫେଟି ହୋଇ ଯାଉଛି । ନିଷ୍ଠୁର ସମାଜର ହିଂସ୍ରକୁଳ ଦରପାଠୁଆ ପ୍ରାଣୀଙ୍କ ବ୍ୟାଘ୍ର ଲୋଲୁପୀ ହିଂସାରେ ଜୁଳୁବୁଳୁ ହେଉଥିବା ଭବିଷ୍ୟତ ନାଗରିକ । ସେ ପୁଣି ସମାଜର ଭବିଷ୍ୟତ ଚଳାଇବେ କେଉଁ ଦିଗରେ—ଊର୍ଦ୍ଧ୍ୱକୁ ନା ନିମ୍ନକୁ, ସ୍ୱର୍ଗକୁ କି ନା ନର୍କକୁ ?

ଖୋଦ୍ ନଗଦ ତିନିହଜାର ଟଙ୍କା ପରିଶୋଧ କରିବାକୁ, ନିଜର ପୁତ୍ରକନ୍ୟାଙ୍କ ପାଇଁ ସଞ୍ଚିତ ଧନ ଅଳଙ୍କାର ନେଇ । ହେଲେବି ଗୃହିଣୀ ପରର କୃପା କାମ୍ୟ ଦୟା । ସେ ଶିକ୍ଷକ । ସମାଜ ଅନ୍ଧ । ତାକୁ ଚଳାଇବା ପାଇଁ ଯେ ହେବେ କର୍ଣ୍ଣଧାର । ଗୋଟିଏ ଭୁଲ କୋଟିଏ ହୁଏ । ସେ ହେଉଛନ୍ତି ସମାଜର ପରିହାସକାରୀ ଆଦର୍ଶ ନାଗରିକ । ସର୍ବଂସହା ଧରଣୀ ସବୁ ସହେ, ସବୁ ଜାଣେ । କିନ୍ତୁ ସେ ଆଜି ଏକ ସାମାଜିକ ପ୍ରାଣୀ ହୋଇ ନିର୍ବୋଧ, ଅଜ୍ଞ, ଅସନ୍ତୁଷ୍ଟ ଓ ସମାଜର ଏକ ଅସାମାଜିକ ପ୍ରାଣୀରୂପେ ଉପେକ୍ଷିତ । ଧନ୍ୟ ଈଶ୍ୱର ! ଧନ୍ୟ ତୁମର ପ୍ରେରଣା !! ଆମର ଶିକ୍ଷା ଧନ୍ୟ ଓ ସମାଜ ମଧ୍ୟ ଧନ୍ୟ ! ବିଶ୍ୱାସ କେଉଁଠି ? ଶିକ୍ଷକ ଆଜି ସାମାଜିକ ଝଡ଼ ଝଞ୍ଜାରେ ଉପେକ୍ଷିତ, ପକ୍ଷାଘାତ ଓ ରୋଗଗ୍ରସ୍ତ ।"

ଗ୍ରାହକ ସମାଜ ଝଞ୍ଜା । ସମାଜ ଆଜି କୁପଥର ପରିଚାଳନାରେ ବ୍ୟଗ୍ର । ଗ୍ରାହକ ସମାଜର ପରଂପରା ପରିହତ । କୁପଥଗାମୀ ପ୍ରାଣୀର ପ୍ରାଣ

ମଧ୍ୟରେ ଉଷ୍ମ ରକ୍ତର ସୁଭାବନା ଆସିବ କେଉଁଠି ? କ୍ଷଣିକ ସଂପର୍କରେ ଶିକ୍ଷକ ଛାତ୍ର ସହିତ ଯେଉଁ ସମ୍ପର୍କ ଓ ସୁସମ୍ବନ୍ଧ ସ୍ଥାପନ କରେ ତାହାର ପରାକାଷ୍ଠା ଓ ଗମ୍ଭୀରତା କେତେ ? ଅଭିଭାବକ ପ୍ରଭାବରେ ପ୍ରଭାବିତ ଛାତ୍ର ସମାଜ ଆଜି ପଙ୍ଗୁ, ଅଥର୍ବ ଓ ଖଞ୍ଜା ହେଲେ ହେଁ ଦୁର୍ଲ୍ଲଭ ସମାଜ ମଧ୍ୟରେ ଶିକ୍ଷକ କଣ ବାସ୍ତବରେ ସାମାଜିକତା ଉପଲବ୍ଧି କରିପାରିବ ନାହିଁ ? ସମାଜର କର୍ଣ୍ଣଧାର ରୂପେ ଜୀବନ ତରଣୀକୁ ଠିକ୍ ରାସ୍ତାରେ ଚଳାଏ କିଏ ? ସମାଜର ଦୁଃଖ ସୁଖରେ ସମଭାଗୀ ଶିକ୍ଷକ ଆଜି ଉପେକ୍ଷିତ ଓ ସମୂଳେ ପରିବର୍ଜିତ । ଖୋଦ୍ ପ୍ରବଳ ସମ ଛାତ୍ରସମାଜର ଝଡ଼ଝଞ୍ଜାରେ ପକ୍ଷାଘାତ ପକ୍ଷୀ । ଆଜି ସେ ମୁମୂର୍ଷୁ, ନିସ୍ତବ୍ଧ ଓ ଅଥର୍ବ ।

ଆଧୁନିକ ସମାଜର ବେଦରକାରୀ ଏକମାତ୍ର ପ୍ରାଣୀ କହିଲେ ଅସତ୍ୟ ହେବ ନାହିଁ । କ୍ଲିଷ୍ଟ ସମାଜ ମଧ୍ୟରେ "ଶିକ୍ଷକ ଏକ ପକ୍ଷାଘାତ ପକ୍ଷୀ"।

ଜାତି ସୂର୍ଯ୍ୟ ଶଶୀଭୂଷଣ

ଭାରତବର୍ଷର ପରାଧୀନତା ସ୍ବୀକାରର ବହୁବର୍ଷ ପରେ ଯେତେବେଳେ ଜନ-ସମାଜ ନିଷ୍ପେଷିତ, କଳଙ୍କିତ, ଅବହେଳିତ ଏବଂ ରାଜନୈତିକ ଘନଘଟାର ରଥଚକ୍ରତଳେ କେତେ ବିଜ୍ଞ, ଜ୍ଞାନୀ, ସ୍ୱାର୍ଥୀବର୍ଗ ଦଳିତ, ମଥିତ ହୋଇ ନିଷ୍ପିଷ୍ଟ, ଠିକ୍ ସେତିକି ବେଳେ ଗଞ୍ଜାମ ଓଡ଼ିଶା ରାଜ୍ୟର ଖଲ୍ଲିକୋଟ ଅନ୍ତର୍ଗତ ସୁରଡ଼ା ବା ଇନ୍ଦ୍ରାସ ଭୂମିର ସୁରଗଡ଼ରେ ସ୍ବର୍ଗତ ଶଶୀଭୂଷଣ ରଥଙ୍କ ୧-୧-୧୮୭୭ ରେ ଜନ୍ମ । ବଞ୍ଜୁଳ ମଞ୍ଜୁଳ ବନାନୀ ମଧ୍ୟରେ ସେ ବନଫୁଲ ସମ

ଏକ ନିଷ୍ପେଷିତ ଦରିଦ୍ର ପରିବାରରେ ଜନ୍ମଲାଭ କରି, ତତ୍ରସ୍ଥ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ଶେଷାନ୍ତେ ବିଭିନ୍ନ ଆନ୍ଦୋଳନ ମାଧ୍ୟମରେ ନିଜର ସ୍ଥିତି-ଗତି-ମୁକ୍ତିର କାମନାକୁ ଫଳବତୀ କରିବା ନିମନ୍ତେ ଯତ୍ନବାନ୍ ହେଲେ । ଉଦାର ଚରିତ୍ରରେ, ଉଦାତ୍ତଭାବେ ସାମାଜିକ ଓ ପାରିପାର୍ଶ୍ୱିକ ଦୁଃସ୍ଥିତିକୁ ଦୂର କରିବା ନିମନ୍ତେ ତଦାନୀନ୍ତନ ପାରଳାଖେମୁଣ୍ଡି ଗଜପତି କଲେଜରେ ଅଧ୍ୟୟନ କରିବା ଉଦ୍ଦେଶ୍ୟରେ ଗମନ କଲେ । ପରିଶେଷରେ ସେହି କଲେଜରେ କୃତିତ୍ୱ ସହକାରେ ଏମ୍. ଏ. ପାସ୍ କରି ଜୀବିକାନ୍ୱେଷଣ ପୂର୍ବକ ଇତସ୍ତତଃ ଗମନ କରି ମରାଠା, ଗୁଜରାଟ ଓ ପରିଶେଷରେ ବମ୍ବେ-ଠାରେ ଉପସ୍ଥିତ ହେଲେ ।

ପରିଶେଷରେ ଲାଲ୍, ବାଲ, ପାଲଙ୍କ ଆଦର୍ଶାନୁସରଣରେ ଆତ୍ମ-ନିର୍ଭରଶୀଳ, ପ୍ରଗତିଶୀଳ ଆଭିମୁଖ୍ୟ ନେଇ ପୁନାରେ **Ruth & Co** ନାମରେ ଏକ ଚମଡ଼ା କାରଖାନା ସ୍ୱୋପାର୍ଜିତ ପୁଞ୍ଜିରେ ପ୍ରତିଷ୍ଠା କରି କାଳକ୍ଷେପଣ କରିବାକୁ ଲାଗିଲେ । ଅଥଚ ସ୍ୱ ଜନ୍ମଭୂମିର ଅବହେଳିତ ନିଷ୍ପେଷିତ ଶୋଷିତ ଦଳିତ ଅବସ୍ଥା ଅବଲୋକନରେ ତାଙ୍କର ହୃଦୟ ଜର୍ଜରିତ ହୋଇ ପରିଶେଷରେ ବ୍ରହ୍ମପୁର ଠାରେ ଅବସ୍ଥାନ କରି ସ୍ୱଦେଶ ଗଠନ ଓ ସ୍ୱାଧୀନତା ଆନ୍ଦୋଳନରେ ଅଗ୍ରଣୀ ହେବାକୁ ଜାଗଭଆର ହେଲେ । ତେଣୁ ସେହି **Ruth & Co** ପୁନାଠାରେ ତତ୍ରସ୍ଥ ଏକ ଯୁବକଙ୍କ ହସ୍ତରେ ଅର୍ପଣ କରି ସ୍ୱଗୃହାଭିମୁଖୀ ହେଲେ । ଆଗମନାନ୍ତେ ସ୍ୱଦେଶୀ ଆନ୍ଦୋଳନରେ ଯୋଗଦେଇ ଚିର ଅବହେଳିତ ଦଣ୍ଡାସି (ଏକ ଅସ୍ପୃଶ୍ୟ ଜାତି) ରୂପେ ବିବେଚିତ ହେଉଥିବା ଅସ୍ପୃଶ୍ୟ ଜାତିର କର୍ଣ୍ଣଧାର ରୂପେ 'ଦଣ୍ଡାସି ସଙ୍ଘ' ଗଠନପୂର୍ବକ ସେ ତାହାର ସଭାପତି ରୂପେ ଆଜୀବନ କାର୍ଯ୍ୟ କରି ଥିଲେ । ତତ୍ସହ, ଶିକ୍ଷା ଓ ସଂସ୍କୃତି ମାଧ୍ୟମରେ ଗଠନ କରି ଅବହେଳିତ ଗଞ୍ଜାମର ଉକ୍ତ

ଦଣ୍ଡାସି ଜାତିକୁ ବ୍ରିଟିଶ୍ ସରକାରଙ୍କ ଦୃଢ଼ ବନ୍ଧନରୁ ମୁକ୍ତ ଦେବାକୁ ପ୍ରସ୍ତୁତ ହେଲେ ।

ଇତ୍ୟବସରରେ ୧୯୦୯ ଖ୍ରୀଷ୍ଟାବ୍ଦରେ ସ୍ୱର୍ଗତ ମହେନ୍ଦ୍ର ମର୍ଦ୍ଦରାଜ ଦେବଙ୍କ ବିୟୋଗ ହେଲା, କିନ୍ତୁ ୧୯୦୨ ଖ୍ରୀଷ୍ଟାବ୍ଦରେ ଯେଉଁ ସର୍ବ ପ୍ରଥମ "ଗଞ୍ଜାମ ସମ୍ମିଳନୀ" ସଙ୍ଗେ ସଙ୍ଗେ 'ଉତ୍କଳ ସମ୍ମିଳନୀ' ଆହୂତ କରିଥିଲେ, ଯେଉଁଥିରେ କେବଳ ଗଞ୍ଜାମର ନୁହେଁ ସମଗ୍ର ଓଡ଼ିଶାର ବହୁ ଗଣ୍ୟମାନ୍ୟ ଧୀଶକ୍ତି ସମ୍ପନ୍ନ ବ୍ୟକ୍ତିଗଣ ଉପସ୍ଥିତିରେ ଗଞ୍ଜାମ ତଥା ଓଡ଼ିଶା ଗଠନର ମୂଳ ବହ୍ନିକୁ ଜାଗ୍ରତ କରାଇଥିଲେ । ବ୍ୟାସକବି ଫକୀର ମୋହନ, କବିବର ରାଧାନାଥ, କୁଳବୃଦ୍ଧ ମଧୁସୂଦନ, ଉତ୍କଳ ଭୀଷ୍ମ ନୀଳକଣ୍ଠ ଏବଂ ସର୍ବୋପରେ ଉତ୍କଳମଣି ଗୋପବନ୍ଧୁ ସଙ୍ଗେ ସଙ୍ଗେ 'ଗଞ୍ଜାମ ସମ୍ମିଳନୀ'ର ଆୟୋଜନକାରୀ ସ୍ରଷ୍ଟା ସ୍ୱର୍ଗତ ମାଳମଣି ବିଦ୍ୟାରତ୍ନ, ସ୍ୱର୍ଗତ ଜଦୁକୃଷ୍ଣ ତ୍ୟାଗ ଉତ୍ସାହମୂଳକ ସହିତ ଜାତିପ୍ରିୟ ସ୍ୱର୍ଗତ ଶଶିଭୂଷଣ ରଥଙ୍କ ପୌରହିତ୍ୟରେ 'ଉତ୍କଳ ସମ୍ମିଳନୀ' ପ୍ରତିଷ୍ଠିତ ହେଲା । ଏହି ଅବସରରେ ଚିକିଟି, ବଡ଼ଗଡ଼, ପାରଳାଖେମୁଣ୍ଡି, ଧରାକୋଟ, ସାନଖେମୁଣ୍ଡି, ବଡ଼ଖେମୁଣ୍ଡି ଶେରଗଡ଼, ମଞ୍ଜୁଷା, ତରଳା, ମନ୍ଦସା ସଙ୍ଗେ ସଙ୍ଗେ ଖଲ୍ଲିକୋଟ ଧରଣୀଶମାନଙ୍କୁ ସୁସଙ୍ଗଠିତ କରି 'ଗଞ୍ଜାମ ସମ୍ମିଳନୀ'ର ଅଫିସ ପାଇଁ ଗଞ୍ଜାମ-କଳାପଚ୍ଛେଦ ଗଠନାନ୍ତେ ଗଞ୍ଜାମ ସମ୍ମିଳନୀକୁ ଉଦ୍ଘାଟନ କରିଥିଲେ ।

ବଡ଼ଗଡ଼ର ରାଜ ପୁରୋହିତ 'ବଜ୍ର' ବଂଶରେ ଅନ୍ନପୂର୍ଣ୍ଣା ଦେବୀଙ୍କ ପାଣି ଗ୍ରହଣ କରି ଜୀବନକୁ ଧନ୍ୟ କରିଥିଲେ । ବଡ଼ଗଡ଼ ଓ ଚିକିଟି ରାଜ ପରିବାରଙ୍କୁ ମଧ୍ୟ ତଥାପି ବୈବାହିକ ଯୋଗସୂତ୍ରରେ ଆବଦ୍ଧ କରାଇଥିବା ସୂଚନା ମିଳେ । ୧୯୧୨ ଖ୍ରୀଷ୍ଟାବ୍ଦରେ ସେ ପୁନା ସହରରୁ ଫେରି ବ୍ରହ୍ମପୁରଠାରେ ନିର୍ଦ୍ଦିଷ୍ଟଭାବେ ଅବସ୍ଥାନ କରୁଥିଲେ । ତା ୧୩-୪-୧୯୧୩ ଖ୍ରୀଷ୍ଟାବ୍ଦରେ ସୁପ୍ରସିଦ୍ଧ ଜାନକୀଶ

ଓଡ଼ିଆ ସାପ୍ତାହିକ ପତ୍ରିକା 'ଆଶା' ଉନ୍ମୋଚନ କରିବା ପରେ, ସଦ୍ୟଜାତ ସ୍ନେହାନୁଗତ କନ୍ୟାକୁ ଆଶାନାମରେ ନାମିତ କରିଥିଲେ । ଏହା ରାଜନୈତିକ ସଚେତନାର ଚରମ ନିଦର୍ଶନ ମାତ୍ର । ଉକ୍ତ ଆଶା ପରେ ଶେଷରେ ଖ୍ରୀଷ୍ଟାବ୍ଦ ୧୯୨୮ ରେ ଦୈନିକରେ ପରିଣତ ହୋଇଥିଲା । ଏହା ପୂର୍ବରୁ ୧୯୨୨ ଖ୍ରୀଷ୍ଟାବ୍ଦରେ ଦକ୍ଷିଣ ପ୍ରଦେଶରେ ନିଜର ଯୁକ୍ତିକୁ ଉପସ୍ଥାପିତ କରିବା ନିମନ୍ତେ **"East Coast Pradeep"** ନାମରେ ଇଂରାଜୀ ଦୈନିକ ପତ୍ରିକା ପ୍ରକାଶ କରି ଦେଶ ଦଶର ବିଶେଷ ଉପକାର କରିଥିଲେ ।

ଗଞ୍ଜାମରୁ ମେଡ୍ରାସ ଲେଜିସ୍ଲେଟିଭ ଆସେମ୍ବ୍ଲିର ସଭ୍ୟରୂପେ ୧୯୨୯ ଠାରୁ ୧୯୩୧ ମସିହା ପର୍ଯ୍ୟନ୍ତ ଓଡ଼ିଆଙ୍କ ଓଡ଼ିଶା ଗଠନକୁ ସୁଦୃଢ଼ କରିବା ନିମନ୍ତେ ଆପ୍ରାଣ ଚେଷ୍ଟା ପ୍ରଶଂସାର୍ହ କହିଲେ ଅତ୍ୟୁକ୍ତି ହେବନାହିଁ । ୧୯୨୭ ରେ ମହାତ୍ମାଗାନ୍ଧୀଙ୍କ ଗଞ୍ଜାମ ଆଗମନରେ ପୁରୁଷୋତ୍ତମ ରମ୍ଭା ରାଜ ପ୍ରାସାଦରେ ସାତଦିନ କାଳ ମହାତ୍ମା ଗାନ୍ଧୀଙ୍କୁ ସମ୍ବର୍ଦ୍ଧନା କରିଥିଲେ । ୧୯୩୦ ରେ ମହାତ୍ମାଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଇ ଜେଲଦଣ୍ଡ ଭୋଗିଥିଲେ । ୧୯୩୧ ରେ ପୁନଶ୍ଚ ବ୍ରିଟିଶ ସରକାରଙ୍କ ଟେବୁଲରେ ଓଡ଼ିଆଙ୍କ ଦାବି ଉପସ୍ଥାପନ ନିମନ୍ତେ ସ୍ୱୟଂ ବିଶେଷଜ୍ଞ ହୋଇ ଯେଉଁ ପଦକ୍ଷେପ ନେଲେ, ତାହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ବହୁ ପ୍ରଶଂସାଭାଜନ ହେଲେ । ତାହାଙ୍କର ଅନ୍ୟ ଏକ ସୃଷ୍ଟି ହେଉଛି "ଗାନ୍ଧି ଭବନ"—ଅବିନାଶୀ ଓ ଅବିସ୍ମରଣୀୟ କହିଲେ ଭୁଲ ହେବନାହିଁ । ଓଡ଼ିଶା ଶିକ୍ଷାବୋର୍ଡରେ ସଭ୍ୟ ରୂପେ ୧୯୪୦ ଖ୍ରୀଷ୍ଟାବ୍ଦରେ ନିଯୁକ୍ତ ହୋଇ ଦେଶ ଦଶର ସର୍ବାଙ୍ଗୀନ ଉନ୍ନତି ପରିକଳ୍ପନାରେ ନିଜର ଧନ ସମ୍ପଦକୁ ବିନିଯୋଗ କରିଥିଲେ । ସେ ଥିଲେ ଯୁଗାନ୍ତକାରୀ ଯୁଗସ୍ରଷ୍ଟା ସଂଗଠକ ଓ ଦେଶ ସେବକ । କେବଳ ଗଞ୍ଜାମ ନୁହେଁ ସମଗ୍ର ଓଡ଼ିଶାର ତାଙ୍କପରି ଅବିସ୍ମରଣୀୟ ସ୍ୱନାମଧନ୍ୟ ଜନନାୟକଙ୍କ ଆବିର୍ଭାବ ଏକ ଅକଳ୍ପିତ ଗୌରବ ମାତ୍ର ।

ସର୍ବୋପରି ବ୍ରହ୍ମପୁର ପୌରସଭାରେ ଦୀର୍ଘ ୧୮ ବର୍ଷକାଳ ସଦସ୍ୟରୂପେ ବହୁବିଧ ଉନ୍ନତିରେ ହସ୍ତକ୍ଷେପ କରି ଜନକଲ୍ୟାଣ ସାଧନରେ ବ୍ରତୀ ଥିଲେ । ଭାଷା ସୂତ୍ରରେ ଓଡ଼ିଶା ଗଠନ ନିମନ୍ତେ ଓଡ଼ନେଲ୍ କମିଟି ସମ୍ମୁଖରେ ଯେଉଁ ନାଗରିକ୍ ପଦକ୍ଷେପ ଦ୍ୱାରା ଗଞ୍ଜାମକୁ ଓଡ଼ିଶା ସହିତ ସଂଯୋଗ କରିନେଲେ ତାହା ବାସ୍ତବିକ ଅବିସ୍ମରଣୀୟ । ବିକଳାଙ୍ଗ ଓଡ଼ିଶା ୧୯୩୬ ଅପ୍ରେଲ୍ ପହିଲାରେ ପୁନର୍ଗଠିତ ହୋଇ ସ୍ୱତନ୍ତ୍ର ଓଡ଼ିଶାରୂପେ ବର୍ଦ୍ଧିତ ହେଲା । ଇତ୍ୟବସରରେ ବ୍ରହ୍ମପୁର ପୌର ସଭାରେ ଦୀର୍ଘ ୮ ବର୍ଷ କାଳ ଉପସଭାପତି ରୂପେ ଓଡ଼ିଶା ସଂଗଠନ ଗୃହକୁ ପୁନର୍ଗଠନ ଓ ପ୍ରାଣଦାନ କରିଥିବା କମ୍ ଗୌରବର ବିଷୟ ନୁହେଁ ।

୧୯୩୪ ଓଡ଼ନେଲ କମିଟି ରିପୋର୍ଟ ପ୍ରକାରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ହେଲା ସତ କିନ୍ତୁ ବିଚ୍ଛିନ୍ନାଞ୍ଚଳ ମଞ୍ଜୁଷା, ତରଳା ଓ ଟେକାଲି ରଘୁନାଥପୁର ସମେତ ବୃହତ୍ ଓଡ଼ିଆ ଅଞ୍ଚଳ ଚିରଦିନ ସକାଶେ ଅବହେଳିତ ହୋଇ ଓଡ଼ିଆଙ୍କ ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ଦୁର୍ଗତି ଆନୟନ ପୂର୍ବକ ଅଖିଳ ଓଡ଼ିଆ ଜାତୀୟତାର ମେରୁଦଣ୍ଡକୁ ଦୁର୍ବଳ କରିଦେଲା । ତେଣୁ ସ୍ୱର୍ଗତ ଶାନ୍ତିଭୂଷଣଙ୍କ ଅଶେଷ ଆତ୍ମାର ସନ୍ତପ୍ତ ବେଦନା ବର୍ଜିତ ଅଶ୍ରୁ ପୁନଶ୍ଚ ସେହି ଅବହେଳିତ ଅଞ୍ଚଳର ଦୁର୍ଗତିକୁ ଧୌତ କରି ଦେଶ ଧରେ ନେତାଙ୍କ ପ୍ରାଣରେ ସଚେତନତା ଜାଗ୍ରତ କରିପାରିଲେ ଭାଷା ସୂତ୍ରରେ ପ୍ରଦେଶ ଗଠନର ଚରମ ଲକ୍ଷ୍ୟ ବାସ୍ତବିକ୍ ସାଧିତ ହେବ ଏବଂ ସେ ଅମର ଆତ୍ମାର ଆଶା ସତେ ମୁକୁଳିତ କରିବ । ଉପର ଲିଖିତ ଘଟଣାରୁ ଏହା ସୁସ୍ପଷ୍ଟ ଯେ ବାସ୍ତବିକ୍ ଶାନ୍ତିଭୂଷଣ ରଥ କେବଳ ଗଞ୍ଜାମର ନୁହେଁ ସମଗ୍ର ଓଡ଼ିଶାର ଓଡ଼ିଆ ଦେଶ-ଜାତି-ଧର୍ମର "ଜାତି ସୂର୍ଯ୍ୟ" କହିଲେ ସନ୍ତର ଅପବାଦ ହେବନାହିଁ ।

ଜୟ ଜଗନ୍ନାଥ ! ଜୟ ଓଡ଼ିଆ !!

(ସ୍ୱରାଜ୍ୟ ପତ୍ରିକାରେ ପ୍ରକାଶିତ)

ଅଭ୍ୟୁଦୟ ଏକ ଉପେକ୍ଷିତର

—ପ୍ରଥମ ପରିଚ୍ଛେଦ—

ଯେଉଁଠି କାଷ୍ଠୁଦାନ ତଳେ ନଦାଭିହ୍ରା-ଗଣ୍ଠି ନିପଟ ଗ୍ରାଳଘରଟିଏ ସୁପ୍ତ, ମୁମୂର୍ଷୁ ପ୍ରାଣରେ ନିସ୍ତବ୍ଧ ନିରାଡ଼ମ୍ବର ବେଶରେ ଦଣ୍ଡାୟମାନ ହୋଇ କାନ୍ଥର ଗେରୁଆମାଟିରେ ବର୍ଷାର ଛିଟିକା ଚେକା ଚେକା ଉଲଘାଟ୍ନାଟି ନିତାନ୍ତ ରୁକ୍ଷ ବଂକ୍ରର ଟୋଳକେ କପର୍ଦ୍ଦ୍ୟଂକୁ ବ୍ୟକ୍ତ କରୁଥିଲା, ସେଇଠାରେ ଠିକ୍ ତାହାର ଦୈର୍ଘ୍ୟପ୍ରସ୍ଥ ନେଇ ମୁଣ୍ଡ ଟେକନ୍ତି ତିନମହଲା ଲୁହାପାରଣା ଆଚ୍ଛନ୍ନ ସିମେଣ୍ଟ କଂକ୍ରିଟ ଦିଆ ମୋଜାଇକର ଘର ଘର୍, ଫର୍ ଟପ୍ ଝଟପ୍ ଚକ୍‌ମକ୍ ଫ୍ଲୋରିଂ, ଲୁହାଫ୍ରେମର ଭେଣ୍ଟିଲେଟରର ଆକର୍ଷଣୀୟ ପର୍ଦ୍ଦା, ଦ୍ୱାର ଉପରସ୍ଥ ରଙ୍ଗ ବେରଙ୍ଗ କାଚର ଆଲୋକ ସ୍ଫୁରଣ, ବିଜୁଳି ପଙ୍ଖାର କୋମଳ ମୃଦୁ ଘର୍ଷଣ ଜନିତ ସ୍ପନ୍ଦନ ସଙ୍ଗେ ସଙ୍ଗେ ଟିପଏ ଉପରେ ଥିବା ଚିତ୍ତାକର୍ଷକ ବେତାର ଯନ୍ତ୍ରର ମନ୍ତ୍ରମୁଗ୍ଧ ସଙ୍ଗୀତର ମନ୍ଦ ମନ୍ଦ ସଙ୍ଗୀତ । କେବଳ ସେତିକି ନୁହେଁ ସଦ୍ୟୋଧୁନିକ ହିମାଳୟ ସଶୋଭିତ କେତୋଟି ସରଳବର୍ଗୀୟ ବୃକ୍ଷ, ଝାଉଁ ଓ ମଞ୍ଜୁମାଳତୀର ପଲ୍ଲବିତ କୁଞ୍ଜଲତା, ଚମ୍ପକ, ହେନାର ମାଦକ ଗନ୍ଧ ସୁଶୋଭିତ ବୃକ୍ଷଶ୍ରେଣୀର ସମାବେଶ ସତେ ଯେପରି ସେହି ଉପେକ୍ଷିତ ଶ୍ମଶାନ ସ୍ଥାନଟିର ସ୍ୱର୍ଗୀୟମନୋହାରିତ୍ୱ ଗୁଣାକୁ ଶତ ଗୁଣିତ ହୃଦୟସ୍ପର୍ଶୀ କରିପାରୁଛି ।

ମଦନମୋହନ ପିଲାଦିନରୁ ମଦନା ରୂପେ ସାହିଭାଇରେ ସୁପରିଚିତ । ବାପାଙ୍କ ଦାରିଦ୍ର୍ୟତା ମଧ୍ୟରେ ମଟ୍‌ଯୌବନର ଉପହାର ରୂପେ ରୂପଶ୍ରୀ ସମ୍ପଦଭରା କାନନ ସଂସାରର ଶ୍ରେଷ୍ଠ ସମ୍ପଦରୂପେ ମଦନାକୁ ଜନ୍ମ ଦେଇଥିଲେ । ସନ୍ତପ୍ତିତ ଭାବେ ପକ୍ଷୀ ପକ୍ଷିଣୀ ରୂପେ ନିସ୍ତରଙ୍ଗ ନିରାଡ଼ମ୍ବର ନୀଡ଼ ମଧ୍ୟରେ ଦୁଃଖ ପିପାସାର ଅପରାହ୍ନ

ଭଣ୍ଡାର ମଧ୍ୟରେ ମଦନା ଥିଲା ଅନ୍ଧର ଲଉଡ଼ି, ଜୀବନର ଦିଗ୍-ଦର୍ଶକ, କୁଳର ପ୍ରଜ୍ୱଳିତ ଦୀପଶିଖା ଏବଂ ବଂଶର ଶେଷ ସ୍ୱାମୀ ବଂଶଧର ।

ମଦନା ନିଷ୍ପେସିତ, ନିପୀଡ଼ିତ, ପଦଦଳିତ, ଦୁର୍ବହ ଦୁଃଖ ଦୁର୍ଦ୍ଦଶାଗ୍ରସ୍ତ ପିତାମାତାଙ୍କ ଅଭିଶାପ କିମ୍ବା ଆଶୀଷର ଉନ୍ମେଷ, ତାହା ସ୍ଥିର କରିବା ବୋଧହୁଏ ସେତେବେଳେ ସେମାନଙ୍କ କ୍ଷୁବ୍ଧ ମନର ପରିସର ସ୍ପର୍ଶ କରିନଥିଲା ।

ଦିନସାରା ବଜାର ହାଟରେ ପାଳି ଧରି କଷ୍ଟାର୍ଜିତ ଦୁଇ-ପଇସା ନେଇ ଘର ବାହୁଡ଼ା ବେଳେ ହାତରେ ଥିବା ଚଣା ଭୁଜାର ପୁଡ଼ିଆକୁ ମଦନା ଧରି ବସେ ଉତ୍କଣ୍ଠ ମନରେ । ଅର୍ଜିତ ଧନରେ ସେତିକି କେତିକି ଦୁଇପ୍ରାଣୀ ଓଳିଏ ରାନ୍ଧି ତୈଳିକ ସଞ୍ଚୟ କରି ନୂତନ ଆୟୁର ପନ୍ଥାକୁ ଅପେକ୍ଷା କରି ଆଶା ମନରେ ବଂଚିଥାନ୍ତି । ମାର୍ଜିତ ବସନ, ସିଙ୍ଗଟାକ ଭୋଜନ, ତଥା ଫେସନ୍ ନ ଫେସନ୍ ତେଲର ଗନ୍ଧ ନପାଇ ମୁଣ୍ଡର କୁଞ୍ଚିତ କେଶ ରାଶିର ବେଶ ବଦଳି ଥିଲା । ମଦନା ବାପାର କଳା ହାଓ୍ୱାଇନ୍‌ରେ ଯେତେ ଟିକଟା କଳା ଦାଗ ସବୁ ଲିଭିଯାଇ ନୂତନ ଢଙ୍ଗରେ ଝଲି ଉଠୁଥିଲା । ସମ୍ବଳେ କାନନ—କାନନ ବିଶୋଭିତ ଚମ୍ପାକଳୀ କିମ୍ବା ସୁଗନ୍ଧଯୁକ୍ତା କେତକୀ, ଖଞ୍ଜନ ନୟନା, ଚନ୍ଦ୍ରହାସୀ, କୁନ୍ଦଦନ୍ତୀ, ପୀନସ୍ତନା, ତନ୍ୱୋଷ୍ଠୀରେ ହାସ ନଲୁଚାଇ ମଦନ ବାପାର ଦାରିଦ୍ର୍ୟ ନିଷ୍ପେସିତ ଜୀବନରେ ପୂର୍ଣ୍ଣଚ୍ଛେଦ ଆଣି ଅମୀୟ ସୁଧା ବର୍ଷଣରେ ତୃଷ୍ଣା ମେଣ୍ଟାଉଥିଲା । ବିଶ୍ବର ଏକାଧାରରେ ଚକ୍ଷୁଶ୍ରୀ, ଉଷାକାଶ, ନିରନ୍ଧକାଶ, ପ୍ରେମକୁଣ୍ଡଳା ଓ ଶାନ୍ତିର ପ୍ରଶସ୍ତ ମେଖଳା । ନଗ୍ନ-ବକ୍ଷରେ ଦରିଦ୍ରଭାବ ନଥାଇ ଯେ ଥିଲା ମଦନ ବାପାଙ୍କ ସ୍ୱର୍ଗୀୟ ଆରାଧ୍ୟ ଦେବୀ ।

କିନ୍ତୁ ସେହି ଅଭାବ ଅନାଟନ ମଧ୍ୟରେ ଶୈଶବ ଧୂମ ଯୌବନର ଚକ୍ର [illegible] ତତ୍ପରତାରେ ଶିଖାଇବା ପରି, ସେ

ଦୁଃଖସଂସାର ର କଷାଘାତରେ ନିଃଶେଷ ହୋଇଛି । ଅଥଚ କାହା ଦ୍ୱାରରେ କୃପାପ୍ରାର୍ଥୀ ନହୋଇ କଟାଇଛି ଏକ ନିଷ୍କଳଙ୍କ ଆଦର୍ଶ ଜୀବନ । ମଦନା ବାପାଙ୍କର ଶତ ଯନ୍ତ୍ରଣାକୁ ଶିରଚନ୍ଦନ ରୂପେ ସାଗ୍ରହ ମନରେ ବରଣ କରି ମରଣର ନିଷ୍ଠୁରତାକୁ ଅଳ୍ପ ଦିନରେ ଜୟକରି ଦୂରେଇ ଯାଇଛି କେଉଁ ଏକ ଅଜଣା ଅଶୁଣା ରାଇଜକୁ, ତାହାହିଁ ସେହି ଜାଣେ । ଶ୍ରେଷ୍ଠ ମଦନାର ମନରେ ଯନ୍ତ୍ରଣା ହେଲେ ସାହି ପଡ଼ଶାଠୁଁ ଖୁଣ୍ଟୁଣା ଶୁଣେ—ତାହାର ମାଆ ଯାଇଛି ଦିଅଁ ଦେଖିବାକୁ, ଦୂରଗାଁ ଆଈ ଘରକୁ । କିନ୍ତୁ ମଦନାର ବାପା ନିରସ୍ତ ହୋଇଛି ମନୁଷ୍ୟ ପଣିଆ କରିବାରେ, ଧନ ଅର୍ଜ୍ଜନରେ । ସେ, କାନନ ସଂସାର ଗୁଡ଼ିବା ଦିନ ଠାରୁ ଗମ୍ଭୀର, ସ୍ଥାଣୁ, ପ୍ରାଣହୀନ, ସତ୍ତସତା ହୀନ ଅଚେତ, ଜଡ଼ବ ଏବଂ ସ୍ଥାବର ହୋଇ ପଡ଼ିଛି । ନିର୍ବେଦ, ମୂକ, ବଧୀରପରି ଯନ୍ତ୍ରଚାଳିତ ପରି ଗୃହକୁ ସନ୍ଧ୍ୟାରେ ଫେରେ, ସନ୍ତି ନ ଯାହୁଣୁ ଚଷଭୂମିର ଅନ୍ୱେଷଣରେ ବହିର୍ଗମନ ହୁଏ । ମଦନାର ରକ୍ଷଣାବେକ୍ଷଣ ପଡ଼ଶାଘରର ଜାତି ଭାଇଙ୍କ ଇଚ୍ଛାପରେ ତାଙ୍କର ଦୟାମାୟା ନେଇ ଚଳେ ।

ମାଆ ଛେଉଣ୍ଡ ପିଲା ମଦନା । ସଂସାରରେ ଆହା ବୋଲି ବହୁତ ମିଳେ । ଦେଖୁଁ ଦେଖୁଁ ମଦନାର ବୟସ ବଢ଼ିଛି । ଶରୀରର ମଗଜ ମଧ୍ୟ ବଢ଼ିଛି । ମାଆଙ୍କର ରୂପ ଓ ବାପାଙ୍କର ବ୍ୟକ୍ତିତ୍ୱରେ ପ୍ରଭାବିତ ମଦନା ଦିନକୁ ଦିନ ଓଲୁଅ ଗଜାପରି ଉନ୍ନତ, ଉତ୍କୃଷ୍ଟ ।

କିନ୍ତୁ ହାୟ, ଭଗବାନ୍ ସହିଲେ ନାହିଁ—ଅଧାଜୀଅଧାରେ କାଳକାଳାଉକୁ ସହ୍ୟ ନକରି ବାପା ତାହାର ଆଖି ବୁଜିଲା । ଘରେ ଲୁଣ ଶୁଙ୍ଘିବାରେ ପଡ଼େ ଲୁଣ ନାହିଁ । ବିଅଣ୍ଟିତ ଜୀବନରେ ଏକ ଜୀବନ୍ତ ସ୍ୱପ୍ନ ହେଲା । ମଦନା ସାହି ପଡ଼ିଶାଙ୍କ ଘୃଣମାନ ହୋଇ ନୈରାଶ୍ୟ ହେଲା, ଆଖିର ଲୁହ ଓ ହୃଦୟଭରା କୋହ ନେଇ ପାଞ୍ଚ ପଞ୍ଚୁଆଡ଼ରେ ଆବେଦନ କଲା । ବୁଢ଼ା ମାଳିକଙ୍କ ଦୟାରେ କାଠକେ, ସାଙ୍ଗ

ସୁଖରେ ସାଇଭାଇଙ୍କ ସହଯୋଗ ନେଇ ମଦନା ବାପାଙ୍କର ଶେଷକୃତ୍ୟ ସମ୍ପାଦନରେ କ୍ଷୀଣ ହେଲା । ନିଷ୍ଠୁର ନିୟନ୍ତ୍ର ଜୀବନର ବିଷାକ୍ତ ଯନ୍ତ୍ରଣା ଯେପରି ପଳ ପଳ କରି ତାହାର କୋମଳ ଅସ୍ଥି ମଜ୍ଜାକୁ ଅକାଳରେ ନିଃସ୍ୱ କରିଦେଲା, ତାହା ଭାବି ଭାବି କୌଣସି କୂଳ କିନାରା ନପାଇ ଅକସ୍ମାତ୍ ଅନ୍ତର୍ଦ୍ଧାନ ହେଲା ।

ଦାଣ୍ଡ ଶିକୁଳି ମୁକୁଳା । ଘର ଭିତରେ ବାସନ କୁସନ ଛଡ଼ା ପିନ୍ଧା ଲୁଗାର ଦଶିଟିଏ ବେକରେ ଗୁଡ଼ାଇବାକୁ ଦର୍ଶନ ନାହିଁ । ପାକ ହସାପରେ ହାଣ୍ଡି ଶାଳ ମଧ୍ୟରେ ମାଟି ମାଠିଆ ସାନ ବଡ଼ରେ ଦୁଇଟି ଭୁଷ ଚିଲ ଭରି କଳା କଟ୍ କଟ୍ ଝଙ୍କେ, ଅନାବନା କାଠ ଡାଙ୍ଗରେ ଗଦାଏ, ଲୁଣ ଶୁଖୁଣିଇ କାଠ ଟୁକୁରାଟି ଖାଲି, ଅବଶ ଶୀକଟା ମୁକ୍ତ ଆକାଶକୁ ମୁହଁ କରି ଚେଟେଇ ପଡ଼ିଛି । କାନ୍ଥରେ ବାଉଁଶ ଟାଙ୍ଗୁଆ, ଦଓଟି ବାଉଁଶ ଦଲାଣରୁ ଓହଳଥିବା ଦୋପୁର କଳା କଟିକଟି, ଛିକା । ଶିକାର ଥାକରେ କାନ୍ଥୁଆଁ, ମଙ୍ଗୁଆନ, ଫଟାମାଟି କଳସି ଉପରେ, ସରୁ ଯୋଉଣୀ ଦାନ୍ତୀ ବନ୍ଦ ହୋଇଛି । ଦାଣ୍ଡ ପଲାରେ ଚଗଲୁଣ୍ଡା ଓ ଫଟା ମାଣ୍ଡି ଟାଏ ।

—ଦ୍ୱିତୀୟ ପରିଚ୍ଛେଦ—

ମନୁଷ୍ୟ ସଂସାରରେ ବଂଚି ରହିବା ପାଇଁ କଣ ନକରେ, କଣ ନଭାବେ ଏବଂ କଣ ବା ଚିନ୍ତା ନକରେ ? ସତେ ଯେପରି ସମୀମ ଭିତରେ ମନ ନିଜ ଅସୀମତାକୁ ଚୂର୍ଣ୍ଣ କରେ । ଆଗକୁ କେବଳ ଆଶାର ଅସୀମ ପଥ । ପାଦତଳେ ଚଳନ୍ତି ସସୀମ ରେଖାର ଚୋଟାଏ ଦାଗ । ଲୁଚି ତଳେ ସବୁ ସନ ଧରଣୀର ବୁକୁଫଟା କରୁଣ ଚିତ୍କାର ମଧ୍ୟରେ ହଜିଯିବା ଧନର ଅନୁସନ୍ଧାନ ସତତ ଜାଗ୍ରତ । ଗଳାଗଳ କରି ନିଗାଡ଼ି ହାଏ ଆଖିର ଲୋତକ, ଅବ୍ୟକ୍ତ ହୃଦୟର ଅସ୍ଫୁରନ୍ତ ଭାବ, ତଳ

ଚଞ୍ଚଳ ମନର ଅପୂରଣୀୟ ଭାବନାରାଶି । ଗୋଟି ଗୋଟି ହୋଇ ଜୀବନ କ୍ଷେତ୍ରରେ ପରୀକ୍ଷାକର ମନୁଷ୍ୟ ପାଦକୁ ଗଣି ଆଗରୁ ଆଗକୁ, ଅବନତରୁ ଉନ୍ନତ, ନିକଟରୁ ଦୂର, ମୂର୍ଖରୁ ପଣ୍ଡିତ, ନିର୍ଧନରୁ ଧନବାନ୍ ହେବାକୁ ଜୀବନ ପଥରେ ଝାସଦାଏ ।

କୋମଳ, ଅଶୀଥିଳ, ଅବହେଳିତ ଜୀବନରେ ମଦନା ଦେଶାନ୍ତର । ହୃଦୟର ଦରଦ ଅଶ୍ରୁଳ ଆଖିରେ ଲୁହ ନେଇ କେଉଁ ଏକ ଦୂରନ୍ତ ଅଭିଳାଷରେ ଘରଛାଡ଼ିଛି ଏକ ଦୁର୍ଦ୍ଦିନ ରଜନୀରେ । ରେଳ ଡ଼ବାଂରେ ଚଢ଼ିଛି ବିନା ଟିକଟରେ । ନୂତନ ଅନୁଭୂତିରେ ଅନୁପ୍ରାଣିତ । ସେତେବେଳେ ମଦନାର ମନ ରେଲ ଗାଡ଼ିର ଦ୍ରୁତଗତିକୁ ଅତିକ୍ରମ କରି ଧାଇଁଛି ଆଗରୁ ଆହୁରି ଆଗକୁ । ମନେ ମନେ ଜନ୍ମ ମାଟିର ମମତା, ପିତାମାତାଙ୍କ କଲ୍ୟାଣକର ସ୍ନେହ ଅଞ୍ଚଳ ରହିଛି । ଅବାଧ ତାହାର ବାଲ୍ୟ ଚପଳ ମନ । ଯାତ୍ରାସାର୍ଥୀ ନବ ଏକାକୀ ଚାଲିଛି ଦିଗନ୍ତ ପଥରେ ଆହାର ବିହାର ଏବଂ ଆଶ୍ରାଦନର ଅନ୍ୱେଷଣରେ ।

ବହନ୍ତାଏ ମଦନାର ସ୍ମୃତିର ପକ୍ଷ ଉତ୍ତୋଳନ କରି କେତେ ନିଶ୍ଚଳ ଆକାଶ ଭେଦ କରି, ସାତ ନଈ ତେର ପର୍ବତ ପାର ହୋଇ ଯାଏ । ଅନ୍ୟ କେତେବେଳେ ସଙ୍କୀର୍ଣ୍ଣ, ଶୁଷ୍କ ନୀରସ ଅଣ୍ଡା ଗଳିରେ ବହିରହେ । ଅନ୍ୟ କେତେବେଳେ ରଙ୍ଗବେରଙ୍ଗ ବନ୍ୟ ଫଳ ଫୁଲ ଶୋଭିତ ସୁନ୍ଦର ଉପବନରେ ମୁଗ୍ଧ ଚିତ୍ତରେ ଆତ୍ମହରା ହୁଏ । ଏହା ଲହେ ତାହାର ବାଲ୍ୟ ଜୀବନର ଅନୁଭୂତି ସ୍ଥାନ ନାହିଁ ପ୍ରାଣପୂର୍ଣ୍ଣ ଉଦ୍‌ବେଗ ।

କେଉଁଠି ମଳିନ ହେଲେହେଁ ନିର୍ମଳ ହୃଦକୋଣରେ ସ୍ୱବନ୍ଧୁଲଭ ଛାପନେଇ ଦିଗନ୍ତ ଶୋଭବଶୋକ ଭୂମିଆଡ଼େ କରେଖି ଚାହେଁ । ସେ ନିଃସ୍ୱ, ସେ ଦରିଦ୍ର, ସେ ଉପେକ୍ଷିତ ଏବଂ ସେ ବର୍ଜ୍ଜିତ । କାହାଠାରୁ ନିଃସ୍ୱ ? କାହାଠାରୁ ବର୍ଜ୍ଜିତ ? ଏହା ତାହାର ସ୍ୱବସୁଲଭ ଭ୍ରାନ୍ତ ଧାରଣା

ମାତ୍ର । ଶିଶୁ ସୁଲଭ ହୃଦୟ, ଯୁବ ସୁଲଭ ମନ ନେଇ ସେ ଧାଇଁଛି ସଂସାର ମଧ୍ୟରେ ଜୀବନର ବାସ୍ତବତା ଅନ୍ୱେଷଣ କରିବାକୁ । ଯାହାର ପଢ଼ଣାରେ ତାହାର ସ୍ଥାନ ନାହିଁ । ସେ ସର୍ବହରା, ସେ ନିଃସ୍ୱ; ବିଶ୍ୱର ଏକ କଣ, ଅଣୁ ପରମାଣୁ ଠାରୁ ହୀନ । ପରିଚୟ କଅଣ ?

ବିଷ୍ଣୁପୁର ସହରରେ ରେଲ ରାସ୍ତା କଡ଼େ କଡ଼େ ଯାଇ ପହଂଚିଛି ଏକ ବଟବୃକ୍ଷର ନିମ୍ନରେ ଅଞ୍ଜନାୟୀ ମନ୍ଦିରରେ । ଅନାହାର, ଅଭୁକ୍ତା କଥାରେ ମନ ଚୈତନ ତାହାର ଉଦୟ ହେଲା । କ୍ଷଣକେ ତାହାର ଆକାଶଭେଦୀ ସୌଧ ଧୂଳିସାତ୍ ହେଲା । ତଳ ଉପର କରୁଛି ବିଶ୍ୱର କଳନାପାର ସ୍ଥାଣୁପରି ଥକାମାରି ବସିଗଲା ସିଦ୍ଧେଶ୍ୱରଙ୍କ ବାଞ୍ଛିତ ମୂର୍ତ୍ତିରର ଅନନ୍ତ ଦୂରରେ ନିଦ୍ରାଙ୍କ ଗ୍ରାଇଟଳେ ।

ନିଦ୍ରା, ନୈରାଶ୍ୟ ଓ କ୍ଳାନ୍ତ ପ୍ରଭୃତ ଘୋରରେ ସେ ଶୋଇ ଯାଇଛି । ନିଦରୁ ଉଠି ଦେଖିଲେ ବଟବୃକ୍ଷର ବଡ଼ ବଡ଼ ବାହୁତଳେ ଅସଂଖ୍ୟ ଶିକା, ଠିକ୍ ତାହାର ମାଆ ସଜାଡ଼ି ରଖିଥିବା ଶିକା ଜନନୀ ପରି ପରିପୂର୍ଣ୍ଣ । ମନବାଞ୍ଛା ପୂରଣ କ୍ଷମ । ଯାଚକ ଗଣ ସଂଗ୍ରହ କରି ଓହଳାଇ ଦେଇଛନ୍ତି । ଦେଖିଲା ସୁନଶାନ୍ । ନିକଟରେ କେହିନାହିଁ । ପେଟର କ୍ଷୁଧା ଓଳିଏ ନୁହେଁକି ଦୁଇଓଳି ନୁହେଁ, ସାତ ସାତ ଦିନର ଅଖିଆ, ଅପିଆ । ଅସମ୍ଭାଳ ତାହାର କ୍ଷୁତ୍ ପିପାସା । ତାହା ମେଣ୍ଟାଇବା ପାଇଁ ସତେ ଯେପରି ଲଙ୍କାଗଡ଼ ବିଜୟୀ ବୀର ହନୁମାନ (ଅଞ୍ଜନାୟୀ) ଫଳ ମଧ୍ୟରେ କ୍ଷୁତ୍ ପିପାସା ମେଣ୍ଟାଇବା ପାଇଁ ସତେ ଯେପରି ଖାଦ୍ୟ ଓ ପାନୀୟର ସଦ୍ୟ ବ୍ୟବସ୍ଥା କରି ଦେଇଛନ୍ତି ।

ଆଗପଛ ଏପଟେ ଚଳ ଉପରକୁ ଚାହିଁଲା । ଲୋକବାକର ଦେଖା ନାହିଁ, ନିର୍ଜନ ସୁନ୍‌ସାନ୍ । ଅଥଚ ଭଲମନ୍ଦ ବିଶ୍ୱର ନିକଟ ହାତ ବଢ଼ାଇଲା ନଡ଼ିଆକୁ । କରୁଣାର ଅବତାର ଅଞ୍ଜନାୟୀଙ୍କ ପ୍ରସାଦରେ ତାହାର ପେଟ ଭରିଗଲା । ଅଜ୍ଞାତରେ ସେ ଜାଣ କରିଛି,

ତାହା ଜାଣିବା ଶକ୍ତିର ବାହାରେ । ଅଥଚ ଭଲ ପିଲ ପରି ମୁଣ୍ଡ ନୁଆଇଁ ଦର୍ଶକଙ୍କୁ ପ୍ରଣାମ ମାରି ରଙ୍ଗ ନ ଛାଡୁଣୁ ଚମ୍ପଟ୍ ।

—ତୃତୀୟ ପରିଚ୍ଛେଦ—

ବଡ଼ ସହର । ବସ୍, କାର୍, ଟ୍ରାମ ସଙ୍ଗେ ସଙ୍ଗେ ଘୋଡ଼ା ଗାଡ଼ି, ରିକ୍ସାର ରଣେତ୍ ଝଣେତ୍ ଶବ୍ଦରେ ସଡ଼କଗୁଡ଼ିକରେ ବୁଲିମାରି ଘୂରି ଯାଉଛନ୍ତି, ସିଧା ସଳଖ ଦାଗକୁ ଲାଗି ଲାଗି । କାହାରି ହେଲେ ଆଖି ଯାଉନାହିଁ । ବଜାର ଜାନୁଆରୀ ପରେ ସେ ଧମ୍‌ଧାମ୍ ମଧ୍ୟରେ ଚକ୍ଷୁ ଚଞ୍ଚଳ ହୋଇ ଉଚାଟନ ହୁଏ, ଏବଂ ଆଘାତ ପ୍ରତିଘାତ ଆଶଙ୍କାରେ ଚଲାପାଦ ବନ୍ଦ ହୋଇଯାଏ । ବସି ବସି ନରେନ୍ଦ୍ର ଦେଖିଲା ଗୋଟିଏ କୋଠାର ଦ୍ୱାର ଦେଶରେ । କେତେବେଳେ ସେ ନିଦରେ ଶୋଇପଡ଼ି ଯାଇଛି ତାହା ମଧ୍ୟ ସେ ଜାଣେନା

ପରଦିନ ସକାଳ । କାଞ୍ଜି ବା କଲେ ବେଳକୁ ସେହି କୋଠରୀର ଅନ୍ଦର ମହଲର ଏକ କୋଣରେ ଶଯ୍ୟାଶାୟୀ । ସେ ଶାନ୍ତ ମନରେ ସ୍ୱପ୍ନାଭିଭୂତ ହୋଇଛନ୍ତି । ସତେ ଯେପରି ଜଣେ ସୌଦାଗରର ଅଜଳନ ସମ୍ପତ୍ତିର ମାଲିକ ହେବା ସଙ୍ଗେ ସଙ୍ଗେ ଦାସଦାସୀ ପୋଷିଲା ପରିବାରଙ୍କ ମଧ୍ୟରେ ନିଜ ଦେହର ବସ୍ତ୍ର, ଗନ୍ଧ ବସନ ଭୂଷଣରେ ମାର୍ଜିତ ସମ୍ବର୍ଦ୍ଧନାରେ ସେ ଏକ ଦେବ ଦୁର୍ଲଭ ଜୀବନଯାପନ କରୁଛନ୍ତି । ତାହାର ଦାରିଦ୍ର୍ୟତା ବହୁଦୂରରେ ତାଙ୍କୁ ଉପହାସ କରୁଛି । ସତରେ ଗଡ଼ାଗାଁର ମଦନା ଆଜି ମଦନ ମୋହନ ନହୋଇ—ଗୋପାଳ ରଙ୍ଗା । ଖାଣ୍ଟି କୁବେର ପତିଙ୍କ ଗଣ୍ଠିଧନ ହୋଇ ସଯତ୍ନେ ରକ୍ଷିତ । ସେ ଉପେକ୍ଷିତ ନୁହେଁ, ଏକ ବିରାଟ ପରିବାର ଆପେକ୍ଷିକ—ଗୁରୁତ୍ୱପୂର୍ଣ୍ଣ ଦାୟାଦ୍—ଖୋଦ୍ ଉତ୍ତରାଧିକାରୀ ମାନ । ଭାଗ୍ୟରେ ଥିଲେ ଧନୀ, ଗରିବ, ମୂର୍ଖ, ପଣ୍ଡିତ ସବୁର ନିର୍ବିରୋଧରେ ଅସୀମ ଗୌରବର ଅଧିକାରୀ ହେବା ଅସମ୍ଭବ ନୁହେଁ ।

ଜନ୍ମ ଭାଗ୍ୟ ହୀନ ବ୍ୟକ୍ତିର ସନ୍ତାନଟି ହେବା ଏକ ପାପ ନୁହେ । ତାହା ଈଶ୍ୱରଦତ୍ତ ଏକ ମହାନ୍ ଶାନ୍ତ ଭାବର ଶ୍ରେଷ୍ଠ ନିୟାମକ । ଅଜାଣତରେ କ୍ଷୁଦ୍ରକିଟପତଙ୍ଗ, ଗ୍ରହଗ୍ରହାନ୍ତର ପର ଧୂଳିରେ । ସ୍ୱ କେନ୍ଦ୍ରରେ ରହି ମାଧ୍ୟାକର୍ଷଣ କାରଣରେ ଆକର୍ଷିତ ଓ ବିକର୍ଷିତ ହୁଏ । ଗରମରୁ ଶୀତଳ ଓ ଶୀତଳକରଣରୁ ଉତପ୍ତ ହୁଏ ।

ଧନ୍ୟ ବିଭୂଃ ! ଧନ୍ୟ ତୁମ୍ଭ କରୁଣା ! ଗୋପାଳ ଘଉଜା ଆଜି କୁବେର । ଯେ ସିଦ୍ଧବୀର ଲଙ୍କାବିଜୟୀଙ୍କ ଅପାର ମହିମାରଦୟାର୍ଦ୍ର ହୃଦୟର ଆଶୀଷ ବଳରେ ସେ ସୁବର୍ଣ୍ଣପୁରର ଅଧିକାରୀ ।

ତାଙ୍କର କରୁଣାବଳରେ କେତେ କୋଠା, କେତେ ମନ୍ଦିର କେତେ ଫଳଫୁଲର ବଗିଚା ଆଜି ସୁଶୋଭିତ, କିଏସେ ତାହାର ଇୟତ୍ତା କରିବ । ତେଣୁ ଲେଖକ ଗାଇଲେ ହୁଏ ଗୀତ,—

"ତୁମ୍ଭର କରୁଣା ବିନା ମାନବ କାମନା ଚୂନା
ତୁମ୍ଭର କରୁଣା ବଳେ ମୂକ ମାଟି ହୁଏ ସୁନା ।"

କାଞ୍ଜିଢ୍

ବିଚଳ ପ୍ରାସାଦ ।

ରମ୍ଯା ରାଜ ହର୍ମ୍ୟ ।

ସ୍ୱୟଂ ହରିହର ମର୍ଦ୍ଦରାଜ କହୁଛନ୍ତି, "ସ୍ୱତନ୍ତ୍ର ଓଡିଶା ସହିତ ମିଶ୍ରଣ ଅବଶ୍ୟମ୍ଭାବୀ ।" ୧୯୦୩ ଖ୍ରୀଷ୍ଟାବ୍ଦ । ମୟୂରଭଞ୍ଜ ରାଜା ରାମଚନ୍ଦ୍ର ଭଞ୍ଜ ସଭାପତି । କଟକ ସହରରେ ସ୍ୱବାଜ୍ୟାଶ୍ରମ । "ଉତ୍କଳ ସମ୍ମିଳନୀ" ଆହୁତ । କୁଳବୃଦ୍ଧ ମଧୁବାବୁ, ଉତ୍କଳମଣି ଗୋପବନ୍ଧୁ, ଉତ୍କଳ ଖ୍ରୀଷ୍ଟ ମାଳକାଣ୍ଟ, ଶିକ୍ଷାବନ୍ଧୁ ଗୋଦାବରୀଶ ଏବଂ ବହୁ ଗଣ୍ୟମାନ୍ୟ ରାଜା ମହାରାଜାଙ୍କ ଅପୂର୍ବ ସମାବେଶ । ସ୍ମରଣ କର ମଧୁବାବୁଙ୍କର ଆବୃତ୍ତି କରୁଛନ୍ତି—

ଏହି ସମ୍ମିଳନୀ ଜାତି ପ୍ରାଣସିନ୍ଧୁ
କୋଟି ପ୍ରାଣ ବିନ୍ଦୁ ଧରେ,
ତୋହ ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ
ଡେଇଁ ପଡ଼ ସିନ୍ଧୁ ନୀରେ ।

ପାରଳା, ବଡ଼ଖେମେଣ୍ଡି, ସାନଖେମେଣ୍ଡି, ଶେରଗଡ଼, ଧରାକୋଟ, ମନ୍ଦସା, ଚିକିଟି ଏବଂ ଖଲିକୋଟ ସମଗ୍ର ଗଞ୍ଜାମର ରାଜନ୍ୟଶ୍ରେଣୀ ଉପସ୍ଥିତ । ନୀଳମଣି, ଜୟକୃଷ୍ଣ, ଶଶିଙ୍କ ଉପସ୍ଥିତିରେ ଆତ୍ମପ୍ରକାଶ କରୁଛି 'ପ୍ରଜାବନ୍ଧୁ,' ଆଶା, ନବ୍ୟ ଓଡ଼ିଶା,' East Coast Pradeep । କୃପାସିନ୍ଧୁ ନରେନ୍ଦ୍ରଙ୍କ ପୌରୋହିତ୍ୟରେ 'ନବୀନ' ଏବଂ ତତ୍ ସହିତ ହରିଶଙ୍କରଙ୍କ ମହାପାତ୍ରଙ୍କ 'ଉତ୍କଳବାର୍ତ୍ତା' ଏମାନଙ୍କ ପ୍ରଚାର ଓ ପ୍ରସାର ଦ୍ୱାରା ସାଂସ୍କୃତିକ ସଚେତନତା ସଙ୍ଗେ ସଙ୍ଗେ ନବଜାଗରଣ ସୃଷ୍ଟି ।

'ଗଞ୍ଜାମ ସମ୍ମିଳନୀ' ର କର୍ଣ୍ଣଧାର ହରିହର ମର୍ଦ୍ଦରାଜ । ବଡ଼ ଦୁଃଖ ଘଟେ ଅକାଳରେ । ଜନ୍ମଭୂମି ସ୍ତବ୍ଧ, ଜନତା କ୍ଷୁବ୍ଧ,

ସୁବିଶାଳ ଗଞ୍ଜାମ ପରିଣତ । ବ୍ରିଟିଶ ସରକାରଙ୍କ ନିର୍ଦ୍ଦେଶାନୁସାରେ ଖଲିକୋଟ କୋର୍ଟଅଫ୍ ୱାର୍ଡ଼ସ୍ । ୱର୍ଡ଼ସ୍‌ୱର୍ଥଙ୍କ ପ୍ରତ୍ୟକ୍ଷ ଶାସନରେ ପରିଚାଳିତ ।

ମାନ୍ଦ୍ରାଜ ଖ୍ରୀଷ୍ଟିଆନ୍ କଲେଜରେ ଦକ୍ଷତା ସହକାରେ ବି.ଏ ପାସ୍ । ୧୯୨୧ ଖ୍ରୀଷ୍ଟାବ୍ଦରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଉଚ୍ଚଶିକ୍ଷା ସମାପନାନ୍ତେ ସ୍ୱ ପିତୃ ସିଂହାସନ ଅଳଂକୃତ କରି ଦେଶଦଶର କଲ୍ୟାଣ ସାଧନ ।

ସ୍ୱଦେଶ ଓ ଅସହଯୋଗ ଆନ୍ଦୋଳନର ଆହ୍ୱାନରେ ସ୍ପନ୍ଦିତ ରାଜା ସ୍ୱକର୍ତ୍ତବ୍ୟ ହୃଦୟଙ୍ଗମ କରି ରାଜନୈତିକ ଘନଘଟା ମଧ୍ୟରେ ମହାତ୍ମାଗାନ୍ଧୀଙ୍କୁ ରମ୍ଭା ରାଜପ୍ରାସାଦରେ ଆତିଥ୍ୟପ୍ରଦାନ ପୂର୍ବକ ଶାସନଗତ ଅସୁବିଧାକୁ ଭ୍ରୂକ୍ଷେପ ନକରି ସେ ନେଇଥିଲେ ଏକ ଦୁଃସାହସିକ ପଦକ୍ଷେପ । ବାସ୍ତବିକ୍ ଦେଶ ଦଶର ଚକ୍ଷୁରେ ଦେଶାତ୍ମ-ବୋଧର ଚରମ ଦର୍ଶନ କହିଲେ ଆତ୍ମ ପ୍ରବଞ୍ଚନା ହେବନାହିଁ ।

ଶିକ୍ଷା, ସଂସ୍କୃତି, ବିଜ୍ଞାନ କ୍ଷେତ୍ରରେ ଗଞ୍ଜାମ ଜନସମୁଦ୍ର ମଧ୍ୟରେ ଆଲୋଡ଼ନ ପ୍ରତିପାଦନ ନିମନ୍ତେ ସର୍ବପ୍ରଥମେ 'ଉଡ଼ାଜାହାଜ' ଗଞ୍ଜାମର ରାଜହର୍ମ୍ୟ ସମୀପରେ ଅବତରଣ କରାଇ ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତଙ୍କ ମନପ୍ରାଣରେ ଅପୂର୍ବ ଦ୍ୟୋତନା ସୃଷ୍ଟି କରିଥିଲେ । ଉକ୍ତ ବ୍ୟୋମଯାନ ଦର୍ଶନ ନିମନ୍ତେ ଅସଂଖ୍ୟ ଦର୍ଶକଙ୍କ ସମାବେଶ ଯେଉଁ ଚମକ ସୃଷ୍ଟି କରିଥିଲା ତାହା ଅନୁଭବୀମାନେହିଁ ସମ୍ଭବ ମନେ-କରନ୍ତି, କିନ୍ତୁ ସଭ୍ୟତାଭିମାନୀ ଆଧୁନିକ ଜନସମାଜ ସମ୍ମୁଖରେ ତାହା ପ୍ରହେଳିକା ବୋଧ ହେବା ସୁନିଶ୍ଚିତ ।

ସମୟାନୁପଯୋଗୀ କାର୍ଯ୍ୟକରଣ ଗୁଡ଼ିକର ସମାବେଶ-ନରେ ଶଶିଭୂଷଣ ରଥଙ୍କ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ନିର୍ଦ୍ଦେଶନା ପ୍ରଚ୍ଛନ୍ନଭାବେ ନିହିତ । ଶଶିଭୂଷଣ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଏକମାତ୍ର

ଅନ୍ତରଙ୍ଗ ଏବଂ ଅଭିନ୍ନ ବନ୍ଧୁ । ରମଚନ୍ଦ୍ରଙ୍କ ପ୍ରୋତ୍ସାହନରେ ୧୯୨୭ ଖ୍ରୀଷ୍ଟାବ୍ଦରେ E nglish Daily "New Orissa" ଏବଂ 'East Coast Pradeep' ଦୈନିକ ପତ୍ରିକା ଛପାଇ ବ୍ରିଟିଶ ସରକାରଙ୍କୁ ଓଡ଼ିଆ ଜାତିର ଅଭାବ ଅସୁବିଧା ପ୍ରକାଶ୍ୟଭାବରେ ଉପସ୍ଥାପିତ କରିବା ଏବଂ ତଦ୍ଦ୍ୱାରା ଗଞ୍ଜାମ ଓଡ଼ିଶା ସହିତ ମିଶ୍ରଣ ସମ୍ଭବପର ହୋଇପାରିଛି, ଏହି ନିରାଟ ସତ୍ୟର ବାସ୍ତବତା କେବଳ ଡାକ୍ତର ରାଧାଚରଣ ପଣ୍ଡାଙ୍କ ଜ୍ଞାନ ନୁହେଁ, ବରିଷ୍ଠ ବ୍ୟକ୍ତି ବୟୋଜ୍ୟେଷ୍ଠଙ୍କ ଦୃଷ୍ଟିଗୋଚର ରହିଛି ।

ରେଲଗାଡ଼ି, ମଟରଗାଡ଼ି, ଶୂନ୍ୟଯାନ, ବଳଦଗାଡ଼ି ପ୍ରଭୃତି ସମ୍ଭାବ୍ୟ ଯାନବାହନରେ କୋରାପୁଟ୍, ଫୁଲବାଣୀ, ସମଗ୍ର ଗଞ୍ଜାମ ସହିତ ପୁରୀ ଏବଂ କଟକର ବହୁ ଗଣ୍ୟମାନ୍ୟ ଜନସମାଜର ସମାଗମରେ ରମ୍ଭା ପ୍ରାସାଦର ପରିବେଷ୍ଟନୀ ଏକ ବିଚିତ୍ର ଶୋଭା ଧାରଣ କରିଛି । ଲୋକାରଣ୍ୟ ଚିଲିକା କୂଳଠାରୁ ମୁଖ୍ୟରାଜ ପଥ ପର୍ଯ୍ୟନ୍ତ ବିସ୍ତୃତ ହୋଇ ଅପୂର୍ବ ଲୋଭ ଶୋଭାର ଦୃଶ୍ୟ ଆନୟନ କରୁଛି । ରାଜପଥର ଉଭୟ ପାର୍ଶ୍ୱରେ ନିଉକ୍ଷୁମ୍ୟୀ ଟେଳଡନ ଶ୍ରେଣୀରେ ଆଲମ୍ବନ ସଙ୍ଗେ ବ୍ରିଟିଶ ସରକାରଙ୍କ ସୁଉଚ୍ଚସ୍ତମ୍ଭୋପରି ବର୍ଣ୍ଣାଳୀ ପତାକାର ତରଙ୍ଗାୟିତ ପ୍ରକମ୍ପନ, ବହୁ ବରିଷ୍ଠ ସୁଦୂରାଗତ ଅତିଥି ଏବଂ ଇଉରୋପୀୟଙ୍କ ସମାବେଶ ରମଣ ରଶ୍ମିଜ୍ୟୋତି ଭାନୁଙ୍କ ସଂସ୍ପର୍ଶରେ ବ୍ୟୋମଯାନର ବିଜୟ ରୌପ୍ୟୋଜ୍ଜ୍ୱଳ ଆଭାରେ ଉପସ୍ଥିତ ଜନତା ସ୍ତବ୍ଧ ଓ ମୁଗ୍ଧ । ଆଗନ୍ତୁକ ଓ ଅତିଥିଙ୍କ ସଙ୍ଗେ ସଙ୍ଗେ ଦର୍ଶକଙ୍କ ପାନ ଭୋଜନାଦିର ସୁବନ୍ଦୋବସ୍ତ ପାଇଁ ବହୁ ଖର୍ଚ୍ଚ ରାଜକୋଷରୁ ବରାଦ୍ ।

କିନ୍ତୁ ସେ ଦିନ କାହିଁ ? ସେ ଦିନ ବିସ୍ମୃତିର ଗର୍ଭରେ ବିଲୁପ୍ତ । ସେ ଆଡ଼ମ୍ବର ସମାବେଶର ଏକ ଶତାଂଶରୁ ଏକାଂଶରେ ସନ୍ଧାନ ନାହିଁ, ଅଥଚ ରହିଛି ସେହି ମହତ୍ତ୍ୱ ହୃଦୟର ଉଦାର ମନୋଭାବ ।

ସେ ଥିଲେ ମନସ୍ୱୀ ! ପ୍ରଜାବତ୍ସଳ ରାମ !!

ସର୍ବ ଜନ ମନୋହାରୀ, ଗୁଣଗ୍ରାହୀ ଭାବାନୁବେଗରେ ସେ ନିତ୍ୟ ତେଜସ୍କର । ଉତ୍କଳଗୋପୀସ୍ଥଙ୍କ 'ରାଜନୈତିକ ହୃଦୟ ମନରେ ଓଡ଼ିଆଙ୍କ ନବ ଜାଗରଣ ଚିନ୍ତା ଏବଂ ଉଲ୍ଲାସ, ସ୍ୱଦେଶ ଗଠନରେ ଏବଂ ସ୍ୱଦେଶ ପ୍ରେମର ଶ୍ରେଷ୍ଠ ନିଦର୍ଶନ ସ୍ୱରୂପ ରମ୍ଭା ରାଜଧର୍ମ୍ୟ ସମ୍ମୁଖସ୍ଥ ମହା ସମାବେଶରେ ।

ଏକାଧାରରେ ରସିକ, ଭାବୁକ, ଲୋକ ସେବକ, ଦେଶ ସଂଗଠକ ରୂପେ ଏକ ବିଚିତ୍ର ଯାଦୁକାରୀ ମହାପୁରୁଷ ! ଜିଲାବୋର୍ଡ଼ ଗଠନର ସର୍ବପ୍ରଧାନ ଏବଂ ପ୍ରଥମ ସଭାପତି । ବିଦ୍ୟାଳୟ, ପାଠାଗାର ପକ୍କାବନ୍ଧା ଓ ତଦୁପରି ଲୌହ ନିର୍ମିତ ଦୁର୍ଜୟ ସେତୁ ନିର୍ମାଣ; ପ୍ରଜାପାଳନରେ ଚରମ ପରମ ଆଦର୍ଶ ଶାସକ । ନୀତି, ନିୟମ, କାନୁନ୍ ନେଇ ଦେଶ ଦଶର ଉନ୍ନତି ଓ ଜନ୍ମମାତୃକାର ଆଲୋକିତ କେଶପାଶରେ ବନ୍ଧନରେ ବ୍ରତୀ—ଏକବାରକେ ରାଜପୁଙ୍ଗବ, ସ୍ୱଦେଶ-ବତ୍ସଳ ରାଜ ପ୍ରବୀର ।

ରାମଚନ୍ଦ୍ରଙ୍କ ରାଜଶକ୍ତିର ଅନ୍ତଃସଲିଳା ଉତ୍ସ ଥିଲେ ଶଶିରଥ ! ଉଡ଼ାଜାହାଜ ଅବତରଣ ଖବର ବିଦ୍ୟୁତ ବେଗରେ ବ୍ୟାପିଲା । ଜନ ସମାଜ ଉଦ୍‌ବିଗ୍ନ—ନୂତନ ଆକାର ପ୍ରକାର ଧରି ଆକାଶମାର୍ଗରେ ମନୁଷ୍ୟଙ୍କୁ ନେଇ ଗମନ । ଏହା କଣ ଆଶ୍ଚର୍ଯ୍ୟ ନୁହେ ? ରାମାୟଣ, ମହାଭାରତରେ ଶୁଣୁଥିଲେ, କିନ୍ତୁ **ଚର୍ମ** ଚକ୍ଷୁରେ ସ୍ୱଶରୀରରେ ଜନସମାଜ ତାହା ଦେଖିବାକୁ ପାଇବା କଣ ଆଶ୍ଚର୍ଯ୍ୟ ନୁହେ !! ତାହା ବିସ୍ମୟକର ମାତ୍ର ।

ବ୍ରହ୍ମପୁର ରେଲ ଷ୍ଟେସନ୍ । ରେଲଷ୍ଟେସନ୍ ଅଞ୍ଚଳମାନରେ ଯାତ୍ରୀଗଣ ପ୍ରସ୍ତୁତ । ସେଦିନ ଅତ୍ୟନ୍ତ ଭିଡ଼ । ଗାଡ଼ି ଷ୍ଟେସନ୍ ଛାଡ଼ି ଦ୍ରୁତ ବେଗରେ ମୃଦୁଗୁଞ୍ଜନ ସଙ୍ଗେ ସଙ୍ଗେ ଧୂମ ଉଦ୍ଗିରଣ ପୂର୍ବକ

ଧାବମାନ । ରେଲଗାଡ଼ିର କୋଠରୀଗୁଡ଼ିକ ଜନାରଣ୍ୟ । ସ୍ଥୂଳ କଳେବର, ନାତି ଦୀର୍ଘ ନାଶାଗ୍ର, ଦୀର୍ଘ ଆନତ ଖାରଗୁଚ୍ଛ, ଶରୀର ସ୍କନ୍ଧସ୍ଥ ପାଟଦୋପଟ୍ଟା ଏବଂ ଚନ୍ଦ୍ରାଲିପ୍ତ କପୋଳ—ମାରବ ଦ୍ରଷ୍ଟାଙ୍କ ପରି ଆସିତ ଆସନରୁ ଦଣ୍ଡାୟମାନ କେବଳ ପଞ୍ଚ ସମାଗମର ଅନ୍ତସ୍ଥ ବାୟୁରୁଦ୍ଧରୁ ରକ୍ଷା ପାଇବା ନିମନ୍ତେ ନିରାଡ଼ମ୍ବର, ଗମ୍ଭୀର, ଗମ୍ଭୀର ମୁଖମଣ୍ଡଳରେ ଶତ ଶତ ଗ୍ଲାନ ସମାଜ କୋଠରୀ ମଧ୍ୟରେ ଦଣ୍ଡାୟମାନ ।

କିଛି ସମୟ ପରେ ସ୍ୱୟଂ ଟି. ଟି. ଆଇଙ୍କ ପ୍ରବେଶ । ବିନା ଟିକେଟ୍ ଯାତ୍ରୀଙ୍କ ଅରଣ୍ୟ ମନ୍ଦଷୀଙ୍କ ପରି ରାସ୍ତା ଉଣ୍ଡିଲେହେଁ ଚଳନ୍ତାଗାଡ଼ି, ପରାଧୀନ ବ୍ରିଟିଶରାଜ୍ୟରେ ଗ୍ଲାନ ସମାଜ ଅଥର୍ବ । ତେଣୁ ନିଷ୍କ୍ରିୟ ରହିଲେ । କିଏସେ ଅଣ୍ଟାକୁ, କିଏ ସେ ସାର୍ଟପକେଟକୁ ଅନ୍ୟ କିଏସେ ପେଣ୍ଟ ପକେଟରୁ ପଇସା ଖୋଜିଲେ । କିନ୍ତୁ ହାୟ ବ୍ୟୋମଯାନ ଦର୍ଶନ ପିପାସା ଏତେ ବଳବତ୍ତର ହୋଇଥିଲା ଯେ ସମସ୍ତେ ହତସମ୍ବଳ । ତତ୍କାଳୀନ ଯୁଗରେ ମୁଦ୍ରା ଯେ କେବଳ ଆକାରରେ ନୁହେଁ ପରିଚଳନରେ ଖୁବ୍ ହ୍ରାସ ହୋଇଛି । ଏଣୁ ତେଣୁ ବିପଦ କହି ଟି· ଟି· ଆଇଙ୍କ କୋହ କୋହ ମନ ଧରିଲେ । କିନ୍ତୁ ସେ ରୋକ୍ ଠୋକ୍ କହିଲେ "ପଇସା ପାଇଁ କମାନର ଗାଡ଼ି, କଥା ପାଇଁ ନୁହେଁ ।"

ତାଙ୍କ ମଧ୍ୟରୁ କେତେକ ସ୍ୱଇଚ୍ଛାରେ ଜରିମାନା ସହ ଟିକେଟ୍ କାଟିବାକୁ ପ୍ରସ୍ତୁତ ହେଲେହେଁ ଅନ୍ୟକେତେକ ନିଷ୍ପନ୍ଦ ଧରାପଡ଼ିବେ । ପରାଧୀନ ରାଜ୍ୟରେ ଜୋରଜବରଦସ୍ତିର ସ୍ଥାନ ନାହିଁ । ବେପରୁଆ କାର୍ଯ୍ୟ କଲେ ଚରିତ୍ର ଉପରେ ଆଞ୍ଚ ଆସିବ । ଏଣୁ ସମସ୍ତେ ନିସ୍ତବ୍ଧ ହୋଇ ମୁହଁକୁ ମୁହଁ ଦେଖାଦେଖି ହେବା ସାର ହେଲା । ହେଲେକଲେ ନିଷ୍ପନ୍ଦ ହାଜତକୁ ଯିବେ । ଅସହାୟ ଅବସ୍ଥାରେ ମନୁଷ୍ୟ କହେ 'ରକ୍ଷାକର ହେ ଜଗଦୀଶ୍ୱର' । କେତେକ ନେତୃତ୍ୱ ହେବାକୁ ଜାଗ୍ରତ ।

ମନସ୍ୱୀ ଶଶିଭୂଷଣଙ୍କ ପ୍ରତି କାହାରିହେଲେ ଦୃଷ୍ଟି ନାହିଁ । ସେ ସ୍ୱସ୍ଥାନରେ ଦଣ୍ଡାୟମାନ ହୋଇ ଆକାଶ ପାତାଳ ଆଖି ଆଗରେ ମାପିଗଲେ ଭବୀ- ସ୍ୱତନ୍ତ୍ର ଓଡ଼ିଶାର ଯୁବସମାଜର ସଫଳତା ଉପରେ ବି. ଆନ୍. ଆର୍. କମ୍ପାନୀ କର୍ମଚାରୀଙ୍କ ଦୁର୍ବ୍ୟବହାର ।

ଷ୍ଟେସନ୍ ପରେ ଷ୍ଟେସନ୍ । ଗାଡ଼ି ବନ୍ଦ ହୁଏ ଟାଟା ପ୍ଲାଟ୍‌ଫର୍ମରେ । ଶଶିଭୂଷଣ ନିଜ କୋଟପକେଟରୁ ସମସ୍ତ ଅର୍ଥକୁ ଏକାଠି କରି— ଅଞ୍ଜୁଳାଏ ଟଙ୍କାଧରି ଟି. ଟି. ଆଇଙ୍କ ସମୀପରେ ଦଣ୍ଡାୟମାନ ।

"ନଅନ୍ତୁ, ବିନା ଟିକେଟ୍ ତଥା ଯାତ୍ରୀଙ୍କ ଟିକେଟ୍ ଖର୍ଚ୍ଚ" । କିନ୍ତୁ ଏଥିରୁ ମୋର ଆବଶ୍ୟକ କେବଳ ମାତ୍ର ପାଞ୍ଚଟଙ୍କା—ଫେରିବା ପାଇଁ । ମନେ ରଖନ୍ତୁ ଯୁବ ସୁଲଭ ଚେଷ୍ଟା ଉଣାକୁ ଟପିଗଲେ, 'ବ୍ୟୋମଯାନ' ଦର୍ଶନ ଉତ୍ସବରୁ ବଞ୍ଚିତ କରିବା ଏକ ଧୃଷ୍ଟତା ମାତ୍ର ।"

ଯାତ୍ରୀମାନେ ନିସ୍ପନ୍ଦ । ଗାଡ଼ି ଠିକ୍ ସମୟରେ ଚାଲିଛି । ସମସ୍ତଙ୍କ ପଛରେ ନିର୍ବିକାର ଭାବରେ ଶଶିଭୂଷଣ ଟାଟାକୁ ବାଟ ଚାଲିବାରେ ବ୍ୟସ୍ତ । ଜଣେ ପ୍ରୌଢ଼ ଯୁବ, ସାଙ୍ଗଙ୍କ କାନରେ ନିଜ ଦଳପୁର ଯୁବକଙ୍କୁ କହିବା ଶୁଣାଗଲା, "ସେ ଏହି ଆମ ଓଡ଼ିଶା ଓଡ଼ିଆଙ୍କ ଆଶା ।"

ଅନ୍ୟ ଜଣେ ଉତ୍ତରରେ କହି ଉଠିଲେ, "ଆରେ ବୋକା ! କେବଳ ସେତିକ ନୁହେଁ, ସମଗ୍ର ବିଛିନ୍ନାଞ୍ଚଳ ମିଶ୍ରଣର ଏକମାତ୍ର ଭରଷା ।"

ଅଦ୍ୟାପି ଅପାନବିନ କେତେକ ଯୁବଆଧୁନିକ ପୁରୁଷ ନାଟକର ସ୍ୱାଧୀନ ଭାରତ ର, ସ୍ୱତନ୍ତ୍ର ଓଡ଼ିଶାର ନିତ୍ୟ ପ୍ରତ୍ୟୁ ପୂରଣ କରନ୍ତି ଯେହି ମହାନ୍ ଆତ୍ମାର 'କଂଟାଟ' ଯୁକ୍ତି ମାତ୍ର ।

ଉଲ୍ଲୁ ! ଉଲ୍ଲୁ !!

ଝିପି ଝିପି ବର୍ଷା । ଅଲ୍ପ ଟେଳା, ଧଳା ମେଘାବୃତ୍ତ । ଦିନ ଯାଇ ସନ୍ଧ୍ୟା, ଅଥଚ ପ୍ରକୃତିର କୌଣସି ପରିବର୍ତ୍ତନ ନାହିଁ । ଶୀତ ସନ୍ଧ୍ୟାରେ ଶୀତଳତା ଆହୁରି ଗାଢ଼ତର । ଗମନାଗମନ ସବୁ ରାସ୍ତା ଶୁନ୍‌ଶାନ ।

ଅଶ୍ୱା ବରଗଛ । ରାସ୍ତା କଡ଼ରେ ଏକାକୀ ଦଣ୍ଡାୟମାନ । ଏହାର ଚୋଟିଏ ଶାଖା ଗୋଲବୃତ୍ତ । ଗ୍ରାମର ଅନଳ୍ପ ଦୂରରେ ପରିଦୃଶ୍ୟ । ଏହାର ବୃତ୍ତରେଖା ମଧ୍ୟରେ ଦେଖା ଯାଉଥିଲା—ଏକ କ୍ଷୁଦ୍ର ଅବହେଳିତ ପର୍ଣ୍ଣକୁଟୀର ।

ନଦୀ ତଟ ଦେଶ । ପକ୍କା ରାସ୍ତାକଡ଼ ଠାରୁ ଅନତି ଦୂରରେ କୁଡ଼ିଆ । ଗ୍ରାମର ଅନ୍ତ ଦୂରରେ, ନଙ୍ଗୁଳିଆ, ଖାଣ୍ଟି ନଙ୍ଗୁଳିଆ କୁଡ଼ିଆ, ପାଖରେ କାଆ କରିବା ପାଇଁ ଗଛଟିଏ ବି ନାହିଁ ।

କେବଳ ସେତିକି ନୁହେଁ, କୁଟୀର ମଧ୍ୟରେ ଏକ ବିରାଟକାୟ ମାନବ । ମଥା ଉଚ୍ଚା, ଆଖି ପାଏନା, ବଳିଷ୍ଠ ବାହୁଯୁଗଳ, ବିସ୍ତୃତ, ବକ୍ଷ ଦେଶ । ଜାନୁ ଦ୍ୱୟ ପଟାଳିଆ ଓ ମାଂସଳ, ଶରୀର ଅନାବୃତ୍ତ । ମାଂସ ପେଶୀ ସୁଦୃଢ଼ ଓ ସୁଦୃଶ୍ୟ । ଆଣ୍ଠୁ ଆଣି ଗାମୁଛା । କାନ୍ଧରେ ଛିଣ୍ଡା, ସେ ମଣ୍ଡା, ମଳ ଚକଟା ଗୁହପୋଆ ଗାମୁଛା ।

ରବିନ୍‌ସନ୍ କ୍ରୁସୋ ପରି ନିର୍ଜ୍ଜନ ଦ୍ୱୀପରେ ବୁଡ଼ାମ୍ବୀବରର ସବ ମୋଟ ପରିବାର ମଧ୍ୟରେ ଏକ । ସେ କିଏ ସେ ? କେବେଁ, କେଉଁ ଠାରୁ ଓ କିପରି ଏପରି ବ୍ୟକ୍ତିର ଆବିର୍ଭାବ ହୋଇଛି—ତାହା ଜାଣିବା କଠିନ ବ୍ୟାପାର ।

ବାଟୋଇମାନେ ଅନ୍ୱେଷଣ କିମ୍ବା ସନ୍ଦେଷଣ କରି ଦିନେ ହେଲେ ମୁହଁ ବୁଲାଇ ଚାହିଁ ନାହାନ୍ତି । ଦରଭଙ୍ଗା କୁଡ଼ିଆର ଉଚ୍ଚ

ପିଣ୍ଡା ଉପରେ ସତା ଝିଅକୁ ନଙ୍ଗୁ ଉପରେ ପାଳନ କରିବାରେ ବ୍ୟସ୍ତ ! ଦୂରରୁ ଅସ୍ପଷ୍ଟଭାବେ ପଦେ ପଦେ ଗୀତ ଶୁଭୁଥିଲା—

ଅଠାକାଠି ପଞ୍ଜରାରେ ପଡ଼ିଛୁ ଧରା
ତୁତ ନେଉଛନ୍ତି ଚାରା,
ପାରା ଉଡ଼ିଗଲେ ଆଉ ନଦେଉ ଧରା ।"

ଗାଉଥିଲା କ୍ଷୀଣସ୍ୱରରେ । ଗୀତକୁ ଶ୍ରବଣକଲେ ମଧ୍ୟ ବୃଦ୍ଧଙ୍କ ଗମ୍ଭୀର ସଙ୍ଗୀତ ଶବ୍ଦାକର୍ଷକ ଥିଲା । ବଦଳିଆ ନଶ, ଦାଢ଼ୀ, ଓ ସୁଗନ୍ଧିର ପାଟିରୁ ଗୀତ ସ୍ୱର କୁଂଚିତ ମୁଖ ଆନ୍ତର ଆକର୍ଷଣୀୟ । ସେହି ଗୀତର ଅର୍ଥ ସେ ହିଁ ବୁଝୁଥାଏ । କର୍ମ ପ୍ରବଣତାରେ ଗୀତଟା ହେଲା ଏକ ଝିଅ । ସଂସାର ମଧ୍ୟରେ ତାହାର ଦୁଃଖ ଓ ସୁଖରେ ଭାଗ ନେବାକୁ କେହି ନାହାନ୍ତି, କହିଲେ ଭୁଲ ହେବ, ଯେହେତୁ ମନୁଷ୍ୟତ ସାମାଜିକ ପ୍ରାଣୀ । କିନ୍ତୁ ଧୀବର ବୁଢ଼ା ଭଗବାନଙ୍କ ସୃଷ୍ଟିରେ କଣ ଏକ ବିରାଟ ବ୍ୟତିକ୍ରମ ?

ତାହା ନୁହେ ସେ ଗୀତ ଗାଏ, ସ୍ୱରଧରେ । ସେ ତାହାର ନିଜ ସଂସାର ମଧ୍ୟରେ ହସେ । ନିଜର ଜୀବନ ଫନ୍ଦା ସୁହାଇଲା ପରି, ସୂତା ପାକଳ କରି ଲଟାଏ । ସମୟେ ସମୟେ ଫିଙ୍ଗାଜାଲକୁ କୁଡ଼ିଆ ପାଖ ବାଉଁଶ ଖୁଣ୍ଟରେ ଲଟକାଇ ସିଲାଇ ମରାମତି କରେ । ଆକାଶରେ ବଇଦ—ନୀଳ ଆକାଶରେ ନୀଳିମା, ପର୍ବତ ଓ ଅରଣ୍ୟର ଦୁରନ୍ତ ସବୁଜିମା—ତାହାର ଐକାନ୍ତିକ ପ୍ରାଣରେ ସୃଜନକ୍ଷମ ଶକ୍ତି ଆଣିଛି । ତେଣୁ ସେ ଏକ ପୁରାତନ ମିନଷା, ବଙ୍କା, ଚତୁର ବ୍ୟକ୍ତିଙ୍କ ଏକ କ୍ଲାନ୍ତ ଚ୍ୟୁତ ସାମାଜିକ ପ୍ରାଣୀ ।

ସମାଜର ବହୁ ଦୂରରେ ଅବସ୍ଥାନ କରେ । ହାତରେ ନଡ଼ିଆ ପତର ନେଇ ଗୁଡ଼ାଇ ଗୁଡ଼ାଇ ଏକ କାହାଳୀ ପ୍ରସ୍ତୁତ କରେ । ନିକଟ ଗ୍ରାମରୁ ମେଣ୍ଟାଏ ଧୂଆଁ ପତ୍ର, ନାଶ ଦାନାରେ ପକେ ନାସିକୁ ଧରେଇ

ଅଣ୍ଡାନ୍ତରେ ସରସ୍ୱ କରିବା ଦୃଷ୍ଟିଗୋଚର ହୁଏ । କାହାକିରେ ଅଗ୍ରେ ନିଆଁ ଲଗାଇଲେ ଆକାଶର ମେଘପରି କୁଣ୍ଡଆରି ଗୃହଦ୍ୱାରରେ ଧୂଆଁ ଘେରିଯାଏ । ଅନ୍ଧାର ରାତିରେ ଝାଟୋଇମାନେ ବୁଢ଼ାର ପିକା ନିଆଁକୁ ଡାହାଣୀ ନିଆଁ ବୋଲି ଡରନ୍ତି, କିନ୍ତୁ ଜାଣିବା ଶୁଣିବା ଲୋକେ ନିର୍ଭୟରେ ସାହାଭରଷା ପାଇଁ ତାକେ ଡାକ ଦେଇ ନିଜ ରାସ୍ତାରେ ଗମନ କରନ୍ତି ।

ବରଗଛ ଓ ଆମ୍ବତୋଟାର ମଧ୍ୟଭାଗରେ ଅପନ୍ତରା ମଝିରେ ନିଛକୁଳିଆ ଶୀତଳତାକୁ ଦମକାଇ ପୁଟକ ଧୂଆଁକୁ ଘନଅନ୍ଧକାର ମଧ୍ୟକୁ ଫିଙ୍ଗି ଦେଅନ୍ତି । ଠିକ୍ ସେହି ସମୟରେ ବରଗଛରେ ବସା ବାନ୍ଧିବା ବଗବଗୁଲି କିମ୍ବା ଅନତି ଦୂରରେ ଆମ୍ବତୋଟା ମଧ୍ୟରେ କାଉ କୋଇଲିଙ୍କ ଶୀତ ଝଡ଼ା ଫଡ଼ର ପାଡ଼ର ସ୍ୱରକୁ ବେପରୁଆ ଭାବେ କାହାଳୀ ପିକାର ନିଆଁ ଝଲକରେ ବୁଢ଼ାମାଙ୍କିଏ ଚମକାଇ ଦେଉଥିଲେ । ଶୀତ ପାଖମାଡ଼ିବା ବେଳେ କାଳେ ସେ ଜାଣିନଥାଏ ।

ରୋଗ ତାହାର ଜୀବନରେ ଏକ ସ୍ୱପ୍ନ । ଔଷଧ ଔଷଧ, ଭୁଲରେ କେବେଁ ଜରୁରୀ କିମ୍ବା ନିପଟ ନିଶ ସୁଦ୍ଧା ଲଣ୍ଡର ଷ୍ଟୁପ୍ୟା ମଧ୍ୟ ପାଖ ପଶିପାରେନା । ବୃଦ୍ଧ ବେଶ୍ ସୁସ୍ଥ ସବଳ । ଅରକ୍ଷିତକୁ ଦଇବ ସାହା—ତେଣୁ ବୋଧହୁଏ ରୋଗ ତାହା ନିକଟରେ ବୈରାଗୀ ।

ଭୂତ, ପ୍ରେତ, ଡାହାଣୀ କିମ୍ବା ଚିରୁଗୁଣୀ କେତେକଥା ଶୁଣା ଯାଏ । ଅନ୍ଧାର ରାତିରେ ବାଟ ଓଗାଳିବା ଠାରୁ ଶଗଡ଼ଦଣ୍ଡିକୁ ଟାଣି ଦେବା ପର୍ଯ୍ୟନ୍ତ କଥା ଶୁଣୁ । ଡାହାଣୀ ନିଆଁ ହାଲୁ ହାଲୁ ହୋଇ ଖାଲିଆଠାରୁ ନଈ ତଡ଼େ ତଡ଼େ ବିର୍ ରାସ୍ତାରେ ବରବୁଦା ମୂଳରେ ଲିଭିବା ଶୁଣାଅଛୁ । ଚିରୁଗୁଣୀମାନେ, ଅପୋକ୍ଷ ପ୍ରେତାତ୍ମାମାନେ ଚରଭୂମିରୂପେ ଗାଁଆଁ ତଳର ସେହି ତୋଟାମାନ କୂଳରେ ଘୂରି ବୁଲନ୍ତି । ଅଥଚ କାହିଁକି କେଜାଣି ଧୀବର ବୁଢ଼ାର କାହାଠାରେ ପ୍ରତି ଆକ୍ରୋଶ ନାହିଁ କିମ୍ବା ଭୟଭୀତି ନାହିଁ । ଅଜବ ଲୋକ ପ୍ରତି ସମସ୍ତଙ୍କର ଦୟା ।

ଋଷିମାଳ ପର୍ବତରୁ ସିନା ନଦୀର ଉଦ୍‌ଗମନ, କିନ୍ତୁ ପ୍ରଖ୍ୟାତ ଓ ସୁଖ୍ୟାତ ସମତଳର ଏହି ଧୀବର ବାସ କରୁଥିବା ଗାଆଁ କୂଳରେ । ବ୍ରାହ୍ମଣଶାସନ ଅନନ୍ତ ଦୂରରେ, ଅନ୍ୟ ଏକ ଚଷାକୁଳିଆ ଗାଆଁ ପାଏକେ ଏବଂ ଅଚ୍ଛୁତ୍ ଖଦାଳ ପଡ଼ା ଗାଁଆ ଗହଳର ଆରପାଖରେ ଠିକ୍ ନଦୀର ହାଡ଼ ତଳେ । ସାରୁ, ମାଣ୍ଡି ଆଦିର ତଳକୁ ଆଣ୍ଟୁ ଅଣ୍ଟି ହୋଇ ଶାବୁଆ ଆଖୁ ଖେତର ଶୋଭା ମନ ମଉଜକର । ଗତବର୍ଷର ନଦୀ ବଢ଼ିର ଯେତେକ ଦରପୋଡ଼ା ଝୁଣ୍ଟା କାଠ, ଡାଙ୍ଗ ଓ ଟେଙ୍ଗଣା-ବାଡ଼ କୂଳ ଓ ହାଣ୍ଡି ସବୁ ନିଶୁନ୍ ହୋଇଥିଲେ । ନର୍ଷ କଷ୍ଟାବେ ଗାଈଆଳ ପିଲାଏ ନଦୀ ହୁଡ଼ାରେ ଟୀପା ଶଳକୁ ଚାଳଦେଇ ବଂଶୀ ସ୍ୱନରେ ଟାନେ ଟାନେ ଖେଳୁଥିଲେ । "କିନ୍ତୁ ଗାଆଁ ମଶାଣି ପରଗାଆଁ ପାଣି" କାହାକୁ ଡ଼ର ନାହିଁ ? ଧଞ୍ଜଲରେ ନଳରେ ବେଳରେ ନିସ୍ଥଟିଆ ଓ ହାଁକାରିଆ ବୋଧହୁଏ ।

ସନ୍ଧ୍ୟାରେ ଶୁଆକୁ ପଞ୍ଜୁରୀ ମଧ୍ୟରେ ସ୍ଥାନଦିଏ । ବିହାଡ଼ି କୁକୁର ଉଭୟେ ବୁଢ଼ାର ପେଟତଳେ ଆଶ୍ରୟ ନିଅନ୍ତି । ମାଝିକାକରାରେ କକ୍ଷକପାଞ୍ଚ ହୁରର ପ୍ରଥମ ଡାକରେ ପ୍ରମନ୍ତ ମାଝିଏ ଧଡ଼ପଡ଼ ହୋଇ ଉଠନ୍ତି । ଅନ୍ଧାରେ ଭରନ୍ତି କରିଥିବା ଚକମିକି ପଥର, ଧୋଳା, ଅଙ୍ଗାରିତ ଲୁହାକୁ ପଥର ଉପରେ ପିଟି ଧୋଲ ଦେଣ୍ଟରେ ନିଆଁ ଝୁଲକୁ ଲଗାଇଦେଇ ପୂଜାଏ ଧୂଆଁ ଡ଼ୋକ ଦିଅନ୍ତି । ଘର୍ଘ ଖାସ ସଙ୍ଗେ ସଙ୍ଗେ ଛେପକୁ ପକାଇ କହନ୍ତି, ମଇନା ଭୁ ଥା ! ପୁଣି ଭୁ ଥା !! ପାଣ୍ଡ୍ରା କେଉଁଆଡ଼େ ଯିବୁନାହିଁ !!! ରାତି ପାହୁ ଦେଖିବ, କେତେ ଟଟକା ଚେଙ୍ଗ, ଗଡ଼ିସା, ରୋହି ଭାକୁର ଠାରୁ ବାହାର ମୋଟା ଟଟକା ଆଣିଦେବ ।

ଶାରଦ ପୂର୍ଣ୍ଣିମା ରାତିରେ ଶୁକ ମୁହାଁ ଭୁଲାଏ । ପୁଣି ମିଆଁଉଁଙ୍କର କୁଡ଼ିଆର ଚାଳମୁଣ୍ଡକୁ ଯାଏ । ପାଣ୍ଡ୍ରା ଯେ କୁଡ଼ିଆବୁଆରକୁ ଲାଗି

ଓଲଟେନେ ମଳାବାବାନ୍ଧ ପୂର୍ବରୁ ପ୍ରଭୂର ଆସ୍ଥାପନାରେ ସମ୍ମତିସୂଚକ ଭେ ଭେ କରି ଅବସର ନଏ ।

ବୃଦ୍ଧ ଧୀବର ଜ଼ପରାଣ ଗାମୁଛାଖଣ୍ଡିକ ଜୋରରେ ମୁଣ୍ଡରେ ଚଉକଡ଼ି କରି ଟାଣିକରି ଭିଡ଼ ଦିଅନ୍ତି । ଗୋଳ ପାଣିରେ ଭିଜି ଭିଜି ସ୍ୱତନ୍ତ୍ର ଗେରୁଆ ବର୍ଣ୍ଣର ପାଣିଗାମୁଛା ପିନ୍ଧାଟାକୁ ଟେକି କଷିଦେଇ ଅଣ୍ଟାରେ ବାନ୍ଧିଦେଇଥାନ୍ତି । ପୋଡ଼, ମଇଁଷି ପିଠିପରି କଳା ଖଦ୍‌ଖଦ୍‌ ପିଠି ଉପରେ ମଛଗନ୍ଧ ଉଦ୍‌ଗମନ ନାଶାଘ୍ରାଣ ଉତ୍କଟକର ଗନ୍ଧଯୁକ୍ତ ଫିଙ୍ଗାଜାଲକୁ ଲଟାଇଦେଇ ବାହାରି ପଡ଼ନ୍ତି । ଜାଲର ନିମ୍ନାଂଶରେ ଥିବା ଲୁହା ଗୋଟି ଗୁଡ଼ିକ ଅଣିଥିବା ଗୁଳିର ଟାନେଟାନେ ମୃଦୁଗୁଞ୍ଜନ ସ୍ୱର ଉତ୍ପନ୍ନ ହେଉ ଝମ୍ ଝମ୍-ଝମ୍ ।

—ଦ୍ୱିତୀୟ ପରିଚ୍ଛେଦ—

ଅନନ୍ତେଇ ସେଠି । ତିନଖଣ୍ଡ ଗାଆଁର ମେହନତ କରିବାରେ ଓସ୍ତା । ସେଠିଆଣୀଙ୍କ ଦାୟିତ୍ୱରେ ପିଠାପଣାଠାରୁ ଘର ମଧ୍ୟରେ ସମସ୍ତ ପ୍ରାଣୀଙ୍କ ପାଇଁ ଶାଗ, ତିଅଣ, ଖଟା ଓ ଚଟଣି ସଚେତ । ଦୁଇଟି ଭେଣ୍ଡା ମର୍ଦ୍ଦ ପୁଅଙ୍କ ଅଭିଆଡ଼ି ବୟସରେ ଖଟଣି । ଉମି ଶାଶୁଘରୁ ଫେରନ୍ତି । ସମସ୍ତେ ବୁଢ଼ୀ ସେଠିଆଣୀଙ୍କୁ ଖାତିର କରନ୍ତି ।

ନଈ ଭୁଠରେ କୁଣ୍ଡାକିଆ ପଟା ପଥରରେ ଧୋଆନ୍ତି ସାଆନ୍ତାଣୀଙ୍କ ଦେହଲଗା ଲୁଗା ସଫା କରିବା ହେଲା ମେହନତ । ଧୋବା ଇନାମ ବୋଲି ପାଞ୍ଚମାଣ ଜମି । ଅକଳନ ପରିଶ୍ରମ ଅର୍ଜ୍ଜିତ ରୋଜଗାର ଧନରେ ଅନନ୍ତେଇଙ୍କ ଖୋଦ୍ ତିନମାଣ ଏକ ଗୁଣ୍ଠ । ସେତେବେଳକୁ ଉମି ଜନମ ହେବା ଉପରେ । ନଅଙ୍କ ତିରଣରୁ ରକ୍ଷା ଓ

ସାହୁକାର ଖୁଷୀପାଇଁ ରେଙ୍ଗୁନ୍ ଯାଇଥିଲେ— ମୂଲିଆ ମେହନତି କରିବା ପାଇଁ । ସେ କାମ ସୁହାଇଲା ନାହିଁ; ଭିଟାମାଟିର ମମତାକୁ ଗୋଡ଼ତଳେ ଚକଟିଦେବାର ସେ ଲୋକ ନୁହେ । ସାଆନ୍ତାଣୀଙ୍କ ହାତ ତଳରୁ ନିତ ପାଇବା ଉଚ୍ଛିଷ୍ଟକୁ ମହାପ୍ରସାଦ ତୁଲେ, ଲୁଣକଂସା ଭାତ; ମିଠା ପିଠା ଖିରି ଖାଇବା ଲାଳସାର ମମତା ଛାଡ଼ିଲେ । ତେଣୁ ଅକାଳ ଅବେଳ ଛୁଟି ନ ଛୁଟି ସ୍ୱଦେଶକୁ ଫେରିଲେ ।

କଦଳୀଗଛ ହାଣିବାଠାରୁ ମୁଗାଇ ସାଟରେ ଦୌରାତ୍ମ୍ୟ ମଧ୍ୟରେ ଶୁକ ଉଜଧାନ କଅାଁଳର ଧାନକଟା ଚୁଡ଼ି, ଦକ୍ଷିଣୀ ଟେକମଙ୍କ ସଉଦାଠାରୁ ବ୍ୟବହାର ସୁଲଭ ସାହୁକାରଙ୍କ ବ୍ୟବହାର ସୁହାଇଲା ନାହିଁ । ମନର କଥାକୁ ମନରେ ରଖି ରେଙ୍ଗାମ ନାଙ୍ଗି ଝିଅଠାରୁ ଛତୁଆ ଭଲ ଲାଗିଲା ନାହିଁ । ସଞ୍ଚିତ ଧନକୁ ଧାନୁଆ ଗୋରଷିଆ ମାଳ କରି ବେକରେ ବେକେ ଲଗାଇ ଅନନ୍ୟେଇ ଗ୍ରାମକୁ ଫେରିଲେ । ସେଠିଆଣୀଙ୍କୁ ସେହି ମାନରେ ଆଭରଣ କରି, ପୂର୍ବରୁ ପଠାଇଥିବା ଟଙ୍କାରେ ପରିଡ଼ା ସାଆନ୍ତଙ୍କ ଦୁଇମାଣ ଜମି ଓ ପାନନପୁଅ ବୁଢ଼ା ଚଷାଠୁଁ ମାଣେ ଗୁଣ୍ଠେ କରି ଜମି ଖରିଦ କରି କୁଟୁମ୍ବ ଭିଆଣି କରିବାରେ ଲାଗିଗଲେ ।

ଗୋଟା ମୋଟା ନାକଡ଼ା ମଣିଷ । ବତରେ ଭାଡ଼ ଶୁଆକୁ ନଚେଇ ବୁଲା ଯାଏ । ନିତ ପହାନ୍ତାରୁ ଆଖୁପଦର ଘଣ୍ଟିଶୁଆ ଉପରେ ଉଧାର ଅଡ଼ାରୁ ଜଳି, କାକୁଡ଼ି ଟୋକା ଗଣ୍ଠିକରି ପିଠିରେ ଲଦି ଫେରେ । ବଡ଼ ପାଗୁଡ଼ିକୁ ମୁଣ୍ଡରେ ପଗଡ଼ିକରି, ହାତରେ ପାଞ୍ଚହାତାକୁ କୋରରେ ଧରି ଧପ୍ ଧପ୍ ଢଙ୍ଗରେ ଚାଲନ୍ତେ । ମରଦମାନେ ଖୁବ୍ ଖାତିରି କରନ୍ତି ।

ସେ ଦିନ ଧୂର୍ ଧୂର୍ ବର୍ଷା ମାଡ଼ି ଆସୁଛି । ଝଳ ଝଳ ଆକାଶରେ ଲୋକଙ୍କର ଟିକି ଟିକି ଦାନ ଝଡ଼ପଡ଼ିବାପରି ମମତା ବର୍ଷା ଝରି ପଡ଼ୁଛି । କାଉ କା କରିବାର ଶୁଭୁନାହିଁ । ଚଷାଗୁଡ଼ିକ ଗଛ-

ଡାକତକେ ଆସ୍ୱସ୍ତି ନେଇ ଆସୀନ । ସଅନ ସଅନ ଦ'ଗ୍ଧତଗୁଣ୍ଡା ଖାଇ ମୁଣ୍ଡପାଗଡ଼ି ଭିଡ଼ି ହାତରେ ଟାଙ୍ଗିଆ ନେଇ ଅନନ୍ତେଇ ଘରୁ ବାହାରି ପଡ଼ୁଛି । ଭାଡ଼ ଭିତରେ ପିକାନ୍ତୁ ପୁକାଏ ଟାଣି ନେଇ ନିଆଁକୁ ଲଗାଇ ମୁଣ୍ଡତଳେ ଗୁଂଚ ଶୋଇଛି ।

ବୁଢ଼ାଧୀବର ଖାଳୋଇରେ ଚଟକା ମୋଟା ଗାଣ୍ଡୁଆ ଚଙ୍ଗୁଡ଼ି, ବାମ୍ବାର, ଗଡ଼ିଶା କରି ପାଳୁଆଏ ଭଟକର ନଦୀ ଉପରକୁ ଆଲୁଅ ଦେଖି ଉଠିଛି । ଏତିକିବେଳେ ମାତ୍ରୁଅନ୍ଧାର ରହିଛି । ଯୁଇ ରଡ଼ ଗୁଡ଼ିକ ଡ଼ିହ ଡ଼ିହ ହୋଇ ତେଜଆନ୍ ଦିଶୁଅଛି । ଧୀବର ଅସମ୍ଭାଳ ହୋଇ ଦରପୋଡ଼ା କାଠ ମଧ୍ୟରୁ କଛୁଟା ସଜାଡ଼ିଦେଇଛି । ଇତସ୍ତତଃ ପଡ଼ିଥିବା କାଠରେ ମଶାଣିଦୋପୂର୍ଣ୍ଣ ହୋଇଛି । ହଠାତ ନୁହେଁ କାହାକ ନୁହେଁ, ଏକାଧାରରେ ସପ୍ତାହଟିଏ ହେବ ହଳାପଟାରେ ଗାଆଁର ଅନେକଲୋକ ଶେଷ ହେଲେଣି । ଧୀବର ବୁଢ଼ାକୁ ହଇଜାର ଖାତିର ନାହିଁ । ଦରପୋଡ଼ା କାଠ ଖଣ୍ଡିକ ଉପରେ ବସି ମୁଠାଏ ଚଙ୍ଗୁଡ଼ି ନେଇ ନିଆଁ ମଝିରେ ଥୋଇ ଦେଲେ । ଏପରିକି ଚଡ଼ଚଡ଼ ହୋଇ ଚୋପାଗୁଡ଼ିକ ଫୁଟିବା ଓ ଫାଟିବାକୁ ଲଗିଲା । ପାଣିଆ ମାଛର ପାଣିମରି ରଙ୍ଗ ଟକ୍ ଟକ୍ ଦେଖାଗଲା ।

ବୋଟିଏ କାଠିରେ ଉଖାରି ଧୀବର ବୁଢ଼ା ଏକା ଥରକେ ଦୁଇ ଚଙ୍ଗୋଟିର ଚୋପା ଛଡ଼ାଇ ପାଟିରେ ପୁରାଇ ପାକୁଳି ଗିଳିଦିଏ । ଏପରି କିଛି ସମୟ ବିତିଯିବା ପରେ, କାଣ୍ଟଖୋଳା ମଧ୍ୟରେ ଦୁଇଟି ହାତ ଗୁଡ଼ି ମଧ୍ୟରେ ଓ ପାହିଟଳେ ପ୍ରସାରିତ ହେଲା । ବୁଢ଼ା ନିର୍ଭୟରେ ମାଛତକ ଖାଇ ଚୋପା ଚୋପାକୁ ପ୍ରସାରିତ ହାତ ମଧ୍ୟରେ ଫିଙ୍ଗି କରେ । ସେଠିଏ ଚପାଚପି କରି ତଳକୁ ପକାଇ ପୁନଶ୍ଚ ହସ୍ତ ପ୍ରସାରଣ କରିବାରେ ବ୍ୟସ୍ତ । ରହସ୍ୟମୟ ଘଟଣାର କିଛି ସମୟପରେ ଧୀବରେ ସେଥିରେ ପୋଡ଼ା ଚଟକା ମାଛଖାଇ ଏଉଡ଼ିଟିଏ ମାରିଲେ । ହାତ ଦୁଇଟି ପୁନଶ୍ଚ ପ୍ରସାରିତ ହେଲା । ଅସମ୍ଭାଳ ହୋଇ ନିଜର କାନ୍ଧ ଖୋଳାରେ ଭିଡ଼ିଧରି ପକାଇଦେଲେ ।

ହଠାତ୍ ଶବ୍ଦାର ସନ୍ଦ ସେତିଏ ନଆଁ ଭିତରେ ଧପ୍‌କନା ଚିତ୍‌ହୋଇ ପଡ଼ିଲେ, କହିଲେ, ଓ ହୋ ! ମରିଗଲିରେ „କେଉଟ ବୁଢ଼ା ।”

ଆବେ ଅଭଲ୍ଲୁ ବୁଢ଼ା ! ବେଦ୍ଧାର ଏତ୍ତେ ମୁଣ୍ଡପେ ମୋସାଙ୍ଗରେ ଲଜଆ । ଜାଣୁ ଭୂତ, ପ୍ରେତ, ଡାହାଣୀ, ଚରୁଗୁଣୀ ଯେତିମାନେ ମୋର ସାଙ୍ଗ ତାଙ୍କୁ ହୋତଇ ମାଛ ଖାଇବୁ । ଏତିକ କହି ନଆଁ ଖୁଣ୍ଟାକୁ ଉଞ୍ଚାଇବା ସଙ୍ଗେ ସଙ୍ଗେ ସେତିଏ ଖାଗ୍ ।

ନିକଟସ୍ଥ ଗଛଉପରେ ବସିଥିବା ପେଚ୍ଛିଟିଏ [illegible] କହିଲା "ଓଲୁ ! ଓଲୁ !!"

କେଉଟ ବୁଢ଼ାର ତାକତ୍ ଓ ସାହସ ଆଜିକାଲି କେତେ କମ୍, ବିଚାର କଲେ ମୁଣ୍ଡ ବଥାଏ । ଛାତିତଳ ଧକ୍ ଧକ୍ ହୁଏ ।

—※—

ତାଙ୍କ ଜୀବନୀରୁ କିଛି

ଗଞ୍ଜାମ ଏକତ୍ରିକରଣ ନିମନ୍ତେ କେତେ ମନ୍ତ୍ରଣା, କେତେ ଯନ୍ତ୍ରଣା, କେତେ ହାଟନାଟ ତାହାର ଇୟତ୍ତା ନାହିଁ । ଗଞ୍ଜାମର ବିଚ୍ଛିନ୍ନାଞ୍ଚଳର ପାରଳା, ତାରଳା, ମଞ୍ଜୁଷାର ବହୁ ଭଦ୍ର, ଶିକ୍ଷିତ ଓ ଅର୍ଥଜ୍ଞ ବ୍ୟକ୍ତି ବ୍ୟାକୁଳରେ ଛିନ୍ନମସ୍ତା, ଖଣ୍ଡବିଖଣ୍ଡ, ଉଲଗ୍ନା ଜନନୀର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ପରିପୂରକତା ଆଣିବା ନିମନ୍ତେ ଗଞ୍ଜାମର ବହୁଗଣ୍ୟମାନ୍ୟ ଗୁଣିଗୁଣୀ ବ୍ରାହ୍ମଣ୍ୟ, ଧୀର, ଗମ୍ଭୀର ଗୁଣ ସମ୍ପନ୍ନ ବହୁବ୍ୟକ୍ତି ସମାବେଶରେ ଏବଂ ସ୍ୱର୍ଗତ [illegible] ମହାରାଜଙ୍କ ପୌରହିତ୍ୟରେ ସର୍ବ ପ୍ରଥମ ଓ ସର୍ବ ପ୍ରଧାନ "ଗଞ୍ଜାମ ସମ୍ମିଳନୀ" ଆହୁତ ହୋଇ, ସ୍ୱଦେଶ ମୁକ୍ତି ଆନ୍ଦୋଳନ ଜନମନରେ

ଜାଗ୍ରତ କରିବା ପାଇଁ ଉଦ୍ଦିଷ୍ଟ ହେଲା । ଏହି ଗଞ୍ଜାମ ସମ୍ମିଳନୀର ସୂଚନ୍ତକ ଗ୍ରାହକ ସ୍ୱର୍ଗତ ନୀଳମଣି ବିଦ୍ୟାରତ୍ନ, ସ୍ୱର୍ଗତ ଜୟକୃଷ୍ଣ ଚ୍ୟାଉ ପଟ୍ଟନାୟକ ଏବଂ ସ୍ୱର୍ଗତ ନରବ୍ୟାଘ୍ର ଶଶିଭୂଷଣ ରଥଙ୍କ ଉଦ୍ୟମରେ ଯେନ କେନ ପ୍ରକାରେଣ ଏହି ସମ୍ମିଳନୀର ଅନୁକରଣରେ 'ଉତ୍କଳ ସମ୍ମିଳନୀ' ପ୍ରସୂତ ହେଲା ୧୯୦୩ ଖ୍ରୀଷ୍ଟାବ୍ଦରେ । ତେଣୁ ଗଞ୍ଜାମର ଏହି କ୍ଷେତ୍ରରେ ସୃଷ୍ଟି ଓ ସୃଜନୀ ଶକ୍ତି କେତେ ଗରୀୟାନ୍ ଏହା ସର୍ବଜନ ମନରେ ଯୁଗପତ୍ ଆଲୋକ ପ୍ରଦାନ କରିବ ।

ଇଚ୍ଛାପୁରରେ ୧୯୧୩ ଖ୍ରୀଷ୍ଟାବ୍ଦରେ ସାହିତ୍ୟ ସମାବେଶ ମାଧ୍ୟମରେ ସ୍ୱର୍ଗତ ଶଶିଭୂଷଣ ରଥଙ୍କ ଅକ୍ଲାନ୍ତ ପରିଶ୍ରମରେ 'ଆଶା' ଉଦ୍‌ଘାଟିତ ହୋଇ ପରେ ପରେ ପତ୍ରିକାର ନାମାନୁସାରେ ସ୍ୱକନ୍ୟାକୁ ନାମିତ କରାଇ ଦେଇ ଦଶ ପ୍ରାଣରେ ନୂତନ ପ୍ରେରଣା, ନବ ଜାଗରଣ, ନୂତନ ଆଶା ସଂଚାର କରିବାରେ କ୍ଷମ ହେଲେ । ତତ୍‌କାଳୀନ ଗଞ୍ଜାମର ଶରୀ ଅବହେଳିତ, ବଂଚିତ ଯୌବନା ଗଡ଼ଜାତ ପ୍ରକୃତ ମଧ୍ୟରେ ଯେଉଁ ନିଷ୍ପେଷଣ, ଶୋଷଣ ଜୀବନ୍ତ ଆକାର ଧାରଣ କରି ରାଜାମାନେ ବ୍ରିଟିଶ ସରକାରଙ୍କ ତୋଷାମଦକାରୀ ରୂପେ କାଳାତିପାତ କରୁଥିଲେ, ସେମାନେ ଏକତ୍ରିତ ହୋଇ ସଙ୍ଗବଦ୍ଧ ହେଲେ । ଅବହେଳିତ, ଉପେକ୍ଷିତ ଦକ୍ଷିଣାଞ୍ଚଳ ମଧ୍ୟରେ ଡାକ୍ତର ରାଧାଚରଣ ପଣ୍ଡା, ଏକ ନୀରବ ସାଧକ ରୂପେ ଜୟପୁର ମହାରାଜାଙ୍କ ଦ୍ୱାରା ସୁଦୂର ମାନ୍ଦ୍ରାଜ ସହରରେ ଡାକ୍ତରୀ ପଢି ଫେରିଥାନ୍ତି ।

ମହାତ୍ମାଗାନ୍ଧିଙ୍କ ପ୍ରେରଣା ଏବଂ ଶଶିଭୂଷଣଙ୍କ ସାହିତ୍ୟ ଜାଗୃତି ତାଙ୍କର କ୍ଷୁଦ୍ର ଅନ୍ତରାତ୍ମାକୁ ଝଙ୍କୃତ କଲା । ସେ ଏପରିଭାବେ ସ୍ୱାଧୀନଚେତା ଓ ମନନଶୀଳ ବ୍ୟକ୍ତି ଯେ ବହୁକଷ୍ଟ ଯନ୍ତ୍ରଣା ସତ୍ତ୍ୱେ ସାଲୁରୁ, ପାଟଳା ଏବଂ ସର୍ବଶେଷରେ ପାରିକୁଦ ପରି ନିରସ ସଭ୍ୟତାହୀନ ଉଷର କର୍କଶ ଲବଣ ସିକ୍ତ ହ୍ରଦମଧ୍ୟରେ ଜୀବିକା ଅନ୍ୱେଷଣରେ ପହଞ୍ଚିଥିଲେ ।

ଏକ ଶ୍ରେଷ୍ଠଗଳ ଢଙ୍ଗରେ ମାଇନରସ୍କୁଲ ଆରମ୍ଭକରି ତଦାନିନ୍ତନ ଶିକ୍ଷା ପରିଦର୍ଶକ ସ୍ୱର୍ଗତ ରାଧାନାଥଙ୍କୁ ସ୍ୱାଗତ ସମ୍ଭାଷଣ ଦେଇଥିଲେ । ସେ ମନ୍ତବ୍ୟ ଦେଇଥିଲେ, "ଡାକ୍ତର ରାଧାଚରଣ ବାବୁ କେବଳ ଚିକିତ୍ସକ ନୁହନ୍ତି ସେ ଲୋକ ଶିକ୍ଷକ, ସ୍ୱଦେଶ ସେବକ ଆତ୍ମ ନିର୍ଭରଶୀଳ ଏକ ଶ୍ରେଷ୍ଠ ବ୍ୟକ୍ତି" । ବାସ୍ତବ ହୃଦୟରେ ଅଦମ୍ୟ ଉତ୍ସାହ, ମନରେ ସ୍ୱର୍ଗୀୟ ପ୍ରେରଣା, ଶରୀରରେ ଅମାପ ଶକ୍ତି ନେଇ ସୁଗଠିତ ବପୁଶ୍ରୀକୁ ଏପରି ସତତ ପ୍ରେରଣା ଦେଇ ଦେଶ ଦଶର ଉପକାର ରତ ଥିଲେ ଯେ, ସୁଦୂର ଚିଲିକା ଗର୍ଭସ୍ଥ ଦ୍ୱୀପ ମଧ୍ୟରେ ଏକ ନୂତନ ଅକଳ୍ପିତ ଶ୍ରୀ ଶ୍ରୀ ରାଧାମୋହନ ନଟଚନ୍ଦନ ମାନସିଂହ ଭ୍ରମରବର ରାୟ ରାଜବାହାଦୁର ଅତ୍ୟନ୍ତ ଜଗତ ସୃଷ୍ଟି ହେବା ସର୍ବ ପ୍ରଥମେ କୃଷ୍ଣ ପ୍ରସାଦର ରାଜାଙ୍କ ଦ୍ୱାରା ଶତ କଣ୍ଠରେ ପ୍ରଶଂସିତ ହୋଇଥିଲେ । କିନ୍ତୁ ରାଜତୁଷ୍ଟି ବହୁଦାନ ତୃପ୍ତି ନପାଇ ତାଙ୍କର କୋପ କୃପାଣ ଦୃଷ୍ଟି ଦେଇ, ସେ ସୁଶୋଭିତ ସୁନ୍ଦର ବପୁକୁ ପେଟ୍ରୋଲ୍ ପ୍ରୟୋଗ-କରି ଦୃଶ୍ୟ ଦଗ୍ଧ ହେବା କଳ୍ପନାରେ ଅଗ୍ନି ସଂଯୋଗ କଲେ । ଈଶ୍ୱରଙ୍କ ନିର୍ଦ୍ଦେଶ ଅନ୍ୟପ୍ରକାର । ଅଳ୍ପକେ ରକ୍ଷା ପାଇଗଲେ ସେ । ବିକଳାଙ୍ଗ ଶରୀରରେ ଆତ୍ମ ରକ୍ଷା କରି, ପୁନଶ୍ଚ ଦ୍ୱିଗୁଣ ଉଦ୍ୟମରେ ଲାଗି ପଡ଼ିଲେ ଦେଶ ଦଶର କଲ୍ୟାଣ ନିମନ୍ତେ । ସେ ବନ୍ୟା ବିଧ୍ୱସ୍ତ ଓ ଅକାଳ ନିଅଣ୍ଟ ପ୍ରପୀଡ଼ିତ ଜନସମାଜର କଲ୍ୟାଣ ନିମନ୍ତେ ୧୯୨୦ ରେ ଗାନ୍ଧୀମତର ଅନୁକରଣ ଓ ଗୋପବନ୍ଧୁଙ୍କ ସ୍ୱଦେଶ ବତ୍ସଳ ଭାବରେ ଅନୁପ୍ରାଣିତ ହୋଇ ଚିଲିକା କୂଳସ୍ଥ ବାଲୁଗାଁଠାରେ ଏକ 'କନ୍ୟାଶ୍ରମ' ନିର୍ମାଣ କରାଇଲେ । ସେହି କରାଳ ବହ୍ନିଶିଖା ମଧ୍ୟରେ ସେ ଆତ୍ମପ୍ରେରଣା ବଳରେ କୃଷ୍ଣପ୍ରସାଦ ତ୍ୟାଗକରି ଚିରଦିନ ପାଇଁ ଚିଲିକାର ମାମୁଁ ଭଣଜା ପାଦଦେଶରେ କୁଟୀର ନିର୍ମାଣ କରି ବାସ କରିବାକୁ ମନସ୍ଥ କରିଦେଲେ । କିନ୍ତୁ ଗଞ୍ଜାମର ଗଣ୍ୟ ମାନ୍ୟ ବ୍ୟକ୍ତିଙ୍କ ପ୍ରେରଣାରେ ଓଡ଼ିଶାର ସାହିତ୍ୟ ସାଧକ ହେବାକୁ ମନ ବଳାଇ ଥିଲେ ।

ଶ୍ରେଷ୍ଠ ଶ୍ରେଷ୍ଠ ପତ୍ରିକା ଓ ଗଳ୍ପ ସଙ୍କଳନ ଗୁଡ଼ିକୁ ଆତ୍ମ-ପ୍ରତ୍ୟେଦିତ କରି ଯେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଲୋକଲୋଚନ ଗୋଚର କରିବାକୁ ଯତ୍ନକଲେ । ତେଣୁ ଆଶା ପ୍ରେସର ଦ୍ୱାରସ୍ଥ ହୋଇ ମହାନୁଭବ ନରବ୍ୟାଘ୍ର ସ୍ୱର୍ଗତ ଶଶିଭୂଷଣଙ୍କ ଅନୁକରଣ ପ୍ରାର୍ଥୀ - ହେଲେ । ତଥାପି ନବୀନ ପତ୍ରିକାରେ ଆତ୍ମପ୍ରକାଶ କରିବା ନିମନ୍ତେ ଆଗଭର ହୋଇ ମଞ୍ଜୁଷା, ଚରକା ଓ ଟେକାଲି ରଘୁନାଥପୁର ଅଞ୍ଚଳ ପାଇଁ ଅଶେଷ ବ୍ୟାକୁଳତା-ପୂର୍ଣ୍ଣ ସନ୍ଦର୍ଭମାନ ପରି ପ୍ରକାଶରେ ଯତ୍ନଶୀଳ ହେଲେ । *

ସେ ଦିନ ବାଳାରୁଣର ରକ୍ତିମ ଛଟା ମେଘାବୃତ୍ତ । ପଶ୍ଚିମ ଆକାଶରେ ଇନ୍ଦ୍ରଧନୁର ନୃତ୍ୟରେ ସୁଦୂର କେଉଁଣ୍ଡି ମାଳର ସୁନୀଳ ପାହାଡ଼ ଶ୍ରେଣୀ ଆଲୋକ ଅନ୍ଧକାରରେ ପରିପୂରିତ । ମେଘ ଡ଼ମରୁରେ ସହର ଗଳି ସ୍ତବ୍ଧ । ଆଣ୍ଠୁ ଲୁଗୁ ଖଦଡ଼ ପରିଧାନ ଏବଂ ଖଣ୍ଡିଏ ମାତ୍ର ଖଦଡ଼ ଚାଦର ସହିତ ଚେଯ୍ୟାନ ଓ ଶରୀର ଆବୃତ୍ତ । ଏକ ଖାଣ୍ଡି ଗାନ୍ଧି ଟୋପି, ହାତରେ ଝୁଲ ମୁଣି ଧରି ଖଦଡ଼ କନାର ମୁଣା ହଲାଇ ହଲାଇ ଖବ ଗୁଳାରେ ତତନ ହେଲେ ଗଙ୍ଗନଥାଇ ଆଗଭର ପଶ୍ଚାତ୍ ଦିଗରୁ ଆସୁଥିବା ମେଘର ଗତିକୁ ଟପିଯିବାକୁ ଆଗୁସାର ହୋଇ ଧାବିତ ଜନ ସ୍ରୋତ ମଧ୍ୟରେ ସ୍ୱୟଂ ସୁଧାଚରଣ ବାବୁ ଦୌଡ଼ୁଛନ୍ତି ।

ଆଶା ପ୍ରେସର ବାରଣ୍ଡା । ବହୁଜନ ସମାଗମ ମଧ୍ୟରେ ଡ଼ାକ୍ତର ଅପେକ୍ଷା କରି ରହିଲେ ଶଶୀ ବାବୁଙ୍କ ଦର୍ଶନ ନିମନ୍ତେ । ହୃଦୟରେ ଅଦମ୍ୟ ଅଭିଳାଷ ମନରେ ଅନାଗତ ଆଶା କରି ପାଇଁ ତାଙ୍କ ହୃଦୟରେ ଉଦ୍‌ବେଳିତ ହେଲା କେବଳ ପରମ ପୁରୁଷଙ୍କୁ ବୋଧ କରିଥିବେ ।

ବାହ୍ୟ ରାଜନୈତିକ ପ୍ରେରଣାର ଗୁରୁ ଜଞ୍ଜାଳ ତଥ୍ୟକର ଶଶୀବାବୁ ସ୍ୱଗୃହକୁ ପ୍ରତ୍ୟାଗମନ ରତ । ବହୁଲୋକେ ଦଣ୍ଡାୟମାନ ହୋଇ ଦଣ୍ଡପ୍ରଣିପାତ କରି ନିଜ ନିଜର ଆତ୍ମବେଦନା ଜ୍ଞାପନ କରି

ଫେରିଲେ । ଅଥଚ ଲୋକର ଭିଡ଼, ମଧ୍ୟାହ୍ନ ଏଗାରଘଣ୍ଟା ପର୍ଯ୍ୟନ୍ତ ଜମାଟରେ ରହିଛନ୍ତି, ଅବିଶ୍ରାନ୍ତ ଭାବରେ । ଡାକ୍ତର ବାବୁ ସବୁ ନିରୀକ୍ଷଣାନ୍ତେ ସ୍ୱର୍ଗିତ ଭଙ୍ଗୀରେ ନିଜର ଭକ୍ତ ପୂଜମାନଙ୍କରେ ଗମ୍ଭୀର ଉଚ୍ଛ୍ୱାସ ନେଇ ଜିଜ୍ଞାସା କଲେ । ସଙ୍ଗେ ସଙ୍ଗେ ପ୍ରେସ୍ ରିପୋର୍ଟରଙ୍କୁ ଡକାଇ ସମସ୍ତ କଥା ପତ୍ରର ବିବୃତ୍ତି ଦେଲେ । ଓଡ଼ିଶାର ଅବହେଳିତ ଅବସ୍ଥାରେ ସେ କିପରି ଅବହେଳାର ପ୍ରଥମ ପାତ୍ର ହେଲେ, ସେଥିରେ ସମସ୍ତ ଚିକିନିଖି ବିବରଣୀ ଦେଇ ଏପରି ଏକ କଟୁ ମନ୍ତବ୍ୟ ପ୍ରକାଶ କଲେ ଯେ ମେନେଜର ଅବାକ୍ ।

ଜନମର ବିକଳାଙ୍ଗ ଅବସ୍ଥାରେ ଆଶ୍ରିତ ତାଙ୍କ ମର୍ମ ଚାହିଁ ଉଠିଲା । ଆସ୍ତେ ଆସ୍ତେ ତାଙ୍କର ଆଚ୍ଛାଦନସୂକ୍ତ ଚାଳି ଉଠିଲା । ସେ ଆତ୍ମଲୋପ ହେବାପରେ ଅଗ୍ନିଶର୍ମା ହୋଇ ଉଠିଲେ । ବିବ୍ରତ ହୋଇ କହି ଉଠିଲେ, ଓଡ଼ିଆର ଆଳସ୍ୟ ଉଦାସୀନତା ଯୋଗୁଁ ଆଜି ସମଗ୍ର ଓଡ଼ିଶା ଅବହେଳିତ । ଚିରସନ୍ତୃପ୍ତ ସଂଗ୍ରାମ ଅବହେଳା । ଅଥଚ ମୋର ସନ୍ତାନକୁ, ମୋର କାର୍ଯ୍ୟାବଳୀକୁ ମଧ୍ୟରେ ଅବହେଳା, ଉପେକ୍ଷା । ମୁଁ ଏହା କଦାପି ସହ୍ୟ କରିନପାରେ ।

ବିବେକହୀନ ହୋଇ ଡାକ୍ତର ବାବୁଙ୍କୁ କହିଲେ, "ତୁମେ ମଧ୍ୟ ସେହି ପ୍ରବଞ୍ଚକ ଉପେକ୍ଷିତ, ଓଡ଼ିଶାର ଚିର ପ୍ରବାସୀ ଅନ୍ନଲଙ୍କା-ଜୀବୀ" । ଏଥିରେ ଡାକ୍ତରବାବୁ ହତମ୍ଭ ହୋଇ କାନକାଠେ ଘୁସ୍ ଫିସ୍ ବାୟୁ ପ୍ରବାହିତ ହେବା ହୃଦ୍‌ବୋଧ କଲେ । ଦମ୍ଭଧରି କିଛି ସମୟ ସେ ନିସ୍ତବ୍ଧ ହୋଇ ପଡ଼ିଲେ । ଆତ୍ମ ବିଶ୍ୱାସ ଲୋପରେ ସ୍ଥାଣୁତ୍ୱ ଲାଭକଲେ ।

ଉନ ଉପରକୁ ଚନ୍ଦ୍ର ଅବାକ୍ । ହସ୍ତପଦ ଚଞ୍ଚଳ ଶକ୍ତିହୀନ, ଉଜ୍ଜ୍ୱଳ କପୋଳ ଦେଶରେ ବିନ୍ଦୁ ବିନ୍ଦୁ ଘର୍ମ ଉଦ୍‌ଗମନ ବିନ୍ଦୁ ବିନ୍ଦୁ

ମୁକ୍ତା ବନ୍ଦନତ ଲୋକ ଶୋଭାରେ ପୂର୍ଣ୍ଣ । ଅଥଚ ସେ ଜନମର ଶୃଙ୍ଖଳିତ ବପୁକୁ ମୁକ୍ତ ଦେବାପାଇଁ ବ୍ୟାକୁଳ । ଅସମ୍ପୃକ୍ତ ତାର ଚରମ ସୀମାରେ ପହଞ୍ଚି ମଧ୍ୟ ସେ ଥିଲେ ନିର୍ବେଦୀ କଣ ପାଇଁ, କାହାର ପାଇଁ ଏବଂ କପର ଅବସ୍ଥାରେ ଜନଘୋଷ ବିବରର ନିର୍ବାକ୍ ଧରଣୀ ତଳେ, ଓଡ଼ିଆପ୍ରାଣ, ଓଡ଼ିଆ ଆତ୍ମାର ସମ୍ବେଦନଶୀଳ ମହାନୁଭବ ଶଶିଭୂଷଣଙ୍କ ଆଶ୍ରିତ ବାରଣ୍ଡାତଳେ ।

ତାହାର ଗୁଢ଼ ରହସ୍ୟ ଉଦ୍‌ଘାଟନରେ ସେ ଅକ୍ଷମହୋଇ ବାରଣ୍ଡା ତଳକୁ ପାଦ ବଢ଼ାଇବାକୁ ଉଦ୍ୟତ ହେଲେ । ତାହାପରେ ଅନତି-ଦୂରରେ ଶୁଭିଲା, 'ଡାକ୍ତର ବାବୁ ଆସନ୍ତୁ' । ଅବାକ୍ ହୋଇ ପଶ୍ଚାତ୍ ଅବଲୋକନ କରି ଦେଖିଲେ ମେନେଜରଙ୍କ ସଙ୍କେତ । ଅଳ୍ପ ଗମ୍ଭୀର ହୋଇ ପିଣ୍ଡାତଳକୁ ଆଗମନ କରି କହିଲେ, ପ୍ରଥମ ଚୁମ୍ବନେ ଦନ୍ତ ଭଗ୍ନ, ଆଜି ଆଦର ଡାକରାର ତାତ୍ପର୍ଯ୍ୟ କଣ ?

ବାବୁଙ୍କ ଆଦେଶ, ଖୋଦ୍ ଲୁଗା ପଟା ରଖି, ଏଠାରେ ଆଜିକ ଅବସ୍ଥାନ କରିବ । ସେ ଆପଣଙ୍କଠାରୁ ସମସ୍ତ ବିବରଣୀ ଶୁଣିବେ ଓ ଏକତ୍ର ଭୋଜନ କରିବା ନିମନ୍ତେ ମନସ୍ଥ କରିଛନ୍ତି ।

ଅଳ୍ପ ଆଶ୍ୱସ୍ତି ପାଇ ସେ ନିଜର ଗମ୍ଭୀର ଯାତନାରୁ ମୁକ୍ତିପାଇ ପ୍ରଶାନ୍ତ ମହାସାଗରର ଅତଳ ଗର୍ଭରୁ ହିମାଳୟର ଶୁଭ୍ରଶୁଭ୍ରା ବରଫାଚ୍ଛନ୍ନ ନଭଶ୍ଚୁମ୍ବୀ ଗଗନ ଶିଖର ପର୍ଯ୍ୟନ୍ତ କଳ୍ପନା ଜଳ୍ପନା କରିଗଲେ । ତାହାର ଆଦ୍ୟ-ଅନ୍ତ-ମଧ୍ୟ-ଶୂନ୍ୟ ହୋଇ କେଉଁ ଅତଳ ସାଗରରେ ଭାସି ବୁଲିଲେ ।

କିଛି ସମୟ ଅନ୍ତେ ଶଶିବାବୁଙ୍କ ପଠନ ଓ ମନ୍ତ୍ରଣା ଗୃହରେ ପ୍ରବେଶ କରିଲେ ମେନେଜରଙ୍କ ନିର୍ଦ୍ଦେଶାନୁସାରେ । ସ୍ୱୀୟ ସ୍ଥାନରେ

ହାତରୁ ମୁଣିଟି ରଖିବାକୁ ସ୍ଥାନଦେଖାଇ ଦେଲେ, ଶୟନ ନିମନ୍ତେ ଶେଯ, ସ୍ନାନ ନିମନ୍ତେ ସ୍ନାନାଗାର, ଅବସରବାସରେ ପଠନ ନିମନ୍ତେ ପାଠାଗାର ଖୋଲିଦେଇ ଅନ୍ତର ହେଲେ ।

•

ସକାଳର ଶରୀର ଯାତନା, ଅନୁତାପ, ମଧ୍ୟାହ୍ନ ସୂର୍ଯ୍ୟର ନିରାଡ଼ମ୍ବର ଅଭିବ୍ୟକ୍ତି ସଙ୍ଗେ ସଙ୍ଗେ ଶାନ୍ତ ଧରଣୀର ପ୍ରଶାନ୍ତ ପ୍ରକୃତିରେ ଆଲୋଡ଼ିତ ଆଲୋକ୍ ଆଶା, ଦିଗନ୍ତ ସୀମନ୍ତ ମେଘଘୋଷ ପୂରଇ ଯାଇ କେବଳ ଝର୍ଝର ଶବ୍ଦରେ ଝରି ଯାଉଥିବା ଅବିଶ୍ରାନ୍ତ ବର୍ଷାର ଲୋତକ-ମାଳା ଝିକର, ଟିଣ ଘରରୁ ଟପ୍ ଟପ୍ ହୋଇ ମାଟିର ନିର୍ଗମନରେ ଡାକ୍ତର ବାବୁଙ୍କ ଗମ୍ଭୀର ହୃଦୟ ସିକ୍ତ ହୋଇ ଚକ୍ଷୁରୁ ଲୁହ ଧାରଧାର ଗଡ଼ିଲେ । କାହାର ସ୍ମରଣରେ ଶୁଭୁନାହିଁ । ନିଜର ଜଟିଳ ଶୋଚନାର, ଶୁଦ୍ଧ ପାଠାଗାର ମଧ୍ୟରେ ପ୍ରବେଶ କରି 'ଗାନ୍ଧିବାଦ' ଓ "ଶ୍ରୀ ତାରା-ତାରିଣୀ ପୀଠରେ ବଳୀପ୍ରଥା" ପ୍ରଭୃତି ପଢ଼ିବାକୁ ଧରି ବସିଲେ ।

ପାଠ ପଢ଼ା ସରିଥାଏ । ତତ୍ପରେ ମଧ୍ୟ ଶାନ୍ତିଭୂତଙ୍କ ପୌରୁଷେୟର ଗମ୍ଭୀର ଭାବରେ ଡାକ୍ତର ବାବୁ ଓତପ୍ରୋତଃ ଭାବେ ସମୁଦ୍ଧ ହୋଇ ବିଚଳିତ ଦେଖିଲେ । ନିଜର ଗମ୍ଭୀର ଅନୁଭୂତିକୁ ସ୍ୱହୃଦୟର ପରିସର ମଧ୍ୟରେ ରଖିନପାରି ବିକଳ ହୋଇ ଏଣେତେଣେ ଅବଲୋକନ କଲେ । କିନ୍ତୁ ନିରାଶ ସାଥିହୀନ ଜୀବନରେ ଯେଉଁ ଗମ୍ଭୀର ସ୍ନେହ ଓ ପ୍ରାଣର ଜାଗ୍ରତ ସଂଚେତନା ଆଣିଦେଲା ତାହାର ପରିପ୍ରକାଶ କେଉଁଠି ? କାହିଁ ?

ଜନତାର ଆଗରେ ସେ ସ୍ୱୀକାର କରିଥିବେ ?, ଶଶୀ ଏକ ବିରାଟ ଶକ୍ତି ଓଡ଼ିଆର । ନା, ନା, ଶଶୀ, ଏତେ କ୍ଷୁଦ୍ର ନୁହନ୍ତି । ସେ ମହାନ୍, ସେ ଏକ ଅଟଳ, ଅଚଳ ଶକ୍ତି - ସମଗ୍ର ଜାତି ପାଇଁ ଓଡ଼ିଆଙ୍କ ନିଷ୍ପେଷିତ କରୁଣ କଙ୍କାଳ ଦାରିଦ୍ର୍ୟର ଅପନୋଦନ ପାଇଁ ।

ସେ ନିଜେ ପଙ୍ଗୁ, ଅଥର୍ବ ଓ ବାକ୍‌ଶକ୍ତିହୀନ ଅକାଞ୍ଚନ, ଅଥଚ ଆତ୍ମୀୟମାନଙ୍କର ସତ୍ତା ଲୋପହୋଇ ଯେ ଚଳନ୍ତି ଶକ୍ତିହୀନଭାବେ ଆର୍ମ-ଚେୟାର ଉପରେ ଆଉଜି ଗଲେ । ଶଶିଭୂଷଣଙ୍କ ହୃଦୟର ପ୍ରେରଣା ଓ ଗମ୍ଭୀର ଦରଦଭରା ନିର୍ଝରରେ ଥଇକୂଳ ନପାଇ ଏଣେ ତେଣେ ସଙ୍ଗୀହୀନ ଭାବେ ଛନ୍ନ ଚୈତନ୍ୟ ପ୍ରଧାବିତ ହେଲା । ଆତ୍ମସ୍ଥ ହୋଇ ଶଶିବାବୁଙ୍କୁ ନିଜହୃଦୟ ମଧ୍ୟରେ ଖୋଜି ପାଇବାକୁ ଚେଷ୍ଟାକଲେ । ଅଥଚ୍ ତାହାର କିନାରା ପାଇବା ସମ୍ଭବ ହେଲା ନାହିଁ ।

ଠିକ୍ ଏକ ଘଣ୍ଟା ବାଜିବା ଉପରେ । ପଞ୍ଜାବି ପରିଧାନ ଦୁହେଁ । ଏକ ନବାବଙ୍କର ପାଣିଗାମୁଛା ପରିଧାନ କରି ପାନଶାଳାର ମଧ୍ୟ ଭାଗରେ ଦଣ୍ଡାୟମାନ । ହସ୍ତରେ ତାଳ ଧରି ଜଳ ପ୍ରଦାନ ପୂର୍ବକ ଡାକ୍ତରଙ୍କୁ ପାଛୋଟି ନେଲେ । ଉପଯୁକ୍ତ ଓଡ଼ିଆ ଘରର ଲୋକପରି ଚର୍ବ୍ୟଚୋଷ୍ୟ ସମାବେଶରେ ସ୍ଥାନଟି ପୁଷ୍ପରାଶି ଦ୍ୱାରା ସୁସଜ୍ଜିତ ହେଲା । ଗଞ୍ଜାମର ରନ୍ଧନ ପ୍ରଣାଳୀ ଅନୁସାରେ ଗୃହ ରୋଷେଇର ଗୁରୁଗୁରୁ ଗନ୍ଧ ମନକରେ ରଚନା ରସମୟ ହେଲା । ଭୋଜନଟି ଅତଏବ ଅମୃତତୃପ୍ତି ହୋଇଥିବା ହୃଦ୍‌ବୋଧକର ଡାକ୍ତର ବାବୁ ନିର୍ବାକ ହେଲେ । ଏଥର ଶଶିଙ୍କ ପ୍ରାଣରେ ଗଞ୍ଜର ଓଡ଼ିଆ ଅନୁରାଗ ସଙ୍ଗେ ପ୍ରବାସୀ ଓଡ଼ିଆଙ୍କ ପ୍ରତି ଗମ୍ଭୀର ସନ୍ତାପ; ଯାତନା ହୃଦୟ ମଧ୍ୟରେ ଭରି ରହିଥିବା କଥା ସେ ବିବେଚନା କରିନେଲେ ।

ସ୍ୱର୍ଗତ ଶଶିଭୂଷଣ ଉଠେ ବୈଠକ ଘରର ସାଧା ଆର୍ମଚେୟାର ଉପରେ ବିଶ୍ରାମ ନେବାକୁ ଆଗ୍ରହ ଦେଇ ଇଂରାଜ ଚଶ୍ମାକୁ ହାତ-ମୁଠାରେ ଧରିବସିଲେ । ଅତ୍ୟନ୍ତ ସମର୍ପିତ ଭାବେ ଡାକ୍ତର ବାବୁ ତାଙ୍କର ସମ୍ମୁଖରେ କୋଡ଼ହସ୍ତ ହୋଇ ସଙ୍କୁଚିତ ଭାବେ ବସିଗଲେ । ଡାକ୍ତର ବାବୁଙ୍କ ସମସ୍ତ ଗର୍ବ, ଅହମିକା, ଅଭିମାନ ଲୋପ ହୋଇ ଆତ୍ମସମର୍ପଣ କରିଗଲେ— ସେହି ମହାନ୍ ବ୍ୟକ୍ତିତ୍ୱ, ସେହି ମହାନ୍ ଅଭିବ୍ୟକ୍ତି ପୌରୁଷେୟର ପାଦୁକା ନିକଟରେ ।

ଶଶିଭୂଷଣ ମୁଖରୁ ନିଶ୍ରୁତ ହେଲା ଅନର୍ଗଳ ଭାବଗର୍ଭକ ପରିତାପ, ଅନୁତାପ ଓ ସନ୍ତାପ ଦରଦଭାବ, ଉପେକ୍ଷିତ, ପରପଦାନତ, ନିଷ୍ପେଷିତ ଓ ନିର୍ଯ୍ୟାତିତ ଓଡ଼ିଆ ସମାଜର ଦୁର୍ଗତି ଓ ଦୁଃସ୍ଥିତି ନେଇ ଗୁରୁଗମ୍ଭୀର ଶରୀର ମଧ୍ୟରୁ ବଜ୍ର ନିର୍ଘୋଷସମ ଉଦ୍ଧ୍ୱନିତ ଭାବନାରେ ଅସରନ୍ତି ତେଜ ଏକାପରେ ଅନ୍ୟ ତାଳଦେଇ ଆଗମନ କଲା ଏବଂ ବନ୍ଧୁ ସମାଗମର ସୁହୃଦୟତାରେ ଗଗନ ପବନ ମନ୍ଦ୍ରଭୂତ ହୋଇ, ପ୍ରଶାନ୍ତ ପ୍ରକୋଷ୍ଠରେ ଶାନ୍ତିର ଧାରା ଖେଳାଇ ନେଲା—ଅବହେଳିତ ଜନମନର ଶୃଙ୍ଖଳା ମୋଚନ ବାସନା ନେଇ — ଏକ୍ଷୁଦ୍ରସମ ନିବଦ୍ଧ ଚିତ୍ତରେ ବସିଗଲେ ।

ସେହି ଅଶରୀରୀ ଆତ୍ମାର ବିଗତଭାବ ଅଦ୍ୟାପି ଡାକ୍ତରବାବୁଙ୍କ ପ୍ରାଣରେ ନୀରବ ସାଧନା, ଉଦ୍ଦୀପନା, ସାହିତ୍ୟାନୁପ୍ରେରଣା ନେଇ ମାନବ ଜୀବନରେ ବହୁବିଧ ସମସ୍ୟାରେ ସମାଧାନ କ୍ଷମ ହୋଇ ପାରିଛି—କେବଳ ସେହି ଜାତି ମୁକ୍ତିକାମୀ ତାଙ୍କ ଜୀବନୀରୁ କିଛି ଅନୁସରଣ ସାଧନାରେ । ଜାତିର ଉତ୍ଥାନ ନିମନ୍ତେ ବାସ୍ତବିକ ସେ ଥିଲେ ଏକ ସମ୍ବେଦନଶୀଳ, ମହାନୁଭବ, ତିତିକ୍ଷା ସମ୍ପନ୍ନ ଗୁଣିଗୁଣାଗ୍ରଗଣ୍ୟ ଓଡ଼ିଆ ଜାତିର ସାରଥି—ଶ୍ରେଷ୍ଠ ସାଧକ । ତତ୍ ସମ୍ପୃକ୍ତ ଗଞ୍ଜାମର ପ୍ରବୀଣ ଡାକ୍ତର, ଓଡ଼ିଶାର ଲବ୍ଧ ପ୍ରତିଷ୍ଠ ରାଜନୈତିକ ତଥା ସାହିତ୍ୟିକ ଡାକ୍ତର ଶ୍ରୀ ରାଧାଚରଣ ପଣ୍ଡା ଗମ୍ଭୀର ଭାବାବେଶରେ କହିଗଲେ, "ତାଙ୍କ ଜୀବନୀରୁ କିଛି" ଅଂଶମାନ ଉଦ୍ରେକ ପ୍ରକାରେ ।

—:*:—

ନିଷ୍ପତ୍ତି

॥ ଆଜି ନବବର୍ଷ ।

॥ ଗୋଟିଏ ମିନଟ୍ ପରେ, ଦୁନିଆର ବର୍ଦଳର ମହାବର୍ତ୍ତନ ସମ୍ବତ୍ସର । ୧୯୭୧ର ଆମେ । ଝରିଗଲ୍ କଥା, ଘଟିଗଲ୍ କଥା ଇତିହାସର ପୃଷ୍ଠା ଅଳଙ୍କୃତ କରିବ । ଯୋଜନ ଯୋଜନ ଦୂରତାକୁ ଏହି ଟିକି ଟିକି ମୁହୂର୍ତ୍ତ ସମଷ୍ଟି ମଧ୍ୟରେ ସଙ୍କୁଚିତ କରି ନମ୍ରତା ପ୍ରତିପାଦନ କରିବ । ସବୁ ପ୍ରାଚୀନକୁ ବସ୍ତୁ ଜଡ଼ କମ୍ପା ଜୀବନ୍ୟ ମଧ୍ୟରେ ଅନୁଭୂତି ସଂଶ୍ଳେଷଣ ନେଇ ନୂତନ ହେବ । ବସ୍ତୁ ଗର୍ଭରେ ପରମାଣୁର ଗତିପଥ ଧୀରେ ଧୀରେ ସମସ୍ତ ମଧ୍ୟାନ୍ତ କରି ଶିଥିଳ ଗତିରେ ସ୍ତମିତ ହେବ ।

॥ ଭାବର ଦ୍ୱୈପାୟନ ଘଟିବ ।

ଜ୍ଞାନର ପରିସର ସଙ୍ଗେ ସଙ୍ଗେ ମହାକାଶର ଅସୀମ ଆଶାଉର୍ମି ଉଠିବ । ଅନ୍ତର ସରଳ, ତରଳ, ମଞ୍ଜୁଳ ଓ କୋମଳ ମନୋଭାବ ବିଜ୍ଞାନର ଗବେଷଣାଗାରର ଯୋଗାଯୋଗ ମଧ୍ୟରେ ଦ୍ୱନ୍ଦ୍ୱର ଚାପ ନେଇ ଉତ୍ପନ୍ନ ହେବ । ତାହାର ବୈଜ୍ଞାନିକ ଗବେଷଣା ହେବ କଲେଣ୍ଡ ମିଟର୍ ଯନ୍ତ୍ର ସାହାଯ୍ୟରେ ।

ଚନ୍ଦ୍ରକୁ ଯାନ, ପୃଥିବୀ ଅନ୍ତର ଓ ବାହାରେ ଜଳଯାନ ଓ ପରମାଣୁର ପରୀକ୍ଷା ଘଟିବ । ଜ୍ଞାନାୟନର ଆଲୋକରେ ମନୁଷ୍ୟ ହୃଦୟର ମ୍ଳାନ ଦୂର ହେବ । ଦୈନନ୍ଦିନ ଦବାଘାତ ଅନୁଭୂତି ବଦଳରେ ଆରେବିଆ ବୋରିଆଲିସ୍‌ର ଶୀର୍ଷକ ରଶ୍ମିପାତରେ ଛମାସ ଦିନ ଓ ଛମାସ ରାତି ହେବ ।

ଧୂଳି, ମାଟି, ଗୋଡ଼ି, ପଥର ସବୁ ଅର୍ଥହୀନ ଓ ଅବାଞ୍ଛିତ ଜ୍ଞାନକର ନୂତନ ଗ୍ରହ ଗ୍ରହାନ୍ତରେ ପହଞ୍ଚିବ ।

॥ ରକେଟ୍ ଜାଗ୍ରତ ।

॥ ସମସ୍ତଙ୍କ ଉତ୍କଣ୍ଠା, ଗ୍ରହଗ୍ରହାନ୍ତର ପରିଦର୍ଶନ ।

॥ ଯାତ୍ରା ନା ମହାଯାତ୍ରା । କେଉଁ ଦିଗରେ ବା କେଉଁ ଆକର୍ଷଣ ବଳରେ

॥ ଏହାର ଭାଏ ନିଷ୍ପତ୍ତି କରି ନେବ ।

—:*:—

ତ୍ରୁଟି ???

॥ ରବି, ଲବି, ଜୋସେଫ୍ !

॥ ବ୍ଲାଡର ଫାଟିଗଲା, ସାର୍ !

କେମିତି ବ୍ଲାଡର ଫାଟିବାର । ତୁମ୍ଭଙ୍କୁ ମୁଁ ଶିକ୍ଷାକରି ଦେବାର ଏକା । ରବିମାନଙ୍କୁ ଧେଡିବାର, ଗୋଲମାନଙ୍କୁ ଫୁଙ୍କି ଦେଖା କରିବାର ଏକା ।

॥ ସାର୍ ବ୍ଲାଡର ଆପୁଣ ସେହିଠାରେ ଦେଖ ।

ଜଣେ ଦେଖିଥିଲେ ଫାଟିନଥାନ୍ତା, କିନ୍ତୁ ତିନିତିନି ଜଣ ଫୁଙ୍କି ଫାଙ୍କି ଦେଲେ କଣ ହେବ ।

ତାହାହେଲେ କଣ ମୋର ଦୋଷ ?

ନାହିଁ ନାହିଁ ସାର୍ ! ଦୋଷଟା ବ୍ଲାଡରର ଗାଠିଗତ ତ୍ରୁଟି ହୋଇ ଥାଇ ପାରେ । ନଚେତ୍ ଖୋଦ୍ ସେହି ଇନ୍ସପେକ୍ଟର ଦେହର କୋମଳ ଦାଗ ମଧ୍ୟରେ ରହିଥିବା ଅବଶ୍ୟ ଗତ ତ୍ରୁଟି ।

X X X X

॥ ଇନର୍ 'କମ୍ପା' ଆଉଟରେ ଯାହାର ହେଲେଭ ଗୋଟିଏ ମାତ୍ର ତ୍ରୁଟି ।

॥ ତାହା ହେଲେ ଦୁଇଆଠା ଗୋଲ୍ ନେବୁଛ ଓ ଶିଖ୍ ହୋଇଥାନ୍ତା ।

ତ୍ରୁଟି କୌଣସି ପଦାର୍ଥରେ ନଥାନ୍ତା ।

॥ ସାର୍ ସାର୍··········ଆପଣ ସାର୍ ହୋଇ ତ୍ରୁଟିକୁ ଘନ୍ଧ ଠଉରାଇ ପାରୁ ନାହାନ୍ତି ତେବେ ଆମେ କପରି ଦେଖି ପାରିବୁ ।

॥ ତମେ ସବୁ ପିଲାଲୋକ । ଜଲଦ ତ୍ରୁଟିକୁ ଠଉରାଇ ଅନୁସନ୍ଧାନ-ଗତ ମୂଲ୍ୟ ଆଣି ପାର । ସେଥିପାଇଁତ ମୁଁ ଆଗରୁ ସତର୍କ କରାଇ ଦେଇଛି ।

ସାର୍, ସାର୍ !! — — ଖ୍ଲାନ୍, ମାନ୍. ଇଜତ୍ ସେତେ-ବେଳେ ସବୁଠି ତ୍ରୁଟି, ଯେତେବେଳେ ଇତର ଜମ୍ବା ଆଉଟରେ କେଉଁଠି ତାହାର ସ୍ଥିତି ଜାଣିବାରେ ଆତୁର ଅନୁଭୂତି ଦରକାର ।

॥ ଓଃ ! ତାହାହେଲେ ତ୍ରୁଟିମୟ ଜଗତ ।

× × ×

— — ମନୁଷ୍ୟ ଶରୀର ଧାରାରେ — —

— — ତାହାର ଚନ୍ତା ଧାରାରେ — —

— — ଧର୍ମ ପରମ୍ପରାରେ — —

— — ନିତ୍ୟ ବ୍ୟବହାରରେ — — —

··· ··· ରକ୍ତ ମାଂସରେ ଅନ୍ତଃସତ୍ତ୍ୱ ··· ···

······ ପରିବେଶରେ ଶିକ୍ଷା, ସଂସ୍କୃତି, ଧର୍ମ ଦର୍ଶନ ······

······ଇତସ୍ତତଃ ସବୁଠି, ସବସ························

······ଗୋଟିଏ ଶବ୍ଦ, 'କନ୍ତୁ'························

·········ମଧ୍ୟରେ ଏକ ଅସ୍ପୃହଣୀୟ·········ତ୍ରୁଟି·········

ଏହିସବୁ ମଧ୍ୟରେ ମନୁଷ୍ୟର ବାହାରୁ ଭିତର କେଉଁଠାରେ ହେଲେ ବାଦ୍ ଯାଇନି ······························

······ ସେହି ଶବ୍ଦ ପ୍ରଶ୍ନବାଚୀ······························

······ ତ୍ରୁଟି ? ତ୍ରୁଟି ?? ତ୍ରୁଟି ??? ······ କାହାର ????

॥ ସମସ୍ତ ସାଢ଼େ ପାଞ୍ଚ, ଦିବାକର ଅସ୍ତମିତ ।
ଭିତ୍ତିର ଉଦ୍‌ଘାଟନ ହେଉ ହେଉ ସନ୍ଧ୍ୟା । ଭଲାଖେଳର ସମୟରେ ବି ସେହି ଭିତ୍ତି —

॥ କଥା କଥାକେ ଘୃଷ ଘୃଷ ମଧ୍ୟରେ, ଶିକ୍ଷକ ଶିକ୍ଷକ ମଧ୍ୟରେ ।

॥ " ସ୍ୱଜାତ ପରହାଂସ୍ମିକା " ମନ୍ତ ବଚନର ମଧ୍ୟ ସେୟା ।

॥ ସମସ୍ତେ, ଚାଲ ଘରକୁ ଫେରିବା ।

॥ ନମସ୍ତେ —— ସମସ୍ତେ ।

—ଃOଃ—

କାଲିର ବେକାର କିଏ ???

ସତକହି ମନୁଷ୍ୟ ମରଣକୁ ବରଣ କରେ । ମିଛ କହିବାପରି ମନୁଷ୍ୟ ଅଭାବ ନାହିଁ । ଅବଶ୍ୟ ମିଛ କହି ସୁଖ ସମ୍ଭୋଗରେ କାଳାତିପାତ କରେ ସତ, କିନ୍ତୁ ଶେଷଫଳ ଦୁର୍ବହ ହୋଇ ପଡ଼େ । ତେଣୁ ଚଳନ୍ତା ଛକନା ଜଗତର ସହିତ ପାଦ ମିଳାଇବା ପରି ଶିକ୍ଷାର ମେରୁ ଦଣ୍ଡକୁ ବଳିଷ୍ଠ କରିବା ନିହାତି ଦରକାର ।

ସୁଗଥିଲା ଯେତେବେଳେ ବ୍ରିଟିଶ୍ ରାଜ୍ୟର ଖୋସାମଦରେ ବଞ୍ଚିବା ପାଇଁ ଶିକ୍ଷାକୁ ସୁହାଇଲା ପରି କରିଥିଲେ । ତଦ୍ଦ୍ୱାରା କେବଳ ପିଅନ୍ ଚପରାଶିଠାରୁ ଅମଲା ସୃଷ୍ଟି କରିବା ଥିଲା ଶିକ୍ଷାର ମୂଳ ଲକ୍ଷ୍ୟ କିନ୍ତୁ ଚକ ଘୂରି ଯାଇଛି, ଦିନଗଡ଼ି ଚାଲିଛି । ସ୍ୱାଧୀନତାର ମୋଟେ ୨୩ ବର୍ଷ ବିତିଯାଇଥିଲେ ମଧ୍ୟ ସେହି ପରାଧୀନ ଭାରତର ଶିକ୍ଷାରେ ଅନୁପ୍ରାଣିତ ଦେଶର ଦଶା ଦୁର୍ବଳ ହୋଇପଡ଼ୁଛନ୍ତି । କିନ୍ତୁ ଶିକ୍ଷାବିତ୍ ମାନଙ୍କର ଦୃଷ୍ଟିରେ ଦେଶ ଆଗେଇଛି ଶିକ୍ଷା କ୍ଷେତ୍ରରେ — କେଉଁ ଦିଗକୁ—ଊର୍ଦ୍ଧ୍ୱକୁ ନା ନିମ୍ନକୁ ?

ସହନ ଦିବସ ପାଳନ ହେଉଛି ସତ, କିନ୍ତୁ ଅସହିଷ୍ଣୁତା କ୍ରମେପି ବୃଦ୍ଧି ପାଉଛି । ଶାନ୍ତି ନାମରେ ସମସ୍ତେ ଅଶାନ୍ତିର ଉପାସନା କରୁଛନ୍ତି । ମୈତ୍ରୀ ନାମରେ ଶତ୍ରୁତାର ଘୃଣ୍ୟ ଆବର୍ତ୍ତନରେ ନିର୍ଯ୍ୟାତିତ ହେଉଛନ୍ତି । ଅହିଂସା ନାମରେ ହିଂସା କରିବାକୁ ବାଧ୍ୟ ହେଉଛନ୍ତି । ଏହି ସବୁ କାର୍ଯ୍ୟର ମୂଳରେ କିଏ ? ଉତ୍ତର ମିଳେ ଆମ୍ଭେ ସମସ୍ତେ ।

ପରୀକ୍ଷା ନିରୀକ୍ଷା କଲେ ଜଣାଯାଏ ଯେ "ଅପରୀକ୍ଷିତଂ ନୈବ କର୍ତ୍ତବ୍ୟଂ," ତେଣୁ ମହାତ୍ମାମାନେ ସ୍ୱଜୀବନରେ ପରୀକ୍ଷାନ୍ତେ କେବଳ ନୁହେଁ, ପାଳନୀ ଦ୍ୱାରା ଆତ୍ମପରୀକ୍ଷାଦ୍ୱାରା ଦ୍ୱୈପାୟନ କରିବାକୁ ପଶ୍ଚାତ୍-ପଦ ହେଉ ନଥିଲେ । ବର୍ତ୍ତମାନ ଯୁଗରେ ଆତ୍ମସୁଖ, ଆତ୍ମକେନ୍ଦ୍ରିକ ଭୋଗ ଲିପ୍‌ସାଦ୍ୱାରା ମନୁଷ୍ୟ ଏତେ ଦୂର ବିବ୍ରତ ଯାହାର ଫଳରେ କୌଣସି ଚିନ୍ତାଧାରାକୁ କାର୍ଯ୍ୟରେ ପରିଣତ କରିବାକୁ ହେଲେ ସମୟ ସାପେକ୍ଷ ପରୀକ୍ଷା ନକରି ଯଥାଶୀଘ୍ର କାର୍ଯ୍ୟରେ ପରିଣତ ଦ୍ୱାରା ସୁଫଳ ଆଶାକରନ୍ତି । ଏଣୁ ସରକାରଙ୍କ ପଞ୍ଚବାର୍ଷିକ ଯୋଜନାଗତ ଶିକ୍ଷା କୃଷି, ଶିଳ୍ପ ଓ ଅର୍ଥ ସବୁର ପରୀକ୍ଷା ନିରୀକ୍ଷା ସ୍ତରରେ ବ୍ୟର୍ଥ ଅପଚେଷ୍ଟା ଓ ବ୍ୟର୍ଥ ଉଦ୍ୟମ ହୋଇ ପଡୁଛି ।

ଉଦାହରଣ ସ୍ୱରୂପ, ମନେକର ଜଣେ ଦକ୍ଷଶିଳ୍ପୀ ଅଭ୍ୟାସ କଣ୍ଢେଇ ନିର୍ମାଣ କରିବାରେ କୃତିତ୍ୱ ଅର୍ଜନ କରିଛନ୍ତି । ଦୈବାତ୍ କୌଣସି ଦୁର୍ଭାଗ୍ୟରୁ କଞ୍ଚାମାଲର ତ୍ରୁଟି ବଶତଃ କଣ୍ଢେଇ ନିର୍ମାଣରେ ଭଙ୍ଗା କଣ୍ଢେଇ ପ୍ରସ୍ତୁତ ହେଲା, ତେବେ ଶିଳ୍ପୀଙ୍କର ଅପାରଗତା ନା ଜିନିଷର ତ୍ରୁଟି ? ଏକଥାର ଉତ୍ତର ପାଠକଗଣ ସମୟ, ସ୍ଥାନ, ପାତ୍ର ବିଚାରରେ ସ୍ଥିର କରି ପାରନ୍ତି ।

ସେହିପରି ସୁଦକ୍ଷ ପୁରୁଖା, କର୍ମନିଷ୍ଠ ଓ କର୍ମ ନିପୁଣ ଶିକ୍ଷକ ଗଣ ବିଦ୍ୟାଳୟ ମଧ୍ୟରେ କାର୍ଯ୍ୟ କଲେ ହେଁ, ସମ୍ପୂର୍ଣ୍ଣ ଶିକ୍ଷାରେ ବ୍ୟକ୍ତିଗତ ଚରିତ୍ର ତ୍ରୁଟିକୁ ଉଦ୍‌ଘାଟନ କରିବା କଷ୍ଟକର । ତେଣୁ

ଶିକ୍ଷକମାନେ ଶିକ୍ଷାକୁ ବିଜ୍ଞାନୁଗତ - କ୍ରମ (Gradation) କରିବାକୁ ସମୟର ଅଭାବ ଘଟେ । ତେଣୁ ସ୍କୁଲ୍‌ରୁ ଭଲ ଓ ଖରାପ ଛାତ୍ରକୁ ଭଲ ବାଟରେ ପରିଚାଳନ . ସୁଯୋଗ ପାଆନ୍ତି ନାହିଁ ।

ଦେଶ ସିନା ସ୍ୱାଧୀନ ହେଲା । କେଉଁ ଥିରେ — ବକ୍ତୃତା ଝାଡ଼ିବାରେ, କଳା ବଜାର କରିବାରେ, ମିଛକଥା କହି ଦେଶ ଧନର ମଥା ମୋଡ଼ିବାରେ ; ରାଜନୀତି ନହେଲେ ହାଣ୍ଡିଶାଳ ଓ ଚଉଣୀ ଗିରସ୍ତର ଭୟାନକ ସାମାଜିକ ଅସ୍ଥିରତା ସୃଷ୍ଟି କରିବାରେ । କିନ୍ତୁ ଅଳ୍ପ ବସ୍ତୁଦୃଷ୍ଟି ଦେଇ ଦେଖିବ, ଅର୍ଥନୀତିରେ କେଉଁ ସାମଞ୍ଜସ୍ୟ ପରିଦୃଷ୍ଟ, ତଦ୍ୱାରା ସମାଜ ବିକୃତ ଓ ବିଭ୍ରାନ୍ତ । ପେଟ ପୋଡ଼ିଲେ ମନୁଷ୍ୟ କଣ ନକରେ । ତେଣୁ ଶିକ୍ଷକ, ଅଧ୍ୟୟନ ଓ ଅଧ୍ୟାପନାରେ ଅବହେଳିତ । ଛାତ୍ର ସୁସଂଯତ ଚରିତ୍ର ଗଢ଼ିବାରେ ଅସମର୍ଥ, ଅଭି-ଭାବକଗଣ ନୈତିକ ଗମନାନ୍ତେ ଯେଉଁ ପ୍ରତିକ୍ରିୟା ହୁଏ ତାହାର ପ୍ରତି-ଫଳନ ଘଟେ ବହୁପରିମାଣରେ ଛାତ୍ର ସମାଜ ଉପରେ ।

କଥାରେ ଅଛି ନଡ଼ି କୁଦାକୁ ମୋହମ ଔଷଧ ଘର ନୁହେ । ତେଣୁ ପାନ ଦୋକାନ, ସିନେମା, ବଜାର, ଖେଳପଡ଼ିଆ, ପାର୍କ, ହୋଟେଲ ଜଡ଼ରେ ଏକମାତ୍ର ଅନୁଷ୍ଠାନ ଉପରେ ସେମାନଙ୍କର ପ୍ରଭାବ ପଡ଼େ । ପିଲାଙ୍କ ମନ ସହରର କଲୁଷିତ କୋଳାହଳ ମଧ୍ୟରେ ଦୌଡ଼େ, ବିଭ୍ରାନ୍ତ ସୃଷ୍ଟି କରେ ; କିନ୍ତୁ ନିର୍ମଳ, ପରିମଳ ଓ ସୁସ୍ଥ ବାୟୁମଣ୍ଡଳ ବିଦ୍ୟାଳୟର ପରିବେଷ୍ଟନୀକୁ ସୁହାଏ ନାହିଁ । ଏଣୁ ଛାତ୍ରମାନେ ହୁଅନ୍ତି ଛଟଫଟ । ଶିକ୍ଷକଙ୍କର ଏଥିରେ ହୁଏ ତ୍ରୁଟି, ସାମାଜିକତାରେ ଅକ୍ଷମଣୀୟ ।

ଅଳ୍ପ ନିମ୍ନ ଦୃଷ୍ଟିପାତ କଲେ ଜଣାଯାଏ ଯେ ବାସ୍ତବିକ୍ ରାଜନୈତିକ ପ୍ରଭାବ ସବୁଠାରୁ ବେଶି ପଡ଼େ ଛାତ୍ରଙ୍କ ଉପରେ । ନେତାମାନେ

ଗ୍ରାହକମାନଙ୍କୁ ଅଗ୍ରହଣୀୟ ପଥରେ ନିର୍ଦ୍ଦେଶ ଦେଇ ନିଜର ସ୍ୱାର୍ଥଗତ ଫାଇଦା ଉଠାଇବାରେ ବ୍ୟସ୍ତ । ଏପରିକି ସ୍ୱଳ୍ପକାଳୀନ କାର୍ଯ୍ୟପାଇଁ ନିସ୍ୱ ଗ୍ରାହକ ସମାଜକୁ କୃତ୍ରିମ ଆର୍ଥିକ ସହାନୁଭୂତି ଦ୍ୱାରା କମ୍ପା ସାମାଜିକ ଅସ୍ଥିରତା ମଧ୍ୟରେ କୁହେଳିକା ସୃଷ୍ଟି କରିବା ଦ୍ୱାରା ବିଭ୍ରାନ୍ତିକର ପରିସ୍ଥିତି ମଧ୍ୟଦେଇ ଗ୍ରାହକସମାଜ ପ୍ରଧାବିତ ହୁଏ । ସେ ନିଜର ସ୍ଥିତିର ଗତି ବଦଳାଇବାକୁ ବାଧ୍ୟହୁଏ । ଶେଷ୍ଟା ରାଜନୀତିର ଶିକାର ହୋଇ ବେକାରଗତି ବା ହୁତାଶନରେ ପ୍ରାଣକଲବଲରେ ଜୀବନ କଟାଏ ।

ଅସଲଂକୃତ ଗ୍ରାହକମାନଙ୍କୁ ସରକାରୀ ଜଗରେ ସ୍ଥାନ ମିଳେନି । ଯେହେତୁ ସେମାନେ ହେଲେ ବିଭାଗୀୟ କର୍ମଚାରୀଙ୍କ ଆତ୍ମୀୟ ସମ୍ପର୍କ-ନୁହନ୍ତି । ଅସଦ୍ ଉପାୟରେ ତେଲଆମି କରିବା ଗ୍ରାହକଙ୍କ ପୂର୍ବପର୍ଣ୍ଣିମ ଖୋଜା ଖୋଜିକରି ଗୃହସ୍ଥ ଠାରୁ ସମସ୍ତ ସୁଖ ସୁବିଧା ଯୋଗାଇଦିଆଯାଏ । ତେଣୁ ଗୃହସ୍ଥରେ ସେ ହୁଏ ସାମାଜିକ ଶୋଷଣ, ଶାସକ ପ୍ରଭୃତି ବଦଳରେ । ଏଣୁ ସମାଜ ମଧ୍ୟରେ ବେକାର ବଢିବା ସୁନିଶ୍ଚିତ ।

ସବଶେଷ ଘଟଣା ହେଲା, ଏହି ଅସମ୍ଭାବ୍ୟ ଅର୍ଥ ବିନିମୟ ଦ୍ୱାରା ଧନୀମାନେ ବିଶେଷ ଧନୀହେଲେ, ମଧ୍ୟବିତ୍ତ ଶ୍ରେଣୀ ଝମେଘି ଭୂମି, ଗୃହ ଶୂନ୍ୟହୋଇ ଦେଶାନ୍ତର ଗମନ ଜନିତ ଦୁର୍ବଳ ହେଲେ । ଖଟିଖିଆ, ମୂଲିଆ ଓ ପଙ୍ଗପାଳ କର୍ମକୁଡ଼ୀଗଣ ଶୋଷଣ ପେଷଣରେ ଚକଟନେ ମିଲ୍ ମାଲିକ୍ କୋଟିପତି, ଶିଳ୍ପପତି ତଥା ରାଜନୈତିକ ରଥଚକତଳେ ଆଶ୍ରୟ ନେଇ ଇଜ୍ଜତ ମହତ୍ ଓ ମର୍ଯ୍ୟାଦାକୁ ଖାତିର ନକରି ଆତ୍ମପୁଷ୍ଟ ହେଲେ । ସେମାନେ ହେଲେ ସରାଗୀ, ବ୍ୟଭିଚାରୀ ଓ ଜୁଆଡ଼ିର ଜଗତର ସାଧକ ଓ ତତ୍ତ୍ୱାବଧାରକ । ଏଣୁ ସମାଜର ଗତିରେ ବିରାଟ ବିଶୃଙ୍ଖଳାର ସୂତ୍ରପାତ । ଏମାନଙ୍କର ଦୈନନ୍ଦିନ କର୍ମ ଇଞ୍ଜାମଧ୍ୟରେ ଯେଉଁ ସମୟ ମିଳେ ତାହା ଆପଣାର ଦାହିକ ସୁଖରେ ପରିବାରର ସଂଖ୍ୟାବୃଦ୍ଧି ସୁନିଶ୍ଚିତ । ଏହି ବୃଦ୍ଧିହିଁ

ରାଜନୈତିକ ଗଣ କହନ୍ତି, "Explosive of Population" । ବାସ୍ତବରେ ଉଭିଙ୍କର ପଥ ଅଲଗା, ତାହା ଅଦୃଶ୍ୟଭାବେ ଅନ୍ତଃ-ସଲ୍ଲୀଳାଭାବେ କର୍ମବ୍ୟସ୍ତ ଓ ଚଞ୍ଚଳ । ଭାରତ ସରକାର ପରିବାର ନିୟନ୍ତ୍ରଣ ପାଇଁ ଯୋଜନା କରିବାରେ ବ୍ୟର୍ଥ ହୁଅନ୍ତି ।

ତାହା ହେଉଛି ଦେଶ ଦଶ ମଧ୍ୟରେ ଅସମାନ ଅର୍ଥ ବିନିମୟ । ଏହାର ମୂଳରେ ଶିକ୍ଷା, ସମାଜ, ରାଜନୀତି ପ୍ରଭୃତି ଉକ୍ତି ପରିପୂର୍ଣ୍ଣ । ଏଣୁ ଦେଶମଧ୍ୟରେ ଅର୍ଥ ନୈତିକ ସମତାସ୍ଥାପନ ନିମନ୍ତେ ସଂଘର୍ଷ ନକଲେ ବେକାର ସ୍ୱରୂପୀ ବିବଟକାୟ ମହାଦାନବ ଅଚିରେ ଆମ୍ଭଙ୍କୁ ଗ୍ରାସ କରିଯିବ । କୋଟି ଗୋଟି ଜନତାର ମହାପ୍ରଳୟଙ୍କରୀ ସଂଘର୍ଷରେ ଜଗତ ଧ୍ୱଂସାଭିମୁଖୀ ହେବା ସୁନିଶ୍ଚିତ । ଏଣୁ ଭାରତପରି ଅର୍ଦ୍ଧଶିକ୍ଷିତ ରାଜ୍ୟରେ, 'ଆଜିର ଗ୍ରାଜ କାଲିର ବେକାର' ନୁହେଁ ତ କଣ ?

ସହରର ଏକ ପକ୍କା ପିଚୁରାସ୍ତା ଉପରେ କମ୍ବା ରଙ୍ଗବେରଙ୍ଗୀ ଦୋକା କାନ୍ଥରେ ପ୍ଲାକାର୍ଡ଼, ଫେଷ୍ଟୁନ୍ ଓ ରେଲୁଡାରୁର ବର୍ଣ୍ଣାଳୀଗତ ବର୍ଣ୍ଣନାର ବିଶୋଭିତ ଶବ ପରିପୂର୍ଣ୍ଣ ହୁଏ, "ଆଜିର ଗ୍ରାଜ କାଲିର ବେକାର" । ତେବେ ଆତ୍ମଗତ ପ୍ରେରଣାରେ ପାଠକ, ଦର୍ଶକ ଓ ଭାବୁକଙ୍କ ମନରେ ସ୍ୱତଃଭାବାନ୍ତର ସୃଷ୍ଟି ହୁଏ "କାଲିର ବେକାର କିଏ ???"

—:*:—

ଚରିତ ନା ଚରିତ୍ର

“ପ୍ଲାଷ୍ଟିକ ସୁଗର ମାଷ୍ଟର” । ………… ସୁଦେହ୍, । ଗୋରା ଚକ୍ ଚକ୍ ବେଠଂକ୍ ଶରୀର । ପିନ୍ଧୁଛନ୍ତି ସିନେମାଟିକ୍ ଫେସନ୍ । ମେରସରାଇଜ୍ଡ୍ କଟନ୍ ନେକ୍ଲେସେଣ୍ଟ୍ ଉପରକୁ ଖାଣ୍ଟି ଟେର୍ଲିନ୍ର ଟାଇଟ ଫିଟିଙ୍ଗ୍ ବୁସ କୋଟ । ହାଇସ୍କୁଲ୍ର ନେଗେ ଯୁ …… କଳାରେ ଦାଖଣ୍ଡ ……… ଗୋରା ଦେହକୁ ବେଶଟି ଚମତ୍କାର ଚଉକ୍କ ଉପର ଜାଦୁକର ବେକରେ ସିନ୍ଦୂର ଟୀକାପରି ………… ପାଉଡ଼ର ବୋଳା ବେକ ଉପରେ ଠିଆଠିଆ କଲର୍ ଦୁଇ ଉଦ୍ବାନ୍ତ ।

ମେକୋନ୍ କଟ୍ ଓପେନ୍ ସାର୍ଟ ଆଗରୁ ପଛକୁ ବୁଲାଗଲେଣି— ………… ବୋତାମ ବର୍ତ୍ତୀଳୀ ଟିକା ପରି ଧଳା ଉପରେ ଚକ୍ ମକ୍ କରୁଛି । ସଂଖ୍ୟାରେ ଗଣିଲେ ଏକଠାରୁ ଅସଂଖ୍ୟ କଲମ ଝୋସିବାକୁ ବଡ଼ଆଉଟ୍ ପକେଟ୍ ଖୋସି ହୋଇଛି ଅର୍ଦ୍ଧ'ହ୍ରଷ୍ଟ ପିଷ୍ଟ ମୁଟାରେ । କଣ୍ଠପର ମୁହଁକୁ ଟିଙ୍ଗାର ……… ଆବେ—ହେ— ଆରେ — ଧରେଣ୍ଟି ଭାଷାରେ ବଚନ । ଶିକ୍ଷକ ନୁହେଁ — ସାଫି ମାଫିକେ ଅନ୍ରେଷ୍ଟ ଯୁବଙ୍କ ଅନରେଷ୍ଟ ଗଡ଼୍ଲ ଫାଦେର, ଗାର୍ଡିଅନ୍ ……… ଠାଣୀରେ କପୋଳ ଉର୍ଦ୍ଧ୍ୱରେ ଭଡ଼ାଟିଆ ଆଫ୍ରିକୀୟ ନିଗ୍ରୋକଟିଙ୍ଗ୍ ଚୁଙ୍ଗାରେଙ୍ଗ । ଭ୍ରୁଙ୍କ ଉର୍ଦ୍ଧ୍ୱକୁ କେଶ । କେଶ ବେଶ ଠାରୁ ବିଶେଷ ଅଲଟ୍ରା ମଡର୍ଣ୍ଣ । ହାତରେ ଦେଡ଼ହାତ ଲମ୍ବା ଚଉଦପା'ର ଏକ ମାଖୁନା ନଡ୍ଡୁବା ନିର୍ଦ୍ଦେଶକେ ମାନଚାନ ଠେଙ୍ଗୁଣି ।

ସେ କରନ୍ତି…… ଓଡ଼ିଶା ଶିକ୍ଷା ବିଭାଗର କୋଡ଼୍ ଅନୁଯାୟୀ ଶାସନକୁ ଦୂଷଣ । “Spare the rod Spoil the child” ଉପରେ ଜୀବନ୍ତଦଗ୍ରୋଷା ଓ ମାରେକ୍ଷ ଖୋଦ୍ Hend of the beads ଫ୍ରାନ୍ତକାର ଷ୍ଟାର୍ଟ'ମ କମ୍ବା ଗ୍ରିସୀୟ ସଭ୍ୟତାର ସଫିଷ୍ଟିକେଟିକ୍

ଖୋଦାବନ୍ଦ ମୁଖ୍ୟ ପରିଚାଳକ ଓ କାର୍ଯ୍ୟ ସମ୍ପାଦକଙ୍କ ସେନ୍ନେଟିକ୍ ଶିଷ୍ୟ । ଜ୍ଞାନ ପଡ଼ାରେ ତାଙ୍କର କୁଆଡ଼େ କଲେଜ ବୁଲ ହେଲ ସମ୍ବଲପୁର ଠାରୁ ତ୍ରିଚିନାପଲ୍ଲୀର 'ଇଞ୍ଜିନିଅରିଂ କଲେଜ । ପଢ଼ାରେ ଅଡୁଆ । ତେଣୁ ବେସ୍ ପରିଶେଷରେ ଖଲିକୋଟ୍ କଲେଜର ଦର୍ଶା ନସ୍ନାତକ ଉପରେ ମାଡ଼ । ପରିଶେଷରେ ଖୋଦ୍ ବିଶ୍ୱବିଦ୍ୟାଳୟର ଡବଲ୍ ମାର୍କରେ ଡିଗ୍ରୀ ଧାସ୍ତ ପାସ୍ ।

···**Stop gap** ପାଇଁ·····ଲଭ ଏଟ୍ ଫଷ୍ଟ ସାଇଟ୍ ରୂପେ ବିଦ୍ୟାଳୟର ଶିକ୍ଷକ···କମ୍ ଦରମା···ନିରାପଦ·····କ୍ଲେଶ କ୍ଲାନ୍ତ ହୀନ ଶିକ୍ଷକ ହିସାବରେ ସଉକ୍···**Plenty of leisure without any pleasure**ରେ ନିରର୍ଥକ ଜୀବ ନଯାପ ନର ଅତିକ୍ରାନ୍ତ । ପ୍ରାଇଭେଟ୍ 'ସେଭ୍'ସ୍‌ରେ ଗଞ୍ଜାମର ସୁନାମଧନ୍ୟ ଅନୁଷ୍ଠାନ ପରିକ୍ରମା ପରେ ପରିଶେଷରେ ଖୋଦ୍ ବ୍ରହ୍ମପୁର ସହର କେନ୍ଦ୍ର ସ୍କୁଲରେ ଅବସ୍ଥିତ ।

ତତ୍ ପୂର୍ବରୁ କେଉଁଠି କ ପ୍ରକାର କୃତିତ୍ୱ ଅର୍ଜନରେ ପାରଙ୍ଗମ। ଖେଳ, ମେଳରେ ଅତ୍ୟାଧୁନିକ କୌଶଳ ପ୍ରୟୋଗ ଓ ଗ୍ରୁପ ସୁନ୍ଦରୀଙ୍କ ସର୍ବାଧୁନିକ ମନସ୍ତାତ୍ତ୍ୱିକ ଅଧ୍ୟୟନାରେ ଉଚ୍ଚ ପ୍ରଶଂସା···ସର୍ବୋପରି ସଙ୍ଗସୁଖରେ ମେଳାମଉଚ୍ଚରେ ତାମ୍ରଚୂଡ଼ଙ୍କ ନାୟକରୂପେ···ରୂପଯାତ୍ରୀ ଗ୍ରାହକରୂପେ·······ତେରଙ୍ଗ ଗ୍ରହାଣୀରେ ବନ୍ଦିନୀ ତାରୁଣ୍ୟ ଚପଳା ରୂପଙ୍ଗନା ସୁନ୍ଦରୀଙ୍କ ଶୁଭାକାଂକ୍ଷୀ ରୂପେ, ବହୁତ ବହୁତ ଅନବଦ୍ୟ ଅଘଟଣ ଘଟଣା କାରୀ ରୂପେ ସୁଖ୍ୟାତି ଆଲୋଚନା·····

ଖେଳ କସରତ୍ ପ୍ରିୟ·········ହକି, କ୍ରିକେଟ୍, ଭଲି, ଫୁଟ୍‌ବଲ୍ । ଅନୁଭୂତିରେ ନଜର ହେଲେ ନୈଁ·······ପନ୍ଦପନ୍ଦି କାଟର ରେକର୍ଡରେ·······ପଟୌଡ଼ି, ଶର୍ମିଳା ଟେଗୋର ଓ ସମିକପୁର, ଏଟ୍‌ସେଟ୍ରା ।

ପାଠ ପଢ଼ାରେ ଖୋଦ୍ ଫର୍ଷ୍ଟକ୍ଲାସ । ଚରସ ନପୁନ୍ତରେ ଚନ ତାରକାଙ୍କ ଅନୁକରଣୀୟା ଅଲଟ୍ରା ମଡର୍ଣ୍ଣ ବାଳକ ବାଳିକା । ସେନେମା ଶୋ ରେ କେବଳ ମେଟିନ୍ । ଫରେନ୍‌ର ସିନେମା ସ୍କୋପିକ୍, ହର୍ଟ ଏପିଲିଙ୍ଗ୍......ନ୍ୟୁଡିଟି—...ଫେସନ୍ ମେକିଙ୍ଗ୍......... ବାଲ୍‌କୋନ କେବଳ ଏଡ୍‌ଭାନସ୍ ବୁକିଙ୍ଗ୍ ।

ସୁରେନ୍ଦ୍ର ହସି ହସି କହିଲା, ଆଜ୍ଞା ହଁ ।

ଅଟୋବାଇ ଓ ଗ୍ରଫୀରେ ବାଲ୍ୟଜୀବନର ଅନୁଭୂତିର ଅଭିବ୍ୟକ୍ତି ବଡ଼ ଚମତ୍କାର । ମୋର ହବ ଭିତରେ ଆକସ୍ମିକ ସିନେମା ସେକଣ୍ଡ ଶୋ । ତାହାପୁଣି ବପାମାଆଙ୍କ କଡ଼ା କଡ଼ା ଆଖି ଉପରେ ଧୂଳି ଦେବାକୁ ମଶୁଆ କାର୍ଟିନ୍ ଭିତରେ ଶୋଇବା ଆକାରରେ ମାଣ୍ଡି ତକିଆ ଉପରେ ପାଛୁଡ଼ାର ଯତ୍ନ ପରିପାଟି ଦେଇ । ଦୁର୍ବିପାକ କ୍ରମେ ଧରା ପଡ଼େ ତ ସାଙ୍ଗସୁଙ୍ଗଙ୍କ ଘରେ ତାଷ୍—ଖୋଦ୍ ଲନପଟା—

" ରାଜା ମନ୍ତ୍ରୀ ଗେଲାମ୍...ଦୁରେ ମେରେ କରେ ସଲାମ୍ "

ସାର୍ ! ଖାଲି ଏତିକି ନା... ଆଉ କଣ୍ଟ ।

ଆହୁରି ଗୋଟିଏ ହବି...ପ୍ରତିଦିନ ବିଦ୍ୟାଳୟରୁ ଫେରି ନଦୀ ପଠାରେ କାବାଡି...କାବାଡି...କାବାଡି ଏକା ମାଉଁକେ ଟିନ୍‌ଟିନ୍ ଖେଲାସ୍ । କେବେ ଗୋଡ଼ ଜଖମ୍ ତ...କେବେ ହାତ ଅକାମି... ଅନ୍ୟ କେବେ ପେଟ ବିକଳରେ ଗୃହ ପ୍ରତ୍ୟାଗମନ । ପାଠ ପଢ଼ାତ ଥିଲି ଅବଧାନଙ୍କ ଶ୍ରୀଫଳ ।

ଶେଷ ହବରେ ଥାଏ, ଅନ୍ୟଙ୍କୁ କପଟ ହ୍ୟାଉନ୍ କରିବାକୁ ଗ୍ରୁପ୍ ଗଢ଼ିବା, ଷ୍ଟିଲ୍‌ଟ୍, ବେନାମୀ,...ଡ଼ାକହାକ, "କଣେଇକୋଳା କଣ୍ଟା, ଘାଙ୍ଗି ଦେବ ତୋ ଅଣ୍ଟା" । ପ୍ରଭୃତି ଗାଇ ଛୁରୁଲାଇବା ...ଚିଠିରେ ଅଶ୍ଳୀଳ ଲେଖି ତାଙ୍କ ଝିଅ ବୋହୂଙ୍କୁ ପ୍ରେରଣା ଦେବା ।

ସାହା, ଓଡ଼ିଶାରେ ମେଳବାକୁ ଏକ ଧଡ଼ିଆ କରିବା ଇତ୍ୟାଦି—ଇତ୍ୟାଦି —ଇତ୍ୟାଦି ।

ଆଜ୍ଞା ! ତେବେ ଭଲ ଛାତ୍ର ପଢ଼ାଉଥା କେଉଁଠି ଥିଲ ?

ଧେତ୍, ନେଷ୍ଟଲଙ୍କ ସ୍ପଙ୍ଗର ଖୋଦ୍ ଦାୟାଦ୍ ହୋଇ ଏତେ ନବୋଧ, ଅବୋଧ ଓ ଅପଣ୍ଡିତ । ଏକା ଦିନଟିକେ ଗୋ କପ୍‌ରେ ଟଙ୍କା ଛାଡ଼ି, ପ୍ରିନ୍ସିପାଲ୍‌ଙ୍କ ଗାଇଡ୍‌ରେ କାଗଜ କଲମରେ କଷଟେ ଗଲେ । ବସୁଥିବା ଶିକ୍ଷକ ଓ ଅଧ୍ୟାପକ ଜାଣନ୍ତି—ମୁଁ କିଏ ? ପକେଟ୍‌ରେ କଣ୍ଠ କରେଥିଏ, ସେମାନଙ୍କୁ ଶୁଣାଇବାକୁ । ସେଥିରେ ତ ଗୋଟିଏ ଗୋଟିଏ ଶ୍ରେଣୀରେ ଅନର୍ଘ ରହେ ଫି କ୍ଲାସ୍ ଦୁଇ ବର୍ଷ ।

ସାର୍ ! ତାହା ହେଲେ, "ଜୀବନଠାରୁ ବୈଜ୍ଞାନିକ ପରୀକ୍ଷା କରୁଥିବା ଯୋଗ" ।

ସେ ଦିନ ଶିକ୍ଷକଙ୍କ ବର୍ଣ୍ଣିତ ବାଇଓଗ୍ରାଫରୁ ଥୋଡ଼ାଏ କଥା ଶିଖିଛନ୍ତି ସୁରେନ୍ଦ୍ର । ତେଣୁ ଗୁରୁଙ୍କୁ ଫେର ଟାଙ୍ଗି ଟର୍ ଭିତରେ ବସି ସିନେମା ରାଗିଣୀରେ ସୁର ଧରେ········ ।

ଦକ୍ଷିଣାଞ୍ଚଳ ଶିକ୍ଷାଧିକାରୀଙ୍କ ପୁତ୍ର । ସୁଦୂର ବାଲଙ୍ଗୀରୁ ଫେର ଘର ବ୍ରହ୍ମପୁର ସହରରେ ଅବସ୍ଥିତ । ଶିକ୍ଷାନ୍ତର ଜିଜ୍ଞାସା ସୁଲଭ ଆଗ୍ରହରେ ସୁନ୍ଦର ସିନେମା ସଙ୍ଗୀତର ଝଙ୍କାରରେ ହୃଦୟ ପ୍ରକମ୍ପିତ ସ୍ୱରରେ କହିଲେ, "ସୁରେନ୍ ଏ କଣ ?"

ଏହି ଶିକ୍ଷା କେଉଁଠୁ, କେଉଁଠୁ ? ଦୁଇଟିରେ ଭୁ ଗରବ ଗୁଣ । କଣ କହୁଛନ୍ତି ବାପା·····ମୁଁ କଣ ଛଡ଼ିବି···ଶିକ୍ଷକଙ୍କ ଜୀବନରେ କେତେକାଳ ଯେ ପଢ଼ା ନ୍ୟାୟରୁ ବୃହସ୍ପତିଙ୍କ । ଧନ୍ୟସ୍ତ୍ର ଧନ୍ୟ, ଧନ୍ୟରେ ପରା ଓଡ଼ିଶା ଫାଷ୍ଟ ।

ଓଃ ! ତାହାହେଲେ ଏହା ହେଉଛି କବିତାଙ୍କର ନିର୍ଦ୍ଦେଶିତ “ଚିତେ ନା ଚିନ୍ତେ” ହାମୁରେ, ଦୁନିଆରେ ଶିକ୍ଷାର ଗତି କୁଆଡ଼େ ।

(ନବୀନ ପତ୍ରିକାରେ ପ୍ରକାଶିତ)

ସଶ୍ରମ ପରେ ବିଶ୍ରାମ

ଖୋଦ୍ ଗୁରୁ ଆଡିରେ ସମ୍ପରେନ୍ । ଜଣେ ଅନାଦରଣୀୟ ଚରିତ୍ରବାନ୍ ଶିକ୍ଷକ ।

ପଶ୍ଚିମ କାନ୍ଥର ଫାଟୋ, ଗ୍ଲାସ୍ ଦେହରେ ବଡ଼ୁଆଲ ପଙ୍ଖାର ପ୍ରତିଫଳନ ଧୋକା ଖାଇ ଘୂରି ବୁଲୁଛି ଆପଣା ଛାଇଁ । ବିଶ୍ରାମ ନେବାରେ ପ୍ରତି ପିରିଏଡ୍ ଶେଷରେ ଓ ଟପାନରେ ଅନ୍ୟୁନ ଗୁରୁ କମ୍ବା ପାଞ୍ଚ ଜଣ ଆସୀନ, ଶାୟିତ । ମଧ୍ୟ ଭାଗର ଦେଶର ପାହାଡ଼ିଆ ହରିଣ ପରି···ମାଟିଆ ରଙ୍ଗର ପିଠି ଉପରେ କରି ଲମ୍ବା ଡ଼େସ୍କ । ଇତସ୍ତତଃ ଚକ୍ ପିସ୍···ଡ଼ଷ୍ଟର୍— ଅନାବନା ଛୁଟି ଦରଖାସ୍ତ —ଏଟେଣ୍ଡେନ୍ସ୍ ରେଜିଷ୍ଟର୍ ।

ସେପଟ ଏପଟ କାନ୍ଥ ଉପରେ ଦୃଷ୍ଟି ସମ୍ମୁଖରେ 'ଅଗଣୋ ନବାରିଶୀ ଓ୍ୱାଲ୍ ପୋଷ୍ଟର୍···ଅନଳ୍ପ ଦୂରରେ ବ୍ୟକ୍ତିଗତ ବ୍ୟବହୃତ ଶିକ୍ଷକ ମାନଙ୍କର ପିଜନ୍ ହୋଲ୍ ଡେସ୍କ—ଏକ—ଦୁଇ—ତିନି । ପୂର୍ବ କାନ୍ଥ ଦେହରେ ଏକ ଲମ୍ବା ଓ୍ୱାଲ୍ ବ୍ଲାକ୍ ବୋର୍ଡ଼- ଯେଉଁଥିରେ ଅଙ୍କ ଗୁରୁଜୀଙ୍କଠାରୁ ବିଜ୍ଞ ଶିକ୍ଷକ ପର୍ଯ୍ୟନ୍ତ ବ୍ୟବହାରରେ ଅସ୍ତ୍ରୀଭ । ସମୟେ ସମୟେ ହୃଦୟଗ୍ରାହୀ ଉପମାଧଶାଳ ପ୍ରବଚନଟିଏ କେବେ-କେବେ ନୂତନ କଳାକାରଙ୍କ ମନଲାଖି ସୂଚକ ଚରିତ୍ର ବର୍ଣ୍ଣିତ ନ ହେଲେ ବି ଭୁଲ ହମେ ଦାନେ ଦୁଇଦାନ ଭେକ୍ଟେଣ୍ଟ ପଡ଼େ ଅଜାଣତରେ ।

ଖଣ୍ଡିଏ ୫ଫୁଟ ଉଚ୍ଚା ଏବଂ ୭ଫୁଟ ପ୍ରସ୍ଥର ଏଜ୍ ବେଷ୍ଟସ୍ ଅବ୍ ଷ୍ଟ୍ରକ୍ଟିଭ୍ ବୋର୍ଡ । ଦରଭଙ୍ଗା ମେଜ ଉପରେ ମଳିଣା ଗୁଡ଼ା-ଯାଇଥିବା ଶେଢ । ଅନତିଦୂରରେ ଭଙ୍ଗାତ୍ରମ୍ ମେଟ ଓ ଲୁଟ' ରହିବା ଟେ,ବ୍ । କେତେକ ସୁଗଠିତ ସଜ୍ଜିତ ସିଙ୍ଗଲ୍ ଚେୟାର ଗୁଡ଼ିକ, ଶୋଇବା ମନ କାଟିଲେ ଆରାମ୍ ଦାୟକ, ଡିଲକସ୍ ସୋଫା ସେଟର ଟଲଙ୍କ । ବେଶ୍ ଆରାମ୍ ଦାୟକ । ସଉକ୍ ପାଇଁ ନୁହେଁ—ଅଣାଯାଇଥିବା, ଅଗଠିତ ହୋଇଥିବା କେତେ ପୁରୁଣା ଏବଂ ଆଉ କେତେକ ବେପରୁଆ ଚପଟ, ଡଟ୍ ଶିକ୍ଷକଙ୍କ ନିମିତ୍ତ । ସ୍ଥାନଟି ଝରକା ଦରଜା ବନ୍ଦଥାଇ ଷ୍ଟେଷ୍ଟ ନୀରବତାର ସୂଚନା ଦିଏ । ପରିଶ୍ରମ ପରେ ବିଶ୍ରାମ ହିଁ କାମ୍ୟ । କଥାରେ ଅଛି ଶିକ୍ଷକ ଜୀବନରେ ମିଳେ **"Plenty of leisure without any Pleasure"** । ଜଗତରେ ବୋକାମୀ, ଅକାମି, କର୍ମକୁଣ୍ଠ, ଓଭର୍ୱର୍କ ପେର୍‌ସୋନ୍ସ୍ କୁ ହିଁ ଶିକ୍ଷକ ବୃତ୍ତି ଭଲଲାଗେ । ଆମ ରାଜନୈତିକ, ଅନଭିଜ୍ଞ ବ୍ୟକ୍ତି ମାନଙ୍କ ଘରେ ଭିତରର ଦୃଷ୍ଟି ଧାରଣା ଏହିଠାରେ ହିଁ ଭୁଲ ମାନେ ।

କାରଣକ ଦଳ ନିୟମତଃ ବକ୍ଷିପ୍ରସ୍ତାବେ ଧାଡ଼ିବାନ୍ଧ ଆକାଶରେ ଉଡ଼ିଗଲା ପରି ସମୟେ ସମୟେ, ଇଣ୍ଟରଭେଲ୍‌ରେ ଧାଡ଼ି ଧାଡ଼ି ଶିକ୍ଷକଗଣଙ୍କ ବିଶ୍ରାମ ଘଟେ । କିଏସେ ମୁହଁକୁ ଟେକି...କିଏସେ ମୁହଁକୁ ଅଧୋଗମନ କରି...କିଏ ସେ ଛାତ୍ରମାନଙ୍କ ପ୍ରବନ୍ଧ, ନିବନ୍ଧ ଓ ପତ୍ରର ସଂଶୋଧନ ବିଶୋଧନରେ ନିମଗ୍ନରହି...ଅନ୍ୟ କିଏସେ କପେ କଫି ଖୋଜି ଯାଇଭି ଷ୍ଟ୍ରେଞ୍ଜ ହୋଟେଲ୍‌ରୁ ବରାଦକରି କାନ୍ଥ ଟେକୁରିକୁ ଚାହିଁରହି...ଅନ୍ୟର ମୁହଁରୁ ଚାନାମା କେନାଲ୍‌ର ଲକ୍ ଡେଲି ଜାହାଜ ଗଲାବେଳେ ପାଣି କୁଣ୍ଡଳ ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱକୁ ଉଠିବାପରି— ଆସ୍ତେ, ଧୂସ୍ରେ, ବଳୟାକୁଣ୍ଡଳର ଗହ୍ୱର ମଧ୍ୟରୁ ଲକ୍ ଭକ୍ ହୋଇ ଉଠେ । ଅନ୍ୟ ଜାଣାର ହସ୍ତରେ ମନସ୍ଥ ଓ ଇଚ୍ଛାଧିନକରି ସିନେମା

ସଙ୍ଗୀତର ସମ୍ବେଦନଶୀଳ ତାନ, ଅଙ୍ଗୁଠି ଓ ଡେସ୍କର ସଂଘଟ୍ଟନରେ ନନ୍ଦସ୍ୱର ଧରେ ଓ ବୃନ୍ଦଗୀତରେ କର୍ଣ୍ଣମନର ତୃପ୍ତି ଆନୟନ କ୍ଷମହୁଏ ।

ଖୋଦାବନ୍ଦଙ୍କ ମେହେରବାନୀରେ ପଢ଼ିକରି ଖାଲି·····ଙ୍କ ହସ୍ତରେ ସଂଖ୍ୟାକମ୍ ଶିକ୍ଷକ ଆଳୁବାଳୁ ହୋଇ ଉପରକୁ ପ୍ରାଚିମେଲ ଗୁହାଁଥାନ୍ତି । ଉଦ୍ବେଷ୍ଟିତ ଆଶା. ଭରଷାଲୁବ୍ଧଖ୍ୟେମ୍ ହୃଦୟତଳେ ଲୁଚି ରଖି ଦଶପଳ ସ୍ଫୂର୍ତ୍ତି ବ୍ୟବହାର ପରେ ବିକୃତ ମୁଖମଣ୍ଡଳରେ ଆକୃତି ଚିତ୍ରକୃତର ଦୃଶ୍ୟ ଆନୟନ କରେ । ଅନ୍ୟ ଜଣେ ଅନବଦ୍ୟ ହୃଦୟ-ବାନ୍ ଶିକ୍ଷକ, ଅଥଚ କଥା କଥାକେ ଚିତ୍ର ଓଡ଼ିଆ କହିବା ଅଭିବ୍ୟକ୍ତିର ଅଭାବରୁ ଗାଣ୍ଡି କାଟିବାକୁ ନିର୍ଦ୍ଦେଶନା ଦିଅନ୍ତି । ଟେକ୍ସ ବହିରେ କାବୁଡ଼ ବେଳକୁ ଗଣ୍ଡି କାଟ ଠାରୁ ଦେଶଦ୍ରୋହୀ, ଜାତି ଦ୍ରୋହୀ ନେତାଙ୍କ ପର୍ଯ୍ୟନ୍ତ, ପ୍ରାଦେଶିକ ତଥା ଦେଶର ମୁଖ୍ୟ ଓ ପ୍ରଧାନ ମନ୍ତ୍ରୀ ପର୍ଯ୍ୟନ୍ତ ଯେ କୌଣସି ବ୍ୟକ୍ତି ବିଶେଷଙ୍କୁ ଗାଣ୍ଡି କାଟି ଦେବାକୁ ଆଦେଶ ଦିଅନ୍ତି । ନ୍ୟସନାଟର୍ଡ଼, ସମୟେ ସମୟେ କାନ୍ଦ ମାଡେ । ଆମେ ଯେ ସମାଜର କୁଆଡ଼େ ନଷ୍ଟ ଜୀବ ।

ପଣ୍ଡା ସାର୍‌ଙ୍କୁ ଟ୍ରିଗୁଲ୍ଲାଇବା ପାଇଁ ଭାଗବତରୁ ଶ୍ଳୋକ ସୂକ୍ତିର ଉଚ୍ଚାରଣ କରାଇ ବ୍ୟଙ୍ଗୋକ୍ତି, ଶ୍ଲେଷୋକ୍ତି, ବକ୍ରୋକ୍ତି ଓ ଦମ୍ଭୋକ୍ତି ସଙ୍ଗେ ସଙ୍ଗେ ଖଣ୍ଡି ଚୋକ୍ତିର ପେଟେ ମୋଡ଼ହୋଇ ଗପ କହିବା କଥା ତାହା ସବୁର ଅଭିବ୍ୟକ୍ତି ଘଟେ । ସଂସ୍କୃତ ବ୍ୟାକରଣର ଜନକ, ସୁଶ୍ରୁତ, ଭାରବିଙ୍କ ଠାରୁ କାଳିଦାସ, ଭବଭୂତି ଓଗେର୍···ଓଡ଼ିଶାର ଖଡ଼ଚନ୍ଦ୍ର, ଜ୍ୟୋତିଷବିଶାରଦ, ବୈଜ୍ଞାନିକ ବନ୍ଧୁର ଅଧୋଗମନ, ସାହିତ୍ୟକୃତିରେ ବକ୍ରୁତି ପ୍ରଭୃତିର ତତ୍ତ୍ୱ ମୂଳକ ତର୍କ ବାଦ ହୁଏନି । ଚମକପ୍ରଦଭାବେ ଭାବ, ଅଭିବ୍ୟକ୍ତି, ପ୍ରକାଶଭଙ୍ଗୀ ଚିତ୍ତାକର୍ଷକ ହୋଇ ଉଠେ । ସେ ସବୁ କଥାର ଗଣ୍ଡି କାଟ ହେଉଥା ହେଉ, ଧର୍ମାଧର୍ମ ଓ

ଜଷା କଥି ନମନ୍ତେ, ଦୁଇଦଳଙ୍କ ମଧ୍ୟରେ ମେଣ୍ଢାଯୁଦ୍ଧ, କକ୍ ଫାଇଟିଙ୍ଗ, ବୁଲ୍ ଫାଇଟିଙ୍ଗ୍ର ଦୃଶ୍ୟ ସଂଘଟିତ ହୁଏ । ଏହା ନଜରସୁହା, ନଜର ଦେଖା କମନୀୟ ଶରବନ୍ତା । ନଜରସୁହା ବିଶ୍ରାମକାଳୀନ ଅପନୋଦନ ଓ ଚିତ୍ତ- ବିନୋଦନର ଭୋଜ୍ୟ ସାମଗ୍ରୀ ରୂପେ ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟର ଚରମ ଐକାନ୍ତିକତା । ସେଥିରେ କୌଣସି ଦ୍ୱିଧା ନଥାଏ ।

ଜନୈକ ପାର୍ଟୀ ସାର୍ଙ୍କ ସଙ୍ଗେ ଜୁନିଅର୍ ପଣ୍ଡାସାହୁ—ଲମ୍ବଦଣ୍ଡା ହୁଅନ୍ତି । ସଜ ମାଫିକେ ସଜା ଯାଇ ଥିବା ଆସନରେ ଶୋଭନ ବେଶ୍ ଆରାମ୍ ଦାୟକ···ବେଳେବେଳେ ଫିକା ଫିକା ଧୁଂଗୁଡ଼ିର ଅଂସ୍ଫାଳନରେ ସ୍ୱସ୍ତି ବାଚନ ପ୍ରଦାନ କରନ୍ତି । ଜନୈକ ପଣ୍ଡା ସାର୍ଙ୍କ ଘଡ଼ଘଡ଼ି ସ୍ୱରରେ କଥା ଗୁଡ଼ାକୁ ଉଡ଼ାଇ ଦେବାକୁ ସଚେତନଥିବା ହୃଦ୍ବୋଧ ହୁଏ । ଆଜିକାଲି ବ୍ୟକ୍ତି ସ୍ୱାତନ୍ତ୍ର୍ୟ ସୁଖ ସମ୍ଭୋଗ ଯୁଗରେ ଅନ୍ୟର ଉପଭୋଗ ଉପରେ ବାଧାଦେବା ଲେଖକଙ୍କର ଉଦ୍ଦେଶ୍ୟନୁହେଁ । ହସ ଲାଗେ, ମନୁଷ୍ୟ ପ୍ରଜାତି ନହୋଇ ବରଂଚ ସଜାତି ହେବା ନିହାତି ଦରକାର । ଭୁଲକୁ ଭଲ କହିଲେ ବାହାବା ନେବା ସୁନିଶ୍ଚିତ ।

ଦାସ୍ ସାର୍ଙ୍କ ଯୁବକ ସୁଲଭ ଖାଣ୍ଟି ଦେଶୀ ବିଦେଶୀ ମଡ଼େର୍ଣ୍ଣ କାଇଦାରେ ଲଭ୍ ଟ୍ରେଜେଡ଼ିରେ କୁକୁର ମାର୍କେଡ଼, ଗଧ ଏବଂ ଷଣ୍ଢ ଗାଈର ଅବୈଧ ପ୍ରଣୟରେ ଆନ୍ତର୍ଜାତୀୟ ପାଶ୍ଚାତ୍ୟ ଗୁଣ ମାଧ୍ୟମରେ କପରି ନବଯୁଗର ଜାଗ୍ରତି ଘଟିଛି···ପୁନଶ୍ଚ ସିନେମା ଘୋର ବେଗଟ୍ରେ, ନୃତ୍ୟ ଛନ୍ଦ, ଟଷ୍ଟର ସାର୍ଥକତାରେ ଟପ୍ପର ଗୁଡ଼ିକ ପରିବେଷ୍ଟନୀର ପ୍ରଭାବ···ହାଟ, ବଜାର ଓ ସାମ୍ନା ଗଳିରେ "ଦିବାନା ବନଯାଏଗା"···ଲୁଗା, ଫଙ୍ଗା, ପର ଦୌଡ଼ିବା ଇତ୍ୟାଦିର ଚୁମ୍ବକ ଚୁମ୍ବକ ବର୍ତ୍ତନାର ସର୍ବାଧୁନିକ ଗ୍ରୀବମାଟନ ରାସ୍ତା ଉପରେ ସ୍ତ୍ରୀଙ୍କ ପ୍ରତି ଉକ୍ତି-ପ୍ରତ୍ୟୁକ୍ତି ସଙ୍ଗେ କାକୁତି ମୁଣ୍ଡି, ବରକୋଳିର ମଞ୍ଜି, କାଗଜର

ପେଣ୍ଟ୍ ପ୍ରଭୃତିର ସଦ୍ ବ୍ୟବହାରରେ ମନଛଣା ଚେଷ୍ଟାକୁ ଅନୁମୋଦନ ଜ୍ଞାପନ ଚମତ୍କାର ଭାବେ ସୃଷ୍ଟି କରେ । ଏ ହେଲା ଆଧୁନିକ ଶ୍ଳୀଳ ସ୍ନେହାନୁଭୂତିର ଅନୁରଣନ ମାତ୍ର । ଆଧୁନିକ ପ୍ରତିଯୋଗିତା ମୂଳକ ଦୁନିଆରେ ବିଜ୍ଞାନ ସମ୍ମତ ଲଭ୍, ହେଟ୍ରେଜେଡ ବୋଲି ନଲୁଚା ଲଭ୍ କାମେଡ଼ୀର ପର୍ଯ୍ୟାଲୋଚନା ।

ବିନକର ଅନୁଭୂତିକୁ ବିଶ୍ଳେଷଣ ଓ ସଂଶ୍ଳେଷଣ ମାଧ୍ୟମରେ କହିବାକୁ ଯାଇ ତାଙ୍କର ଶିକ୍ଷା ପ୍ରଶିକ୍ଷଣ ମହାବିଦ୍ୟାଳୟରେ ସେ କପର ଏକ ଅବସନ୍ନ, ଶକ୍ତିହୀନ, ଶ୍ଳଥ ଓ ବୃଦ୍ଧ ସ୍ୱାମୀକୁ···ଅନ୍ୟ ଏକ ଜବାନ, ସୁଶ୍ରୀ, ନିମକହାରାମୀ ସ୍ତ୍ରୀର ଯୌନସୁଖ ସମ୍ପାଦନରେ ସାଙ୍ଗସାଥିଙ୍କ ଧାହାଡ଼ିରେ ସେ କପର ସ୍ୱହସ୍ତରେ ସ୍ୱାମୀକୁ ନେଇ ଅବହେଳାପନ ଦୃଶ୍ୟ ଆନୟନ ପୂର୍ବକ···ଆଧୁନିକ ମନୋରଞ୍ଜି ଗେଲେଣ୍ଡି ପ୍ରଦର୍ଶନ ପୂର୍ବକ କପର ବାହାବା ନେଇଥିଲେ ସେ ସବୁର, ଠୋକ୍ ଠୋକ୍ ବର୍ଣ୍ଣନା ପ୍ରତି ପୂର୍ବପାର୍ଶ୍ୱରେ ଶାୟିତ ପଣ୍ଡା ସାଉଁଙ୍କ ପାର୍ଶ୍ୱ ନିଶ୍ୱାସ ପାତରେ ବୃଷ୍ଟି ବାଚନର ସଙ୍କେତ ମିଳିଲା । ପରେ ବର୍ଣ୍ଣନା-କାରୀ ଆମନ୍ତ୍ରିତ ହେଲେ ।

ପାଣ୍ଡୀ ବାବୁଙ୍କ ନିସ୍ୱାସରେ ଶାୟିତଗଣ ଜାଗ୍ରତ ହେଲେ । କହି ଉଠିଲେ, ହଇହୋ ! ତୁମ୍ଭେ ସବୁ ଜବାନ୍ ଜବାନ୍‌ଙ୍କୁ ସ୍ୱାଦ୍ କରୁନାହଁ କି ବିଶ୍ରାମ କରୁ ନାହିଁ। ଖାଲି ଖାଣ୍ଟି ଲଫଙ୍ଗା କଥା । ଶିକ୍ଷା ନିୟମ କହେ ଶିକ୍ଷାର ପ୍ରସ୍ତୁତି ଓ ଆବୃତ୍ତି ନିମନ୍ତେ ବୋଧ ହୁଏ "ସଶ୍ରମ ପରେ ବିଶ୍ରାମ"ର ପାଠ୍ୟ ଖସଡ଼ା ଅନୁମୋଦିତ ପ୍ରଣାଳୀ । ଉପର ମହଲକୁ ଲେଖି ସେ ଗୁଡ଼ିକ ଖାରଜ କର । ବେକାରିଆ ଯୁଗରେ ପାଠ୍ୟ ଖସଡ଼ା ପ୍ରସ୍ତୁତିର "ସଶ୍ରମ ପରେ ବିଶ୍ରାମ" ଆଶ୍ୱସ୍ତିର ଏହା କରଣୀୟ ନା ଚରମ କାମ୍ୟ ।

(ଆମ କାହାଣୀର ଦ୍ୱିତୀୟ ସଙ୍କଳନରେ ପ୍ରକାଶିତ)

—:**:—

କଜଳପାଟିଆ ଭଲ ଲୋକ

ଜାରଣ ! — ମାରଣ !! — ତାରଣ ! ! !

ବୈଦ୍ୟ ବୈତାଳ କୁକୁରାଃ ଙ୍କ ଶାସ୍ତ୍ରଗତ ଶବ୍ଦ । ବୈଦ୍ୟମାନେ ରୋଗୀଙ୍କୁ ପରାମର୍ଶ ଦେଇ କହନ୍ତି ଔଷଧକୁ ଜାରଣ କରି ବ୍ୟବହାର କରିବା ନିମନ୍ତେ ।

ମାରଣ ଶବ୍ଦଟି ଅତି ଜଣାଶୁଣା ଓ ଅତି ଆଦରଣୀୟ ଏହା ନିସନ୍ଦେହରେ କୁହାଯାଇପାରେ । କାରଣ ଧନୀ ଦରିଦ୍ର, ମୂର୍ଖପଣ୍ଡିତ, ମହାଜ୍ଞାନୀ, ଯେ କୌଣସି ବ୍ୟକ୍ତି ହୁଅନ୍ତୁନା କାହିଁକି—ମରଣ ଅବଶ୍ୟମ୍ଭାବୀ । ମନୁଷ୍ୟର ଦୁର୍ଜ୍ଜୟ ଶତ୍ରୁ ହୋଇ ମଧ୍ୟ ସର୍ବଦୁଃଖ ଶୋକ ସମାପକ ରୂପେ ମୃତ୍ୟୁ ଦୁର୍ଜ୍ଜୟ । ଏହାର ପଦ ତଳେ ମହା ପରାକ୍ରମୀ ନେପୋଲିଅନ୍, ଆଲେକ୍ ଜାଣ୍ଡର୍ ଏବଂ ପୃଥିବୀର ଏକଚ୍ଛତ୍ର ବାଦୀ ହିଟ୍ ଲେର୍ ମଧ୍ୟ ମଥା ନତ କରିବାକୁ ବାଧ୍ୟ ହେଲେ । କେବଳ ଯୋଗିକ ନୁହେଁ, ଜଗତ୍ ଗୁରୁ ଜୈନ, ବୁଦ୍ଧ ଓ ଶଙ୍କର ମଧ୍ୟ ନିରାକାରଙ୍କହୋଇ ତାହାର କୋଳରେ ଆଶ୍ରୟ ନେଲେ । ଯୁଗସ୍ରଷ୍ଟା କାଳୀ ନାଟ୍ୟକାର, ଲେଖକ, ଭାବୁକ, ସମ୍ପାଦକ, ଜ୍ଞାନୀ ଏବଂ ବିଜ୍ଞାନୀ ସମସ୍ତଙ୍କୁ ତାହାର କୋଳରେ ଆଶ୍ରୟ ନେବା ଶକ୍ତି ନିହିତ । ତେଣୁ ଜନ୍ମକୁ ନୁହେଁ ମରଣକୁ ଠକି ଦେବା ପିଲା କଥାନୁହଁ । ତେଣୁ ଜନ୍ମ ପରେ ମରଣ, ଏହି ଦୁଇଟି ମଧ୍ୟରେ ଜୀବନ କେବଳ ଦ୍ୱୀପମାତ୍ର ।

ତୃତୀୟତଃ—ତାରଣ ଶକ୍ତି ନିହିତଥାଏ ଦେବଦେବୀଙ୍କ ଆଶୀଷ ଓ ଅଭିଶାପ ଉପରେ । କିନ୍ତୁ ବର୍ତ୍ତମାନ୍ ରାଜନୈତିକ, ଧାର୍ମିକ, ଧନୀ, ଗୁଣୀ, ବିଜ୍ଞାନୀ ଓ ଅଜ୍ଞାନୀ ସମସ୍ତଙ୍କ ନିକଟରେ ସେହିଗୁଡ଼ିକ ଅନ୍ତଃସଲିଳା ରୂପେ ବିଦ୍ୟମାନ । ଏହାର ମାତ୍ରା ଅତ୍ୟଧିକ ପରିମାଣରେ ନିହିତ ଥାଏ ।

ତେଣୁ ମନୁଷ୍ୟ ହାତରେ ଜାରଣ, ମାରଣ ଶକ୍ତିଟା ଦିନ କେତେ ହେଲ୍ ଶକ୍ତ ହୋଇ ଉଠିଛି । କିନ୍ତୁ ତାରଣ ନୁହେଁ । ଏହାରି କାରଣ ହେଉଛି—ସମାଜ ଓ ବ୍ୟକ୍ତି ଧ୍ୱଂସାଭିମୁଖୀ, ଏହା ସୁନିଶ୍ଚିତ ।

ଶିକ୍ଷା ହେଉଛି ସମାଜର ଏକ ପ୍ରଧାନ କର୍ଯ୍ୟ କାରଣ । ବିନା ଶିକ୍ଷାରେ ମନୁଷ୍ୟ ମନୁଷ୍ୟତାର ସ୍ୱତ୍ତ୍ୱ ବୁଝି ପାରେନା । ତେଣୁ ତାହାର ଗୁଣାତ୍ମକ ବର୍ଣ୍ଣନା କରି ମନୀଷୀଗଣ ବହୁଶାସ୍ତ୍ର, ପୁରାଣ, ବେଦ ବେଦାନ୍ତ, ଉପନ୍ୟାସ, ନାଟକ ତଥା ଦୃଶ୍ୟ ଓ ଶ୍ରୁତକାବ୍ୟ କବିତାର ରଚନା ସମ୍ଭବ ପର ହୋଇଛି । ଶିକ୍ଷାଦ୍ୱାରା ଅସରଳ, ଅସଂଯତ, ଅକ୍ଷମ ଓ ଅଧମ ମାନବ ଶ୍ରେଣୀ ସରଳ, ସଂଯମ, କ୍ଷମ ଓ ଧର୍ମହୋଇ ଦେଶ ଦଶର ସାମୁହିକ ଉନ୍ନତି ଆନୟନରେ ବ୍ରତୀ ଥିଲେ । ତେଣୁ ଶିକ୍ଷାକୁ ପ୍ରଥମ ସ୍ଥାନ ଦେଇ ପିତୃମାତୃଦତ୍ତ ବାତ୍ସଲ୍ୟ ମମତା ପରେ ଗୁରୁଶିଷ୍ୟର ସମ୍ପର୍କ ସ୍ଥାପିତ ହୋଇ ମହାଶିକ୍ଷା ବା ମହାଦୀକ୍ଷାର ସୂତ୍ରପାତ ହୁଏ । ବିନୟ, ସତ୍ୟ ତତ୍ତ୍ୱ, ଧର୍ମ, ନ୍ୟାୟ ଓ ସ୍ନେହରେ ଜୀବନ ଆନତ ହୋଇ "ନମ୍ରନ୍ତ ଗୁଣିନୋ ଜନାଃ" ରୂପେ ସର୍ବାଦରଣୀୟ ହୋଇ ସଂଯମୀ ଜୀବନରେ କାଳ ହରଣ କରିଥିବା ହୃଦବୋଧ ହୁଏ । ଶିକ୍ଷାବିନା ମନୁଷ୍ୟ ଦ୍ୱିପଦ । ସମସ୍ତ ଅମାନୁଷିକ ବ୍ୟବହାର, ଅତ୍ୟାଚାର ଆଦିର ରୂପେ ଉପେକ୍ଷିତ, ଘୃଣିତ, ଉଦ୍ଧତ ହୋଇ ଜୀବନାବସାନ ଘଟାଏ । ଶାସ୍ତ୍ରକହେ, 'ଜ୍ଞାନେନ ହୀନା ପଶୁଭିଃ ସମାନ' ର ଯୁକ୍ତି ସାର୍ଥକତା ଏହିଠାରେ ମର୍ମେ ମର୍ମେ ହୃଦବୋଧ କରି ହୁଏ ।

ଶିକ୍ଷିତ ଯୁବକ ମନରେ ପରସ୍ପରକାଶ୍ୟ ସ୍ୱର୍ଗୀୟ ରୂପକ ମନ୍ତ୍ର ଗୁଣ ସନ୍ଧି ବେଳରେ ମହତ୍ତର ହୋଇଉଠେ । ତେଣୁ ପିତା ମାତାଗଣ ଉଚ୍ଚ ଧ୍ୟାନ କ୍ଷମ—ଫୁଲ ଲାଗି ପଛ ନିସ୍ତରିବା ପରି ବୋଧ ହୁଏ ।

ଖଲି ଗଣିତ ଜ୍ଞାତରେ ବର୍ବର । ହେଲେ ହେଁ ଶିକ୍ଷା କ୍ଷେତ୍ରରେ ଯଥେଷ୍ଟ କୃତି ଅର୍ଜ୍ଜନ କରିଥିଲେ । ମୁହେଁ ମୁହେଁ ବୋଧ—ବେଢର ମିଶ୍ରଣରେ ଜନୈକ ଉଚ୍ଚଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ତାଙ୍କର ସପ୍ତପୁରୁଷ ଘଞ୍ଚ ଅରଣ୍ୟ ପାରଣାରେ ପାରଙ୍ଗମ୍, ଅଥଚ ଇଂରାଜୀ ସାହାବଙ୍କ ସାହାଚର୍ଯ୍ୟରେ ଇଂରାଜୀ ପାଠ ପଢ଼ାରେ ଯତ୍ନ ନେଇ କମ୍‌ସେ କମ୍ ଉଚ୍ଚ ଇଂରାଜୀ ବିଦ୍ୟାଳୟର ଜଣେ ପ୍ରଧାନ ଶିକ୍ଷକ । ଏହାବି ସମ୍ଭବ ।

ଗୋବରରୁ ଛତୁ········ପଙ୍କରୁ ପଦ୍ମ । ଦୁଇଟା କଥାରୁ ଯେଉଁଟି ହେଲେ ମତ ।

ଉଚ୍ଚ ଶିକ୍ଷିତ ଲୋକଙ୍କ ମଧ୍ୟରେ ଯେ କମ୍ ଯେ କମ୍ ଶିକ୍ଷକ, ତାଙ୍କ ସହିତ ଅନ୍ୟ ସହକାରୀଙ୍କ ସହଯୋଗ ଅନବଦ୍ୟ,—ଥାଏ ଠିକଏ, ଅସି ତାଗିବ । ପୈତୃକ ସମ୍ପତ୍ତିରେ ଖୋଦ୍ ମାଲିକାନା ବୁଝାରତ ପାଇଁ ସାମ୍ନାଙ୍କ ଶନିବାର ଓ ରବିବାର ଛୁଟିର ସଦ୍ ବ୍ୟବହାର ।

ପୋଟଳା ହୋଇ ପଙ୍କ·····ତାଆଁ ହୋଇ ନିଧି କର ଅଭାବ ନଥାଏ ନେବୋକାଠ୍ ଘୁଷୁରି କେତୋଟି ଭେଣ୍ଡିଆ, କୁରୁବେଣ୍ଡିଆ, ଗଞ୍ଜାନିଆ, ରକତପିଆ ଖୋଦ୍ ଇଂରାଜୀ ପଢ଼ା ମାଷ୍ଟର—ସହକାରୀ । ତତ୍ ସହିତ ଅନନ୍ତ ସେବା, କଳାକଳୁଷ ବାହନ, ଅର୍ଦ୍ଧଭିକ୍ଷାରୀ, ଅନ୍ୟାୟ ଶାସ୍ତ୍ରଦର୍ଶୀ, ଗଣ୍ଡିବନ୍ଧନ ମାର୍ଜନାକାରୀ, ଷ୍ଟୀଲ ଫେରର, ସମସ୍ତ ହାସ୍ୟ ପରିହାସ୍ୟ ସମ୍ପନ୍ନ—କନ୍ଧୁକ କୁଷ୍ଠି ଭ୍ରମକାର—ଜଟାଜୁଟ ସ୍ନାନ ଖୋଦ ପିଗ୍‌ଟେଇଲ୍ ଧାରୀ ମୂର୍ଖପଣ୍ଡିତଙ୍କ ସାହାଚର୍ଯ୍ୟରେ ଚଳେ ସଂସ୍କୃତ —ଏଇତ ଶିକ୍ଷା ।

ଦିନେ ଦିନେ ଇଣ୍ଟେରର ଭେଲ୍‌ରେ କଥା ଧର୍ମଘରେ ଆବୃତ୍ତି ହୁଏ ମନ୍ତ୍ରୀ ଓ ମହାମନ୍ତ୍ରୀ ମାନଙ୍କ ଭାଷଣରେ ତାତ୍ପର୍ଯ୍ୟ "ଯେ ପଇସା ନୁହେଁ ତାଙ୍କ ପକ୍ଷରେ ମାଷ୍ଟରଗିରି ଶୋଭନୀୟ ନୁହେଁ । ଯେ କମ୍ପାନୀର କଳ ଗୁଳକ ଡ୍ରାଇଭର କମ୍ପା କମ୍ପାନୀ ଗୁକରାଆ ହେବା ନିହାତି ଦରକାର ।

"ନଚ୍ଛୁବା,—ଟ୍ୟୁସନ, ବାଟ୍‌ଗେଲସ କମ୍ପା କଳା ବଜାର ବେପାର ବୋଲ ଖୋଦ୍ ଅର୍ଥକାଶ ଟ୍ରିକସ—ନା,ନା, ତାହା ନୁହେଁ। ମନ୍ତ୍ରୀଏ କହନ୍ତି ଭୋଟ ଗ୍ରହଣ ପୂର୍ବରୁ ଦେଶର ଚୋରଜୁଆ, ବେକାର ସମସ୍ୟା, ଗୃହଜଳଘରକୁ ଝିକରଘର କରଦେବା, ପକ୍‌କା କାର୍ଯ୍ୟକୁ ଫସ୍‌କାଇବା—ସରଳ ସୁଜନ ବ୍ୟକ୍ତିଙ୍କୁ ଧୋକା ଦେବା ଫିସାଦ—ଇତ୍ୟାଦି ଇତ୍ୟାଦି।

ଏହେଲା ଗଣତନ୍ତ୍ର·····ପ୍ରଜାତନ୍ତ୍ର·····ଲୋକତନ୍ତ୍ର ସରକାର। ପ୍ରଜାପାଳନ• ନୁହେଁ—ପ୍ରଜାମାରଣ ମନ୍ତ୍ର ହେଲା ମୁଖ୍ୟ। ଜଣେ ରାଜନୈତିକର ଧନ ଜୀବନ—ଯେ ଯେତେ ଭୁଲାଏ—ଯୁଗଥିଲା କଥାରେ—ଯୁଗ ଆସିଛି ଅର୍ଥରେ। ଧନ୍ୟଙ୍କଶ୍ୱର! "ଅର୍ଥଂ କିଂ ନ କରିଷ୍ୟସି"।

ତଲବାର କାଟିଙ୍ଗ୍ ନଣଡଳୁ ଶୁଷ୍କ ଫଟା ଓଠରୁ ଶୁଖିଲା ନିଷ୍ପ୍ରୟୋଜନ ହସଟିଏ ହସି ବୃଦ୍ଧ ଶିକ୍ଷକ ବ୍ୟଗ୍ରହୋଇ କହିଲେ, ···ନୁହେଁ କଣ, ତୁଳସିଦାସ କହିଛନ୍ତି···

"ସବସେ ରସିୟେ ସଂସେ ବସିୟେ ସବ୍‌କା ଲିଜିୟେ ନାମ୍
ହାଁଜି ହାଁଜି କରତେ ରହିଏ ବୈଠେ ଆପନା ଠାମ୍"

ତାହାହେଲେ ଏଯୁଗରେ ରାଜା ହେବେ ମନ୍ତ୍ରୀ। ନହେଲେ ବୁଝିନ୍ତୁନା, ହ'ସୀନା ମାନ୍ ଯାୟେଗୀ·····"ଅନ୍ଧେର ନଗର୍‌କ ଚୌପଟ ରାଜା,• ଟଙ୍କେ ସେର୍ ଭାଜ ଟଙ୍କେ ସେର୍ ଖାଜା" ସୁନିଶ୍ଚିତ।

କମ୍ପ ଶରୀରରେ ନମ୍ର ସ୍ୱରରେ ପ୍ରଧାନ ଶିକ୍ଷକ କହିଲେ, ଆମେ ହେଲୁ ଗୁରୁଣାଂ ଗୁରୁଃ—ଅର୍ଥାତ ମେଇନ୍ ଷ୍ଟିଙ୍ଗ୍—ସେଣ୍ଟ୍ରାଲ୍ ଆର୍ଚ ଷ୍ଟୋନ୍। ଅନୁଷ୍ଠାନର ଭାରସାମ୍ୟ କେନ୍ଦ୍ର। କରଣୀରେ ଦେଶ ଦଶର ମେରୁଦଣ୍ଡ ସୁଦୃଢ଼ କରିବା ଶକ୍ତି ହେଉଛି ଏକମାତ୍ର ଶିକ୍ଷକ

ସମାଜର । ତାଙ୍କର ଅବହେଳାରେ ଦେଶ ଦଶର ଅଧୋଗମନ ସୁନିଶ୍ଚିତ । ତାଙ୍କର ଗୁରୁ କହୁଥିଲେ "ଶିକ୍ଷା ଓ ଦୀକ୍ଷା ଗୁରୁଙ୍କୁ ସମ୍ମାନିତ କରେ, କର୍ମ ତ୍ରିବେଣୀର ପ୍ରେରଣାରେ ଉନ୍ନତି ବିଧାନ । "କଳି ଯୁଗ ଓଲଟା, ସବୁ ଓଲଟା—ରକ୍ଷକ ସବୁ ଭକ୍ଷକ—ଧର୍ମୀକ ସବୁ ହନ୍ତକ···ଶାସକ ସବୁ ଶୋଷକ···ଶିକ୍ଷକ ସବୁ କୁକ୍ଷକ···ନେତା ସବୁ ନେତାର ନେତ୍ତ ନେତ୍ତ ବୋଲାଇବାରେ ବ୍ୟସ୍ତ । ଧନ୍ୟ ଈଶ୍ୱର ! ଦୁନିଆର ଗତି କୁଆଡ଼େ···ଊର୍ଦ୍ଧ୍ୱକୁ···ନିମ୍ନକୁ ।

ଗଣିତ ଶିକ୍ଷକ ଧ୍ୟାନ ଭଗ୍ନ ହୋଇ ଆସିଲା. କୁର୍ଚ୍ଚିକୁ ଅଳ୍ପ ଆଗକୁ ବଢ଼ାଇଦେଇ ଅପ୍ରସ୍ତୁତ ଭାବେ ବସିଗଲେ । ଆଜ୍ଞା, ସେ ରମେଶର ସ୍କଲର ସିପ୍ ପାଇଲା ନାହିଁ । ଧେତ୍ ପିଲା ଗୁଡ଼ାକୁ ପେଟେ ତାରଫ୍ କରେକର···ନାକେଦମ୍ । ହେଲେ ବି ବଡ଼ ଅମନଯୋଗୀ । ଶ୍ରେଣୀ ମଧ୍ୟରେ ପଟାସ୍···ସିନେମା ସଙ୍ଗୀତ···ଗ୍ରାଟଗୋଲିଂରେ ସ୍ୱର ଉଚ୍ଚ ଗମ୍ଭୀର ମଧୁର ମନ୍ଦ୍ର ନାଦରେ···"ହମ୍ ହୈ ରାଜକୁମାର" ···ନା, ନା, ସବୁ ଅଳସୁଆ, କର୍ମକୁଣ୍ଠୀ କେବଳ ଗୌରବରେ ଜମା । ହଜାରିଆ, ବଜାରିଆ, ଦରବାରିଆ ସମସ୍ତେ । ବୃତ୍ତର ସଜ୍ଞା, ସରଳ ଓ ବକ୍ର ରେଖାର ଧାରଣା ଧ୍ୟାନର ଖୋଦ୍ ବାହାରେ ।

ଜୁନିଅର୍ ପଣ୍ଡିତେ କହିଲେ, "ଆଜ୍ଞା ! ପିଲାଗୁଡ଼ାକ ଆଜକାଲି ଖୁବ୍ ଗୁଲଖ । ଜ୍ଞାନର ସଦ୍ ବ୍ୟବହାରରେ ଅମନୋଯୋଗୀ···ନା ରଚନା, ନା ପ୍ରବନ୍ଧ, ନା ପଦ କରୁଛଟାରେ ହେଲେ ଯୋଗ୍ୟତା ନାହିଁ···ମନ ମାଫିକେ ଶ୍ରେଣୀ ବର୍ଜନ···କଥା କଥାକେ ଅବମାନନା, ଶ୍ରେଣୀ କକ୍ଷକୁ "**Coming like Lords and going like cowards.**"

ସିନିଅର୍ ପଣ୍ଡିତେ ପିନ୍ଧା ଚଷମାଯୋଡ଼ାକୁ ଅଳ୍ପ ସମୟପରେ ଫସ୍କାଇ କାନ୍ଧ ଉପରେ ନଚାଇଥାଇ ପିଢା ଚ' କପ୍ ରୁ ଢୋକେ

ନାସାଗ୍ର କୁଞ୍ଚିତ ଲକ୍ଷ୍ୟରେ କହିଲେ—ପଚିଶ ପଚିଶ ସଂଖ୍ୟା, ପ୍ରତିଶ୍ରେଣୀରେ ସଂଖ୍ୟା ଗଣିକୁ ଗୁରୁଙ୍କ ପ୍ରବନ୍ଧ ନିବନ୍ଧ କରିବା ସୁଯୋଗ ଆମ୍ଭର କାହିଁ ? ଆଜ୍ଞା ! ଲିଙ୍ଗ ମୁଖସ୍ଥ, ଧାତୁ କଣ୍ଠସ୍ଥ, ଅବ୍ୟୟକୁ ଉଦରସ୍ଥ କରିଲେ ହେଲେହେଁ ପିଲାଙ୍କ ମନ ମାନୁନାହିଁ । ତାଙ୍କର ମନ ମାପିକେ ହଲାଇ, ଗେଲାଇ, ବୁଝାଇ ଶୁଝାଇ ମଧ୍ୟ ନରସ୍ତ । ଆମ୍ଭର ଶକ୍ତି ମାପିକେ ନିର୍ବାହ କରୁଛୁ···ବୃକ୍କରିଆ ମୁଣ୍ଡିତ ।

ପ୍ରଧାନ ଶିକ୍ଷକ ମହୋଦୟ ଗମ୍ଭୀର ହୋଇ କହିଲେ, 'ଆପଣ-ମାନେ ଏକା ଧାରରେ ଜଡ଼ ନିର୍ଜୀବ ଜଗତରେ । ଶୁଣ, ମୁଁ ହେଲି ମୁଖ୍ୟ ବ୍ୟବସାୟୀ, ତୁମ୍ଭେମାନେ ଖୁଚୁରା ବ୍ୟବସାୟୀ,···ବିପଣୀ ହେଲା ପଠିତ ଗଣିତ, ଭୂଗୋଳ, ଓଡ଼ିଆ, ଇଂରେଜ ଏବଂ ଇତିହାସ । ଯେଉଁ ଛାତ୍ର ବିଦ୍ୟାଳୟ ହାଟରେ ଯେତେ ଟଙ୍କା ନେଇ ଉପସ୍ଥିତ ହେଲା, ସେ ପକେଟର ଅର୍ଥ ଧରି ଆସିଲା ସେ ସେତେ ଅଧିକ କିଣି ନେଲା । କିନ୍ତୁ ଦୁର୍ଭାଗ୍ୟକୁ "ଅର୍ଥହୀନ ସ୍ୟ ବଳଂକୁତଃ" । ଯାହାର ପଇସା ନାହିଁ ସେ ଦୁଃଖରେ ଘରକୁ ଫେରେ ରିକ୍ତ ହସ୍ତରେ । ତେଣୁ ତାହାଙ୍କ ଗୁରୁଙ୍କ ବାସ୍ତବ ଉକ୍ତି ଉଦ୍ଧୃତ କରି କହନ୍ତି,

"The headmaster is the wholesale dealer, the teachers are the retail sellers. The students who pay more they learn more and better than the non-payings. Therefore, education is nothing but purely an ultra-modern commercial business" ତେଣୁ ଲାଭାଲାଭ ପ୍ରତି ଦୃଷ୍ଟି ରଖି ପଣ୍ଡିତ ମହାଶୟ ବ୍ୟବସାୟରେ ଉନ୍ନତି ଆଣିଛନ୍ତି । ତାଙ୍କୁ ଦ୍ରୁତନ୍ତ ଭାବେ ସମ୍ମାନରୁ ଉନ୍ନତି ଦେବାକଥା । କଳକପାଟ ଗାଣ୍ଠି ପେଟରୁ ଜନ୍ମ ହୋଇଥିବା କଥାପରି···ଉଚ୍ଚ ଡିଗ୍ରୀ ଧାରୀ ଜଣେ ସାହେବ ଡାକ୍ତର

ସହକାରୀ ଶିକ୍ଷକଙ୍କ ମନ ମାରିଗଲା । ସମର୍ଥନ ଭଙ୍ଗୀରେ ସର୍କି ଉଠିଲେ —ବାସ୍ତବିକ୍ ଏହା ଭେଦ ନୁହେଁ, ଭେଦି ପାରି । ଏପରିସ୍ଥଳରେ ପଞ୍ଚମ ଛନ୍ଦରେ ପଠିତ ଖାଣ୍ଟି ସାମାଜିକ ପାଠ—ନଡ଼ୁଥିବା ଗ୍ରନ୍ଥକୁ ପଢ଼ା ଯାଉଥିବା ଖସଡ଼ାରେ ପ୍ରସ୍ତୁତ ନଗର ବିଜ୍ଞାନର—ଶିକ୍ଷକ ଓ ଅଭିଭାବକ ସମ୍ବନ୍ଧର ଅଙ୍କଛବି ।

ଘନଆ ନାଇକ ହଠାତ୍ ଠିଆ ହୋଇଗଲା, କହିଲା, "ହେଁ ଆଜ୍ଞା ! ଆମଗାଁରେ ଜଣେ କଜଳପାତିଆ ଭଲଲୋକ ସବୁ କଥାକୁ ଚମ୍ପକେ ଚମ୍ପକେ କହି ବ୍ୟବସାୟଗତ ଫାଇଦା ଉଠାଇ ପଣ୍ଡ ଖୋଦ୍ —ଜମିଦାର । ଆପଣମାନେ କେ, ମେଁ ପଢ଼ି କଣ୍ଢେଇ କରି ପକାଇବେ—ଖାଣ୍ଟି ପଞ୍ଚମ ପାଣ୍ଠିରେ ଅଢ଼େଇ ଲକ୍ଷର ମାଲିକାନା । ତାଙ୍କର ପର କେତେକଙ୍କର ପୁଅମାନେ ଟଙ୍କା ତଉଲି କମ୍ପା ଟ୍ରଙ୍କଟିରେ ଆପଣଙ୍କୁ ହାତ କଣ୍ଢେଇ କରି ଖେଳନ୍ତନ୍ତି । ସେମାନଙ୍କ ପୁଅମାନେ ମାଷ୍ଟରଙ୍କ କଲମ ମୁନରେ ରପମିକ୍ସ କରନ୍ତି । ସେମାନେ ହୁଅନ୍ତି ଶ୍ରେଣୀରେ ଫାଷ୍ଟ, ସେକେଣ୍ଡ ଥାର୍ଡ଼ । ପ୍ରଧାନ ଶିକ୍ଷକ କହିବା ବେକସୁରୁ ନୁହେଁ, ତାହା ବାସ୍ତବିକ୍ ଖାଣ୍ଟି ମିଠା ଆଉ ଟକ୍ ଟକ୍ ।"

ଏକା ବେଳକେ ହାରମୋନିଏମ୍‌ର ରିଡ୍‌ସ୍ ଉପରେ ନାଡ଼ବାଜି ସ୍ୱର ଉଠିବା ପରି କେତେ ମିଠା, ଖଟା, ପିତା ମିଶ୍ରିତ ସ୍ୱର ବେଳ ପରେ, ସମସ୍ତ ଶିକ୍ଷକଙ୍କ ମୁଖରୁ ହାସ୍ୟରୋଳ ଗୁଞ୍ଜରି ଉଠିଲା । କମନ୍ ରୁମ୍‌ର ସ୍ତବ୍ଧତା ପରେ ପ୍ରକମ୍ପିତ ଚିତ୍କାର, ଚିତ୍କାରରେ ପଡ଼ୋଶୀ ଶ୍ରେଣୀର ଛାତ୍ରମାନେ ଦ୍ୱାର ଓ ଝରକା ନିକଟରେ ଭିଣ୍ଡିଭୂତ ।

ଇତ୍ୟବସରରେ ସିନିଅର୍ ପଣ୍ଡିତ ମହାଶୟ ଚାହାଣ ନ୍ୟ ଗ୍ଲାସ୍‌ଟିକୁ ଡାହାଣ ହସ୍ତରେ ଧରି ରକ୍ତ ବଦନରେ କହିବା ଶୁଣାଗଲା, "କହୁ ନାହିଁରେ ପିଲେ ! —କଜଳ ପାତିଆ ଭଲ ଲୋକ ।"

(ଆମକାହାଣୀରେ ପ୍ରକାଶିତ)

—✱✱✱—

ଆତ୍ମିକ ନା ଯାନ୍ତ୍ରିକ

ଭୂପେନ୍ କମ୍‌ସେ କମ୍ ମଧ୍ୟମ ପରିବାରରୁ ଉଦ୍‌ଭୂତ । ସେ ଏକ ମନୋଜ୍ଞ ଛାତ୍ର । ଚରିତ୍ର ସମ୍ପନ୍ନ, ଉନ୍ନତ ଭାବ ଗମ୍ଭୀର ଛାତ୍ର । ସୁଦୂର ପଲ୍ଲୀରୁ ଆନୀତ ସରଳଭାବ ରାଶି ମଧ୍ୟରେ ସର୍ବାଧୁନିକ ବେଶଭୂଷା ସମ୍ପନ୍ନ ଶିକ୍ଷିତ ତଥା କର୍ମକ୍ଲାନ୍ତ ନାଗରିକଙ୍କ ସୁଯୋଗ୍ୟ ଟେରେଲିନ୍, ନାଇଲନ୍ କମ୍ବା ଟେଟ୍‌କଟ୍ ପ୍ରତିଯୋଗିତାରେ ପଛୁଆ । ଆଜ୍ଞାବହ, ବଦାନ୍ୟ, ତିତିକ୍ଷା ସମ୍ପନ୍ନ ଉଚ୍ଚ କୋଟିର ବାଳକ । ସଭା, ସମିତି ଓ ପ୍ରତିଯୋଗିତାରେ ଆଗୁଆର । ତାହାପ୍ରତି ଦୁଇ ତିନିଜଣ ଶିକ୍ଷକଙ୍କ ସୁଦୃଷ୍ଟି ଥିଲେ ହେଁ ତାହାର ଅଧୋଗମନ ଓ ଅବନତ ଆନୟନରେ ତତ୍‌ପର ଲୋକଙ୍କର ଅଭାବ ନଥାଏ ।

ଶ୍ରେଣୀଗତ ଶୃଙ୍ଖଳାରେ, ସତର୍କତାରେ ଭୂପେନ କମ୍‌ଜୋର୍ ନୁହେ । ସତ୍ୟବାଦୀ—କର୍ମଠ । ସୂର୍ଯ୍ୟ ପୂର୍ବରେ ଉଦୟ, ପଦ୍ମ ଭୂଲ ବଶତଃ ପଶ୍ଚିମକୁ ଗଡ଼ିଯାଇପାରେ—ନିୟମାନୁବର୍ତ୍ତିତାରେ ନଡ଼ୁଚଡ଼ୁ ବନ୍ଧା ।

କୁଷି ଶିକ୍ଷକଙ୍କ ଦୃଷ୍ଟି ତାଠୁ କମ୍ ନୁହେଁ । ଅନୁଷ୍ଠାନ ମଧ୍ୟରେ ସେପରି ଅପଦ୍ ମନୋଭାବାପନ୍ନ ବ୍ୟକ୍ତି ଉଚ୍ଚା ଅଛନ୍ତି ସଚେଷ୍ଟ ଥାଇ ବ୍ୟକ୍ତିଗତ ଫାଇଦା ଉଠାଇବାକୁ ପାଣିକୁଆ ପରି ଆଖିମିଟିକାମାରି ନଶ୍ଚେଷ୍ଟ ଥାନ୍ତି । ସମସ୍ତ ସୁନ୍ଦର ଉକ୍ତି ଏପରି ପୁକାଏ ଭଆଇ ଦେଖନ୍ତି ସେ କର୍ମଠ, ଧର୍ମିଷ୍ଠ ସବୁ ଶିକ୍ଷକ ବୁଡ଼ବକ୍ ବନିଯାନ୍ତି । ସେମାନଙ୍କର ଶିକ୍ଷାପ୍ରଶିକ୍ଷଣ ବ୍ୟବସାୟରେ ନୁହେଁ, କେବଳ ପୈତୃକ କାଗଜପତ୍ର, ଫିସାଦ ଓ ବିଦ୍ୱେଷ ଭାବ ସମ୍ପନ୍ନ ପରଶ୍ରୀକାତର ସ୍ୱଭାବ ମନରୁ ମାନ ।

ଶିକ୍ଷା ସେମାନଙ୍କର ବ୍ୟବସାୟ ଗତ ଫାଇଦା ଦୃଷ୍ଟିରୁ ଏକ ବୃତ୍ତି । ପାଠପଢ଼ାରେ ସଦ୍ଧାନୁଭୂତି ନଥିଲେ ହେଁ, କୁଚକ୍ରରେ ଦଶ ପଚିଶ ଟୋକାଙ୍କୁ କୁମାର୍ଗରେ ନେଇ ଅସାଧୁ ଉପାୟରେ ଲକ୍ଷସ୍ଥଳରେ

ପଦ୍ଧାଣାରେ ଦେଖିଲେ ଖେଳ୍ । ବନ୍ଧୁ ସଙ୍ଗମାନେ ପାଶ୍ କରାଇଦେବା, ହାତରେ ନହେଲେ ବି ଦୁଇ ତିନି ସମଧର୍ମୀ କୃଷି ଶିକ୍ଷକଙ୍କ କାରସାଦରେ ଜୋର୍ ଜବରଦସ୍ତ ମାଲ୍ ପ୍ରାକ୍ଟିସ୍ ରେ, କିମ୍ବା ଇଣ୍ଟର ଭର୍ତ୍ତିଙ୍କ ପ୍ରମୋସନ ବୋର୍ଡରୁ ସୁଙ୍ଘାବାଘା ଅଂଚଲଙ୍କ ଗୁପ୍ତ ଫିସାଦରେ —"ଖାଲି ପାସ୍ ନୁହେ, ନମ୍ବର ଓ୍ୱାନ୍ ପାସ୍" ।

ପ୍ରଧାନ ଶିକ୍ଷକ ହେଲେ, "A playing doll in hand" ସରଳ, ଅମାୟିକ, ନିରହଂକାରୀ, ସମ୍ଭ୍ରମ, ଓ ବର୍ଣ୍ଣ ଗୁଣର ସଜ୍ଜନ । ହେଲେ ବି ପାଠପଢ଼ାରେ ଯେତେ କୃତିତ୍ୱ, ପରିଚାଳନା କ୍ଷମତା କମ୍ । ତେଣୁ ବାଜାରୁଆ ସେକେଣ୍ଡ ପିଅନ୍ ଠାରୁ, ପୁରୁଣା ଛାତ୍ରମାନଙ୍କ ମଧ୍ୟ କଥା ଘା' ଉପରେ ଚେଏ କରନ୍ତି ନାହିଁ । କ୍ଳବଦ୍ଧଦୃଷ୍ଟିରୁ, ଅର୍ଦ୍ଧକାରୀ ଗୋଷ୍ଠୀଙ୍କ ପରିବେଷ୍ଟନୀ ମଧ୍ୟରେ ନିଜସ୍ୱ ନେଇ ବସନ୍ତି । ବଡ଼ ସିଧାସିଧା ଲୋକ, ହେଲେ ବି ଆଧୁନିକ ବିଜ୍ଞାନ ଶିକ୍ଷକଙ୍କ କାରସାଦରେ ହୃଦୟ ଶିଥିଳ ହୋଇ ଜାଡ଼ି ଜାଡ଼ି ହୋଇ—ଅବାକ୍ । କାର୍ଯ୍ୟରେ ସ୍ଥାଣୁ, ପରୀକ୍ଷା ନିରୀକ୍ଷାରେ ଅଥର୍ବ ଏବଂ କାର୍ଯ୍ୟ ନିର୍ବାହିକା ଶକ୍ତିରେ ଅଚଳ । କଥାଟିଏ କହିଲେ ନମ୍ବର ଓ୍ୱାନ୍, କାଉଣ୍ଟରପାର୍ଟ ମାନବ ।

ଗୁଡ଼ାଏ ବର୍ଷର ଅନୁଭୂତିକୁ ଖୋଳକରୁ ବାନ୍ଧି ତାଙ୍କର କୋଟ ପକେଟରେ ଝୁଲୁଥିବା ଅନୁମାନ ହୁଏ । ମଲ୍ ମାଷ୍ଟ୍ରୁଙ୍କୁ 'ନ' ନ କହି, ସଜ ସୁତରରେ ଜାମ୍ ହାସଲ୍ ପାଇଁ ବିଜ୍ଞାନ ଶିକ୍ଷକ ତତ୍କ୍ଷଣାତରେ ସ୍ପ୍ରିଙ୍ଗଓଟାଇପ୍—ଧ୍ୱନି ମନ୍ତ୍ରଣାକୁ ଜପାମାଳି କରି ପକାଉଛନ୍ତି । ବସୁଧ ଗୁଣେ ହନୁ ସତ କହେ । କେବେ ଗୀନା ପରୁ ପକ୍ଷୀଙ୍କୁ ସବ କଗଡ଼ାଉଥିଲ, ଏବେ ପର ଜାଣୁ ସରକାର କୁରୁରେଣ୍ଟିଆ, ଭେଣ୍ଟିଆ, ଅମଣୁଆ ଏବଂ ଅବାଟ ଅଙ୍କୁ ଯେତେ ନୁହେ ଖୋଦ୍ ଅଧ୍ୟାପନା ଅଧାବଇସିଆଙ୍କୁ ନାଳ ଙ୍ଗି କୋଣ କାଣ୍ଡ ବେଣ୍ଡ ଟେବଲ୍ ଇତ୍ୟାଦି ସଙ୍ଗେ ଧରଣି ବା ସବ କରିବାକୁ ନିର୍ଦ୍ଦେଶ ।

ସେହେତୁ ଗେରୁମୁଣ୍ଡି ସାଆନ୍ତେ, ଅଧା କୁତ୍ସୁଟେଣ୍ଡି ଅ', ବିଜ୍ଞାନ ଶିକ୍ଷକଙ୍କ ଉପଦେଶରେ ପ୍ରଧାନ ଶିକ୍ଷକ ମଧ୍ୟ ଜାଣ୍ଡିଲକାଠି ହାଉଳ ହେଉଛନ୍ତି । ଏକ ପ୍ରକାର ସମଧର୍ମୀ ଶିକ୍ଷକଙ୍କ ନେଇ ସେ ଗଢ଼ିଛନ୍ତି; "ଅନାସକ୍ତ ପ୍ରେମ ସମବାୟ ଗୋଷ୍ଠୀ"·····ଆନନ୍ଦ ମହାମାର୍ଗର କୌପୁନୀ ଜଠା ବୈରାଗୀ ।

ବିଜ୍ଞାନ ସହକର୍ମୀଙ୍କ ଉପଦେଶରେ ତାଙ୍କ ଭିତର ଓ ବାହାର ଜଗତ ଶାନ୍ତ ଓ ବେଶ୍ କମ୍ପର୍ଟ । ହେଡ୍ ମେଫ୍ କଣାରେ ଖୋଦ୍ ଦୁଇ ପଇସା ସଙ୍ଗେ ପରୀକ୍ଷା ନିରୀକ୍ଷା ସମୟରେ ଅସାଧୁ ଉପାୟରେ ମଧ୍ୟ ବେଶ୍ ପକେଟ୍ ଗରମ ହୁଏ । ତାଙ୍କ ମୌଳା ମାମୁଁ ପ୍ରଧାନ ଶିକ୍ଷକ ଥିବା ବେଳେ ସେ ଯେପରି ନିୟମିତ ହୋଇ ନମ୍ବର—ଏକ, ଦୁଇ, ତିନ କରି ଘର କରାଯାଇଥିଲା ସେଥିରୁ ଦୁଇ ପଇସା ବଞ୍ଚିକରି ହେବା ସତ୍ତ୍ୱେ·····ପ୍ରଧାନ ଶିକ୍ଷକଗିରିରେ ସେ ଗୁଡ଼ିକୁ ଅଲଗା । ମଡ଼େଲ୍ଣ୍ଡି ଟାଇପ୍ କରିବାକୁ ହଜାର ହଜାର୍ ବ୍ୟସ୍ତ । ଦୈବଙ୍କୁ ଭଗବାନଙ୍କ ଆଶୀଷରୁ ପୁତ୍ରକନ୍ୟା ଅଧଡଜନରୁ ଅଧିକ । କହିବେ କଣ ? ପ୍ରଧାନ ଶିକ୍ଷକ ପଦରେ ଅଧିଷ୍ଠିତ ହେଲେ ହେଁ ଅର୍ଥାଭାବକୁ ଦାନ୍ତ ନିକୁଟା, ଲୋକ ଲୋଚନ ଅନ୍ତରାଳରେ ଟ୍ୟୁସନ୍ କମିସନ୍, ତତ୍ ସହିତ କମେଡ଼ ଗେରୁମୁଣ୍ଡି ଦାସଙ୍କ ମଧ୍ୟସ୍ଥରେ ଅଙ୍କାଗୁଞ୍ଜା··ମନ ମାଫିକେ ପାସ୍ ଓ ଫେଲ୍ ।

ସେ ଖୋଦ୍ ପ୍ରଧାନ ଶିକ୍ଷକ ହିସାବରେ ନିୟମିତ, ଅନିୟମିତ ଓ ଅନାସକ୍ତ । ଯେଉଁ ଶିକ୍ଷକ ଡେଇଲି ଅଫିସ୍ ରୁମରେ ଦରଦାଭିତରେ ସଲାମ ଦେବେ, ଦରକାର ବେଳେ ସ୍ୱଗୃହ ପର୍ଯ୍ୟନ୍ତ ଦୌଡ଼ିବା ନକଲେ ତାଙ୍କପ୍ରତି ଭିତରିଆ ଗ୍ରେଡ୍ ଜରେ—ଇନ୍—ସବାଡନେସନ୍ ଏକସନ୍ ପାଇଁ ଡିଓ ଲେଟରରେ ଗୁପ୍ତଲେଖା ଉପର ମହଲକୁ ପଠାଇବାରେ ଧୁରନ୍ଧର ।

ତାଙ୍କର ସେହି ସୀମିତ ଦୃଷ୍ଟି କୋଣରେ ଖୁଆ ଅଧୁଆ ମଝିରେ ଅଧୁଆର ମୂଲ୍ୟ ବହୁତ । କର୍ମସମ୍ପାଦନାକାରୀଙ୍କୁ କିହନ୍ତ୍ର ଅଜ୍ଞ, କର୍ମ ଠେକଲ, କର୍ମକୁଣ୍ଠୀ ଅଧିକାରୀଙ୍କୁ ଖୋସାମଦ କରିବା ହେଉଛି ଶ୍ରେଷ୍ଠ ଆଦର୍ଶ । ହାସ୍ୟପ୍ରେମୀ ଏପରି ହେଲା ଟେଲିଜନ୍, ତାହା ନଦୀରେ ଅନୁଭୂତରେ ନଆସିଲେ— ଖୁସି ହେବରେ ଖୋଦ୍ ପ୍ରଶଂସା—ଅନ୍ତରରେ ଡବଲ ବ୍ଲେଡ୍ ସିଜରସ୍‌ର ଖଟ୍ ଖଟ୍ କାଟ୍ ।

ଗେରୁମୁଣ୍ଡି ହାମାଲ୍ଲାଙ୍କ ସମୀପ ଦୃଷ୍ଟି ଭୂପେନ୍‌ଙ୍କୁ ଶନାକେରେ ହେଲ୍ ଅବହେଳାକର ଶ୍ରେଣୀର ବନ୍ଧୁସ୍ଥାର ଫିସାଦରେ ଏଲିଗେସନ୍ ଲେଖାଗଲା । ପ୍ରଧାନ ଶିକ୍ଷକ, "ଅଗାଣ୍ଡି ଆ ରାଜାଙ୍କୁ ପାଳନକାରୀମନ୍ତ୍ରୀ" ପରି ତାଙ୍କର କଥାରେ ଉଚ୍ଚୋମାର ବହ୍ନାସ୍କର ମ ସମ୍ପାତ କଲେ । ସେଥିଲାଗି ତାଙ୍କର ସାଲିସ୍‌ରେ ନିକଟସ୍ଥ ଅନ୍ୟ ଏକ ଧର୍ମ ବିଦ୍ୟାଳୟକୁ ଯିବା ହୁଯୋଗ ନେଇ, ସେ ଚଳିଯିବ ବ୍ରହ୍ମପୁର ର "ସି : ହି ହାଇସ୍କୁଲ କେନ୍ଦ୍ର କିମ୍ବା ଅନ୍ୟ ଏକ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ" । ସେତେ ବେଳେ କପି ଆମ୍ବିଷ୍ଟଙ୍କର ଇନ୍‌ଡିଜେନ୍‌ବୁଲ୍ ସ୍ପୋର୍ଟ ସରକାରଙ୍କ ଯୋଗାଣ ବିଭାଗରୁ ଆଣ୍ଟର ଶୀଘ୍ର ପ୍ରତିଦ୍ୱନ୍ଦ୍ୱୀତାରେ ଯୋଗାଇବେ କପି । ରଙ୍ଗ ଚଢ଼ିଲା ମାନେ ବେବକୁଫ୍ ବନାଇ ନିରସ୍ତ ଓ ନିରସ୍ତ ହେବା ସାରହେବ । ସେତେ ବେଳେ ଭୂପେନ୍ ଭଳି କେତେକ ସଦ୍‌ବ୍ୟବହାରୀ ଓ ସଚ୍ଚୋଟ ଗୁଣଗଣ କର୍ମ ଅବହେଳାରେ ବେକ୍‌ଓ୍ୱାର୍ଡ ହୋଇଥିଲେ ହେଁ ଡଷ୍ଟିନ୍‌କସନ୍ ପାସଟାଏ ସୁନିଶ୍ଚିତ ।

"ନିଜରକ୍ଷଣ ଅସମ୍ଭବ ଯେ କାହିଁ ପରକୁ ରଖିବ" । ହସଲାଗେ, ଏହି ବର୍ଷର ସଂଖ୍ୟା ବହୁଳ ଗ୍ରୁପଙ୍କ ସିଲେକସନ୍ ଡ଼ଟେଇନ୍ ନିମନ୍ତେ ଭୂପେନ୍ ଥିଲା କଣ୍ଟକ । ତାହାର ବକ୍‌ସିଙ୍ଗ ହେଲଥ୍‌ର ମୁଷ୍ଟିକୁ, ଦାସ ସାର୍‌ଙ୍କ ହନୁହାଡ଼ ଖଙ୍ଗେ ମଣିହାଡ଼ରେ ଯେଉଁ ଧାଇକ୍ଟିକ୍ ରୋଗ ପ୍ରଶମନରେ ଔଷଧ ଥିଲା ତାହା ଅଲ୍ଟ୍ରା ଖତମ । ସେ ଆଘାତ ଭିତିର ଉପଶମନ ନିମନ୍ତେ, ସେ ବହୁ ପୂର୍ବରୁ ପରାଜିତ ହୋଇ ଖୁଆଇ ସେସର

ସଫା କରି ପାରିଛନ୍ତି । କମ୍ପାଲ୍‌ସରି କଲେଜ ଖେଗର କୌଣସି ଭୟ ନାହିଁ । ଶାସନ ହେବ ନିରପରାଧୀ ଅବହେଳିତ, ବେକ୍‌ୱାର୍ଡ୍ ଛାତ୍ରଙ୍କ ଉପରେ—ଯେଉଁମାନେ ଟ୍ୟୁସନ୍ ଫିସ୍‌ର ଔଷଧ ସେବନ କରି ସୁପରିକ୍ଷିତ ହୋଇଥାନ୍ତି—ସେହିମାନେହିଁ ହେବେ ଗୋଟା ରଙ୍ଗେ ପାସ୍ । ଖାଲି ପାସ୍ ନୁହେ ସିଓର୍ ପାସ୍ । ବ୍ରହ୍ମପୁର ପରୀକ୍ଷା କେନ୍ଦ୍ରର ହାଟ ଚମଟରେ ଖୋଦ୍ ଫାଷ୍ଟକ୍ଲାସ ।

ହାୟରେ ଦୁନିଆଁ ! ଧନ୍ୟ ଈଶ୍ୱର ! ! ତୁମର ନିୟନ୍ତ୍ରଣରେ ଗତି ମୁକ୍ତି ଓ ସ୍ଥିତି କେଉଁଠି ? ଛାତ୍ରଙ୍କର ତାତ୍ତ୍ୱିକ ଶିକ୍ଷାର ମାନଦଣ୍ଡ ଉପରେ ଶିକ୍ଷକଙ୍କର ଆତ୍ମିକତାର ଗଭୀରତା—କେବଳ ତୁମର ସର୍ବଜ୍ଞ ମନ ମଧ୍ୟରେ ହିଁ ପ୍ରତିଫଳିତ । ତୁଚ୍ଛ ନର ମାନବ ପକ୍ଷରେ ତାହାର ତାତ୍ତ୍ୱିକ ଆତ୍ମିକତା ହୃଦୟଙ୍ଗମ କରିବା କେତେ ଦୁଷ୍କର —ଆଜି ପାଏନା । ଏ ହେଲା ଆମର ସମାଜର ଆତ୍ମିକତାରେ ଶିକ୍ଷାର ତାତ୍ତ୍ୱିକ ବିଚାର ମାନ ।

—*:*:*—

ମରମ ତଳର ବ୍ୟଥା

—ଦ୍ୱିତୀୟ ଖଣ୍ଡ—

ଅରୁନ୍ଧତୀର ସ୍ୱପ୍ନ

"ତୁମେ ଆସିଛ ?" ପ୍ରଶ୍ନକଲା ଅରୁନ୍ଧତୀ ।
କିନ୍ତୁ ଏ ଅସମୟରେ ?

ଜୀବନର ପ୍ରତିଟି ମୁହୂର୍ତ୍ତ ମୂଲ୍ୟବାନ । ସେଥିରେ ସମୟ ଅସମୟର ପ୍ରଶ୍ନ ନାହିଁ । ସାଧନା ଆଗରେ ଅସମୟ ଗୋଟିଏ କଣ ? ତୁମେ ଡେରି କରନା ଅରୁନ୍ଧତୀ । ସମୟ ଗଡ଼ି ଯାଉଛି । ଆମକୁ ବହୁତ ଦୂର ଯିବାକୁ ହେବ ।

ଅବିନାଶର ଏଇ କଥାଗୁଡ଼ିକୁ ଅରୁନ୍ଧତୀର ହୃଦୟ ତନ୍ତ୍ରୀକୁ ଦୋହଲାଇ ପକାଉଥିଲା । ସେ ଅନୁଭବ କଲା ସତେ ଯେମିତି ଗୋଟିଏ ବିଦ୍ୟୁତ ସ୍ରୋତ ତାର ଦେହ ଭିତର ଦେଇ ବହି ଯାଉଛି । ଆଉ ପ୍ରଶ୍ନ କରିବାକୁ ସାହାସ କଲାନି ଅରୁନ୍ଧତୀ । ଧଳା ଲୁଗାଖଣ୍ଡେ ଘୋଡ଼ାଇ ହୋଇ ଚାଲି ଆସିଲା ଅରୁନ୍ଧତୀ ଘର ବାହାରକୁ ।

ଅବିନାଶ ଅପେକ୍ଷା କରିଥିଲା ବାହାରେ । ଫିକା ଜହ୍ନର ଝାପସା ଆଲୁଅ । ଚାରିଆଡ଼େ ଶୁନ୍ ସାନ୍ । ଅଗେଇଲେ ଦୁହେଁ । ମନରେ ଦୃଢ଼ତା । ହୃଦୟରେ ସଂଯମ । ଗୋଟିଏ ଲକ୍ଷ୍ୟ । ସାଧନା ପାଇଁ ମନରେ ବ୍ୟଗ୍ରତା । ଜୀବନ ସଂଗ୍ରାମରେ ଜିଣିଲେ ହିଁ ସମାଜରେ ପ୍ରତିଷ୍ଠା ଲାଭ ହୋଇପାରିବେ । ନଚେତ ସବୁ ବିଫଳ ।

ଦୂରରେ କ୍ଷୀଣ ଆଲୁଅର ସୂଚନା । ସେଇଟା ତାଙ୍କର ଲକ୍ଷ୍ୟସ୍ଥଳ । ସେଇଠି ତାଙ୍କର ହେବ ପରୀକ୍ଷା । ଚରମ ପରୀକ୍ଷା । କିନ୍ତୁ ସାର୍ଟିଫିକେଟ ପାଇଁ ନୁହେଁ । ଜୀବନର ସାର୍ଥକତା ପାଇଁ । ଜନ୍ମଜନ୍ମାନ୍ତର ପାଇଁ । ସମାଜର ପରିବର୍ତ୍ତନ ପାଇଁ ।

ସେହି ଆଲୁଅଟା ତାଙ୍କର ଜୀବନର ଟର୍ଚ୍ଚ । ବାଟ କଢ଼େଇ ଆଗେଇ ଆଗେଇ ନେଉଛି ଦୁହିଁଙ୍କୁ । ପୁରୁଷ ଓ ପ୍ରକୃତିର ନିବିଡ଼ ବନ୍ଧନକୁ ସ୍ୱାଗତ କରିବାକୁ । ସେଇଠି ମାଂସର ବୁଭୁକ୍ଷା ନାହିଁ ।

ଅଛି ଶାଶ୍ୱତ ସତ୍ତାନ୍ୱେଷା ପାଇଁ ପ୍ରେରଣା, ବ୍ୟକ୍ତିଜୀବନର ପରିକଳ୍ପନା । ଆଧ୍ୟାତ୍ମିକତାର କଷ୍ଟିପଥରରେ ପରୀକ୍ଷିତ ହେବାର ପ୍ରକୃଷ୍ଟ ସ୍ଥାନ ସେଇଠା ।

ଜୀବନ ସଂଗ୍ରାମ କି ଜଟିଳ, କୁଟିଳ ଅଧୀରତାର କଣ୍ଠରେ କହିଲା ଅବିନାଶ । କିନ୍ତୁ ତାପରେ ଅମୃତର ସନ୍ଧାନ । ସ୍ୱର୍ଗୀୟ ଜୀବନ ପ୍ରାପ୍ତ । ସେଇଠି ଜୀବନର ସ୍ୱାଦୁ ଅଛି । ଏହି ତେଲଲୁଣ ସଂସାର ଭିତରେ ଆନନ୍ଦ ନାହିଁ । ଅତିମାନସ ରାଜ୍ୟରେ ବିଚରଣ କରିବାପାଇଁ ତୁମକୁ ସାଧନା କରିବା ଦରକାର । ସାଧନା କଷ୍ଟ । ତଥାପି ତାହାହିଁ ଆମର କର୍ତ୍ତବ୍ୟ । ସାଧନା ବିନା ଜୀବନରେ ଆଉକିଛି ନାହିଁ । ତୁମେ ପାରିବ ଅରୁ, ନିଶ୍ଚୟ ପାରିବ । କରୁଣାବାସୀ ମା ସର୍ବେଶ୍ୱରୀଙ୍କଠାରୁ ପରୀକ୍ଷା କରିବେ । ମୋତେ ଜଳ ଜଳ ଦିଶୁଛି ଅରୁ, ଅଚିରେ ଆମେ ଆମର ଲକ୍ଷ୍ୟସ୍ଥଳରେ ପହଞ୍ଚିବା । ହୁଏତ ଜଣେ ହୋଇଥିଲେ ଆତ୍ମସାଧ ହୋଇଥାନ୍ତା । କିନ୍ତୁ ଦୁଇଜଣ ଯେତେବେଳେ ଆଗେଇଆସିଛନ୍ତି ଏହି ଜ୍ୟୋତିପଥକୁ ପୁଣି ଅନ୍ଧକାରକୁ ଫେରିବାର ସମ୍ଭାବନା ନାହିଁ ।

ବାଟ ସରିଗଲା । ଦୁହେଁ ପହଞ୍ଚିଗଲେ ଲକ୍ଷ୍ୟ ସ୍ଥଳରେ । ଉଷାଦେବୀର ଆବିର୍ଭାବ । ଦୂରରୁ ଶଙ୍ଖଧ୍ୱନି । ମନ୍ତ୍ର ଉଚ୍ଚାରଣ—

"ତମସୋ ମା ଜ୍ୟୋତିର୍ଗମୟ"

ଅରୁନ୍ଧତୀର ନିଦ ଭାଙ୍ଗିଲା ।

ପାଖରେ କେହିନାହିଁ । ଗୃହିଆଡ଼େ ଶୁଭିଲା ଯେଉଁ ଅବିନାଶ ତାକୁ ବାଟ କଢ଼ାଇ ଏତେଦୂର ଆଣିଲା, ସେ ବି ନାହିଁ—ଅଛି କେବଳ ନିରମ ସକାଳଟା । କାଉ କୋଇଲିର ରାବ କେତେଟା । ତା' ଆଗରେ ଏକ ବିରାଟ ନୂତନ ଜୀବନ । ନବ ଉଦ୍ଦୀପନା ଓ ନୂଆ ସିଦ୍ଧାନ୍ତରଣ ତାର ହୃଦୟରେ । ନୂଆ କର୍ମପନ୍ଥା । ଆଗେଇବାକୁ ହେବ ବାସ୍ତବ କ୍ଷେତ୍ରରେ ।

ସ୍ବପ୍ନ ଯାହା ଥିଲା ତାହା ଅବାସ୍ତବ । ନୂତନ ଆଲୋକର ସନ୍ଧାନ ପାଇଁ ଏକ ପ୍ରେରଣା । ବାସ୍ତବ ରାଜ୍ୟରେ ତାହାରେ ଦେଖାଇବାକୁ ହେବ ।

ତାହାରିକୁ ଆସି ମୁଣ୍ଡ ନୁଆଇଲେ ଶ୍ରେଷ୍ଠ କବିର ଶକ୍ତିମାନ୍ ସୂର୍ଯ୍ୟ ନିକଟରେ । ଯାହାଙ୍କଠାରୁ ସମ୍ଭୂତର ପରିଚାଳକ, ସକଳ ଶକ୍ତିର ଆଧାର, ସ୍ଥାବର, ଜଙ୍ଗମ, ଜୀବ ଜଗତର ପ୍ରାଣ କେନ୍ଦ୍ର ସେହି ଦୀପ୍ତିମାନ ସୂର୍ଯ୍ୟ ହିଁ ଅବିନାଶ । ଅନ୍ଧାରରୁ ଆଲୋକକୁ ଆସିବା ପାଇଁ ଅବଚେତନ ମନର ଏକ ପରିକଳ୍ପନା ହିଁ ଅରୁଣିତର ସ୍ବପ୍ନ ।

(ନବୀନ ପତ୍ରିକାରେ ପ୍ରକାଶିତ)

—§✻✻§—

ଅଶରୀରୀ

ଆସ........ଆସ.........

“ତୁମେ ଆସ, ଅନୁ ! ତୁମେ ଆସ । ଆମେ ଚାଲିଯିବା ସେଇ ନଈ କୂଳ, ସେଇ ଝଙ୍କା ବରଗଛ, ସେଇ କାଳୀ ମନ୍ଦିର ନିକଟକୁ । ଯେଉଁଠି କେହି ନଥିବେ ଆମ ଚଲା ପଥରେ ବାଧାଦେବାକୁ ।”

ଗୁମ୍ ସୁମ୍ । ରାତି ଗର୍ଜୁଛି । ଚଉଆଡ଼ ସୁନ୍‌ସାନ । କେବଳ ବିଲୁଆ, କୁକୁରଙ୍କର ଶବ୍ଦ । ଅନୁ ଚାଲିଛି । ଆଗରେ ଅନ୍ଧାରୁଆ ଅଚିହ୍ନା ଆତ୍ମାଟା ।

ଚନ୍ଦ୍ର କିରଣରେ ନଈର ପାଣି ଫୁଲ ଢେଉ ଖେଳୁଛି, ଧୀର ମନ୍ଥର । ଗଛରେ କୁହୁ କୁହୁ ନାଦରେ ବନ୍ଧ ଗୁଞ୍ଜୁଛି ତାର କଳା ମଚ୍ ମଚ୍ ଚାରିକୁଡ଼ାକ, ପାଖରେ ବଣ ବୁଦା । କେହି ନାହିଁ । ଏକା ଅନୁରାଧା । କିଛି ଦୂରରେ ଗୋଟିଏ ପ୍ରାଣୀ—ଠିକ୍ ମଣିଷର ରୂପ । ହାତରେ ବଂଶୀ । ଦେହରେ ରାଜ ପୁତ୍ରର ପୋଷାକ । ମୁଣ୍ଡରେ ମଣିଷ ପରି ଭାଷା ।

ଠିକ୍ ବର୍ଷେ ତଳର କଥା । ଏଇ ଯାଗାଟା ଥିଲା ଅନୁରାଧାର ଖୁବ୍ ପରିଚିତ । ସେଠିକାର ଗଛପତ୍ର, ପଥର ବାଲି ସବୁ ଯେପରି ଅନୁରାଧାର ଆତ୍ମୀୟ ସ୍ୱଜନ । ଆଜିବି ସେମିତି ଠିଆ ହୋଇଛନ୍ତି । ହାତ ଠାରି ଡାକୁଛନ୍ତି ଅନୁରାଧାକୁ—ତୋଳି ନେବାକୁ ଚେଷ୍ଟା କରୁଛନ୍ତି ନିଜନିଜର କୋଳକୁ ।

ସୁକାନ୍ତ ଥିଲା ଅନୁରାଧାର ଖୁବ୍ ଅନ୍ତରଙ୍ଗ । କହିବାକୁ ଗଲେ ପ୍ରଣୟୀ । ପ୍ରଣୟୀ ପ୍ରଣୟିନୀର ହାସ୍ୟରୋଳ, ନୃତ୍ୟ ଛନ୍ଦ, ରାଗରାଗିଣୀରେ ନିର୍ଜନ ବନସ୍ଥଳୀ ହେଉଥିଲା ପ୍ରକମ୍ପିତ । ଆଜିବି ହେଉଛି । ଦେହର ସହିତ ଅଦେହର ସମ୍ପର୍କ । ବାହ୍ୟ ପ୍ରକୃତି ସହିତ ଅନ୍ତଃ ପ୍ରକୃତିର ନିବିଡ଼ ସମ୍ପୃକ୍ତି ।

X X X X

"ଅନୁ, ଅନୁ । ତୁମେ କୁଆଡ଼େ ଚାଲିଗଲେ ଅନୁ ! ମୋ ପ୍ରତି ତୁମର ଏ ଅବିଚାର କାହିଁକି ? ମୁଁ ତୁମ ନିକଟରେ କି ଦୋଷ କରିଛି ? ଭଲ ପାଇବାର ପ୍ରତିଦାନ କଣ ଏୟା ? ଉଚ୍ଚସ୍ୱରରେ ପାଟିକରୁଥିଲେ ଡାକ୍ତର ମନ୍ମଥ ବାବୁ ।

ଘରର ସମସ୍ତଙ୍କ ନିଦ ଭାଙ୍ଗିଲା, ସମସ୍ତେ ଠିଆ ହେଲେ । ଚାରିଆଡ଼େ ଖୋଜା ପଡ଼ିଲା ? ଅନୁ ଗଲା କୁଆଡ଼େ—ଅନୁର ଚରିତ୍ର ଉପରେ ସନ୍ଦେହ ହେଲା ସମସ୍ତଙ୍କର, ଆଜି ପରି ଏକ ଶୁଭରାତିରେ ମଧୁଶଯ୍ୟା ତ୍ୟାଗକରି ଚାଲିଯିବାଟା ଚୌଧୁରୀ ବଂଶର ବୋହୂ ସ୍ୱଭାବରେ ଏକ ବିରାଟ ଲଜ୍ଜାକର ଘଟଣା ।

ହୋଇ ଛିଡ଼ାରେ ଜଣାଉଛନ୍ତି । ବାହାରେ ରାତିରେ କିଛି ସମୟ ପୂର୍ବରୁ ମନ୍ମଥ ବାବୁଙ୍କୁ କ ମଧୁର ଗଳାରେ କହୁଥିଲା ଅନୁ—"ତୁମକୁ ସେବା କରେକରି ମୋ ନାରୀ ଜନ୍ମ ସାର୍ଥକ କରିବି ମନୁ ।" ମନୁ ଅନୁର ସମ୍ପର୍କ ଚିରନ୍ତନର ସମ୍ପର୍କ । ସ୍ୱାମୀସ୍ତ୍ରୀର ସମ୍ପର୍କ ଭଗବାନ ଓ ଭକ୍ତର ସମ୍ପର୍କ ଠାରୁ କୌଣସି ଗୁଣରେ କମ ନୁହେଁ । କିନ୍ତୁ ହଠାତ୍ ତାର ପରିବର୍ତ୍ତନ ହେଲା କାହିଁକି ? ମନରେ ପ୍ରଶ୍ନବାଚୀ ମନୁବାବୁଙ୍କ ।

ଲୋକଙ୍କ ମୁହଁରେ ବହୁ କଥା, ବହୁ ନିନ୍ଦା ବହୁ ଅପମାନ । ଅନୁ ବାରବନିତା, ରାତି ଅନ୍ଧାରରେ ବର୍ଣ୍ଣୀ ଶୁଣ । କିଏ ବୋଧହୁଏ କମିଶ୍ରା କରି ଦେଇଛି ଅନୁକୁ । ନଚେତ୍ ଅନୁଟରେ ଗୋଟିଏ ସରଳ ଝିଅ······

ମନୁ ବାବୁ କହି ଉଠିଲେ, "ହଁ ହଁ ଅନୁ ଥରେ କହୁଥିଲା —ନକ୍ଷତ୍ରଲୋକେ, ସଙ୍ଗୀ ବରଗଛ । ତା ପାଖରେ ଭଙ୍ଗାମନ୍ଦିର······

ତା ହେଲେ ଅନୁ କଣ ସେଇଠିକି ଯାଇଛି ? କିଏ ଅଛି ତାର ସେଇଠି ?

ସମସ୍ତେ ଖୋଜିଲେ ନିଶା ଅନ୍ଧମୁହୂର୍ତ୍ତ । ସକାଳ ହୋଇଯାଇ ଆସୁଛି । ଚନ୍ଦ୍ର ଆଲୁଅ ଅସ୍ପଷ୍ଟ । କେହି ନାହାନ୍ତି । ସେଇ ସଙ୍ଗୀ ବରଗଛଟା ମନ୍ଦିର ପାଖରେ ଠିଆ ହୋଇଛନ୍ତି ଦୋକାନୀପରି ଦୁଇଟି କାୟା—ଜଣେ ସ୍ତ୍ରୀ ଓ ଆଉ ଜଣେ ପୁରୁଷର । ବଲୁଆର ଆଶୀର୍ବାଦ । କିଏ ହୁଏତ ଉପରକୁ ଉଠିଲା ପରି ଜଣାପଡ଼ୁଛି । ଉପରକୁ···ଉପରକୁ । କିଛି ସମୟ ପରେ କାୟା ଦୁଇଟି ଅଦୃଶ୍ୟ ହୋଇଗଲେ ।

ସଭେ କରୁଣ ହୋଇଗଲେ । ମନୁ ବାବୁ । ନୀରବତା ଭଙ୍ଗ କରି ଶଙ୍ଖ ଆସିଲା "ପାଖି ଆସ, ପାଖ ଆସି" କିଏ କହିଲା, ମନ୍ଦିର ଦେହ ଖୋଜିବା ଆଗ, କାଳେ ଅନୁ ଲୁଚିଥିବ । କିନ୍ତୁ କେହି ନାହିଁ । ପାରାଗୁଡ଼ାକ ଫର ଫର୍ ହୋଇ ଉଡ଼ିଗଲେ । କେବଳ ହିଁ କାରେ ଶବ୍ଦ ।

***

ଦୁଇଟି ଚରିତ୍ର

ବନାନୀ ଗାଂଗୁଲି ବାହା ହେଉଛି । ଆସିଛନ୍ତି ସହରର ବହୁତ ଭଦ୍ର ବ୍ୟକ୍ତି·····ବହୁତ·····ବହୁତ । କନ୍ୟାଗଣଙ୍କୁ ମିଳୁଛି ବହୁତ ଉପଢୌକନ·····ମନଲୋଭା ଉପହାର··ପ୍ରେଜେଂଟେସନ୍··ହସ ଖୁସିରେ ଘମଘେଣ୍ଟ ମଜଗୁଲ୍ ।

ବନାନୀ ବାହା ହେଉଛି ।

ଅର୍କେଷ୍ଟ୍ରାର ମଧୁର ଆଳାପ । ଆବେଗ ମୁର୍ଚ୍ଛନା । ହୃଦସ୍ପର୍ଶୀ ଝଂକାର ।

ବନାନୀ ବାହା ହେଉଛି ।

ବାହା ହେଉଛି ବନାନୀ ଗାଂଗୁଲି । ଇନ୍‌ଭର୍‌ସିଟିର କୁଇନ୍ ଲଭର୍··କୃତି କଳାଗୁଣୀ ବନାନୀ ଗାଂଗୁଲି ।

ବନାନୀ ବାହା ହେଉଛି ସହରର ବରିଷ୍ଠ ବ୍ୟବସାୟୀ କୁମର ମଣି ଚୌଧୁରୀଙ୍କୁ ।······

ଆହା, କି ସୁଂଦର ଦିଶୁଛି ଆଜି ବନାନୀ । ଲାବଣ୍ୟମୟୀର ଶୁଭ୍ର କପାଳରେ ଚଂଦନ ସିଂଦୁର ଟିକିଟିକି ଫୁଟି । ସିମାନ୍ତରେ ରକ୍ତାଭ ସିଂଦୁର ।

ସତେ, ବନାନୀ କେତେ ଭାଗ୍ୟବତୀ !

×   ×   ×

ଚକ୍‌ମକ୍·····ଚକ୍‌ମକ୍·····ଚକ୍‌ମକ······

ରଂଗୀନ୍ ଆଲୋକିତ କରୁଛି ବନାନୀର ସୁଂଦର କୋଠାକୁ ।

ଆସନ୍ତୁ, ଆସନ୍ତୁ । ମୋର ସୌଭାଗ୍ୟ ଆପଣଙ୍କ ଉପସ୍ଥିତି ପାଇଁ —ବନାନୀର ବାପାଙ୍କ ମୁହଁରେ ଅଭିବାଦନର ସୁର ।

ମନ୍ତ୍ରୀ ମହୋଦୟ ଆସିଛନ୍ତି, ଫିଏଟ୍ କାରରେ ବସି । ବନାନୀର ଭାଗ୍ୟ ···ତା ଭାବୀ ଜୀବନର ରଂଗୀନ ଅଙ୍କ ।

× × ×

ବନାନୀ ଯାଉଛି ।

ଶୋଭା ଯାତ୍ରାରେ ଯାଉଛନ୍ତି ପତି ପତ୍ନୀ । ବ୍ୟାଣ୍ଡପାର୍ଟିର ଲଳିତ୍ୟ ମୂର୍ଚ୍ଛନା, ଝଙ୍କାର—

× × × !

ଦେଖ ହେ ! ଏମାନେ ପୁଣି ମଣିଷ ? ଛିଃ—ଏମାନଙ୍କ ମଣିଷତ୍ୱର ବି ଅଭାବ ! ଅନେଇଛ କଣ ? ହଟାଅ ! ହଟାଅ—ବନାନୀର ଅଗ୍ରଜ ସୁରଥ ଗାଙ୍ଗୁଲି ଚିତ୍କାରି ସ୍ୱଭାବରେ ବ୍ୟସ୍ତ କାହିଁକି ? କଣ ହେଲା ? କଣ ପାଇଁ ଆଜିର ଏ ଶୁଭ ମୁହୂର୍ତ୍ତରେ ଏ ଆର୍ତ୍ତ ଚିତ୍କାର ?

ନାଲିବାବୁ, ସେ ବଦ୍‌ମାସକୁ କେତେ ବୁଝାଇ କହିଲି ରାସ୍ତାରୁ ଗୋଟି ମିଣ୍ଟିଙ୍କ, ପେଡି ଘୁଞ୍ଚି ହଟାଇବାକୁ, ହେଲେ, ସେମାନେ କଣ ଶୁଣୁଛନ୍ତି ?

ଯାଃ—ମୁଁ ଅନେକ ଦେଖିଛି ବୋଲି କହ !

× × ×

ସେ କି ବାଧା ଦେଉଛି ଆଜିର ଏଇ ଲଗ୍ନରେ । ବନାନୀର ସ୍କୁଲସାଥୀ ରଞ୍ଜନା ଦାସ । ନିସ୍ୱ କହାଣୀ ମନ୍ମଥ ଦାସର ଚତୁର୍ଥ କନ୍ୟା । ନଥିଲା ଘରେ ଜନମ ବୋଲି, ତା' ଯାତ୍ରାରେ ଲାଇଟର ଏରେଞ୍ଜ ନାହିଁ । ନା' ଆର୍କେଷ୍ଟ୍ରାର ସୁର ।

ଯାଉ, ଅପଣ ଟିକିଏ ଅପେକ୍ଷା କରନ୍ତୁ···ମୋ ଝିଅର ଲଗ୍ନ ସରିଲେ, ଝିଅଟି ବିଦାହେଲେ, ଆପଣଙ୍କ ଝିଅ ଯିବା ନେଇ ···ନହେଲେ ଝିଅର ଯାତ୍ରା ଭଙ୍ଗିଯିବାଟା······

ଧେତ୍ ! ମୁଁ କୌଣସି କଥା ଶୁଣିବାକୁ ପ୍ରସ୍ତୁତ ନୁହେଁ··· ହଟାଅ ଶଗଡ଼-ବଳଦ ।

ଆମ ଶୋଭା ଯାତ୍ରାରେ ବ୍ୟାଘାତ କାହିଁକି ?

ସୁରଥ ବାବୁ ! ଆପଙ୍କର ଶୁଭ ମୁହୂର୍ତ୍ତ, ଆମର କ ସେମିତି କିଛି ନାହିଁ ?

ମନ୍ମଥ ବାବୁଙ୍କ ତୁଣ୍ଡରେ ବଜ୍ରବାଣୀ ।
ବାନାମା ତୁଣ୍ଡରେ ପ୍ରଶ୍ନ—ଖାଇ ?
ତା' ପରେ·····ତା' ପରେ·········

(ପ୍ରତିଭା ପତ୍ରିକାରେ ପ୍ରକାଶିତ)

ଲୋକେ କହନ୍ତି

ହୋମିଓପାଥ ଡ଼ାକ୍ତର ଚେମ୍ବର ।

ରୋଗୀର ଆର୍ତ୍ତଚିତ୍କାର ! ମୁଁ ବଞ୍ଚିବିନି ଡ଼ାକ୍ତର ବାବୁ ! ଡ଼ାକ୍ତର ବାବୁ କର୍ମବ୍ୟସ୍ତ ।

ସ୍ତ୍ରୀ ଲୋକଟି ଆସି ପୁଣି ଫେରିଗଲା । ଦେହରେ ତାର ସାତସିଆଁ ଚିରା ଲୁଗା । ସମସ୍ତେ କହିଲେ ପାଗଳୀଟା । ଡ଼ାକ୍ତର ବାବୁ ନୀରବ । ସେ ଜାଣନ୍ତି ପାଗଳୀଟା ସେଇଠିକି ଅନେକ ଥର ଆସିଛି ।

ବେଶୀ ଲୋକ ରୁଣ୍ଡ ହୁଅନ୍ତି ସେଇଠି । ରାଜନୀତି ଠାରୁ ଆରମ୍ଭ କରି ପାରିବାରିକ ସୁଖ ଦୁଃଖ ପର୍ଯ୍ୟନ୍ତ ସବୁ କିଛିର ମଧ୍ୟରେ ସମନ୍ୱୟ ସମ୍ପାଦନ ହୁଏ ସେହି ଯାଗାରେ । ବିଭିନ୍ନ କିସମର ଲୋକ । ବିଭିନ୍ନ ଚିନ୍ତାଧାରା । କିନ୍ତୁ ଗୋଟିଏ ଲକ୍ଷ୍ୟ । ସେମାନେ ରୋଗମୁକ୍ତ ହେବେ । ଧନୀ ଦରିଦ୍ରର ବାଛ ବିଚାର ନାହିଁ ସେଇଠି ।

ସହରରେ କେନ୍ଦ୍ର ସ୍ଥଳରେ ଠିଆ ହୋଇଛି ସେହି ଘରଟି । ଲୋକ ମାନଙ୍କୁ ବସିବାକୁ ଯାଗାର ଅଭାବ । ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ହୁଏ ଔଷଧ ପାଇଁ । ଦିନକୁ ଦିନ ରୋଗ ବଢ଼ି ଚାଲିଛି ସହରରେ ।

•

ସେଇଟା ଗୋଟାଏ ତୀର୍ଥସ୍ଥାନ । ସଂସାରର ଜଞ୍ଜାଳରୁ ମୁକ୍ତି ପାଇବା ପାଇଁ । ସେଇଠି ଯାତ୍ରୀ ଭିଡ଼ ହୁଏନା । କେବଳ ସାମୟିକ ମୁକ୍ତି ଏଇ ରୋଗ ଯନ୍ତ୍ରଣାରୁ ।

ଡାକ୍ତର ବାବୁ ଖାରି ଦୟାଳୁ । ପରୋପକାରୀ । କେତେ ଲୋକ ଆସୁଛନ୍ତି, କେତେ ଲୋକ ଯାଉଛନ୍ତି, ତାର ହିସାବ ନାହିଁ । ସମସ୍ତେ ଔଷଧ ଧରି ଘରକୁ ଯିବା ପାଇଁ ବ୍ୟଗ୍ର । ଡାକ୍ତର ବାବୁ ଔଷଧ ପୁଡ଼ା ବାନ୍ଧିବାରେ ବ୍ୟସ୍ତ । ସେ ବା କଣ କରିବେ । ରୋଗ ସହିତ ରୋଗୀ ସଂଖ୍ୟା ତାଳ ଦେଇ ଚାଲିଛି ।

ସହରରେ ବଡ଼ ବଡ଼ ଖ୍ୟାତନାମ ଡାକ୍ତର ଅଛନ୍ତି । ତଥାପି ଲୋକେ ବେଶୀ ସଂଖ୍ୟାରେ ଛୁଟି ଆସନ୍ତି ଏଇଠିକି । ଲୋକେ କହନ୍ତି ଏଇ ଯାଗାର ମହତ୍ତ୍ୱ ବେଶୀ ।

ସେ ଅନେକ ଦିନ ତଳର କଥା । କେବଳ ଅତୀତର ସ୍ମୃତି ରହିଛି ଲୋକଙ୍କ ମୁହଁରେ । ସେଇ ଘରେ ଥିଲେ ବୃଦ୍ଧ ଡାକ୍ତର ସମରେନ୍ଦ୍ର ହୋତା । ହାତଯଶ ତାଙ୍କର ଯଥେଷ୍ଟ ଥିଲା । ତାଙ୍କର ହାତର ସ୍ପର୍ଶ ମାତ୍ରକେ ରୋଗୀ ରୋଗମୁକ୍ତ ହେଉଥିଲେ । ଆଜିକାଲି ପରି ସେତେବେଳେ ବି ବେଶୀ ଲୋକ ଜମା ହେଉଥିଲେ ସେଇଠି । ଗଣି ବସିଲେ ରୋଗୀମାନଙ୍କର ସଂଖ୍ୟା ବେଶୀ ହେବ । କମ୍ ଫିଇସରେ ସେମାନେ ରୋଗ ମୁକ୍ତ ହେଉଥିଲେ । ବେଶୀ ଫିଇସ ଦେବାକୁ ବି ସେମାନେ ଅସମର୍ଥ ।

ସେନେ ସମରେନ୍ଦ୍ର ବାବୁ ରୋଗୀମାନଙ୍କୁ ପ୍ରଶ୍ନ ପଚାରି ରୋଗ-ନିଦାନ କରୁଥିଲେ । ପାଖରେ ଗଦା ଗଦା ବହି । କୋଠରୀରେ ଧ୍ୟାନୀମାନଙ୍କର ଛବି । ତା ପାଖରେ ଗାନ୍ଧି, ଗୋପବନ୍ଧୁଙ୍କର ଗୋଟିଏ ଗୋଟିଏ ତୈଳ ଛବି । କାନ୍ଥରେ ଲେଖା ଅଛି "ପରୋପ କାରାୟ ସ୍ବର୍ଗାୟ ।"

ପ୍ରବେଶ କଲେ ଦୁଇ ଜଣ ସ୍ତ୍ରୀ । ଜଣେ ମା ଓ ଆଉ ଜଣେ ଝିଅ । ଭାରି ଗରୀବ । ପଇସା ନାହିଁ ପାଖରେ ଖାଇବା ପାଇଁ । ଡାକ୍ତରଙ୍କୁ ଦେବା କଥା ଦୂରରେ ଥାଉ ।

ସମରେନ୍ଦ୍ର ବାବୁ ସେମାନଙ୍କର ରହିବା ଓ ଖାଇବାର ବ୍ୟବସ୍ଥା କରି ଦେଲେ । ଡାକ୍ତରଙ୍କ ଅଦମ୍ୟ ଉତ୍ସାହରେ ଝିଅଟି ରୋଗମୁକ୍ତ ହେଲା । ଝିଅଟିର ନା ଶାରଦା ।

ମା'କୁ ମୃତ୍ୟୁ ହେଲେ ସଂସାରରେ ତାହାର ଆଉ କେହି ନାହିଁ । ସେ ଯିବ କୁଆଡ଼େ ? ସେଇଠି ରହି ରୋଗୀର ସେବା କରିବା ହିଁ ତାର ଜୀବନର ପରମ ବ୍ରତ । ବୋଧ ହୁଏ ଡାକ୍ତରଙ୍କ କାର୍ଯ୍ୟକଳାପ ଶାରଦାକୁ ବହୁ ପରିମାଣରେ ପ୍ରଭାବିତ କରିଛି । ଫ୍ଲୋରେନସ ନାଇଟିଂଗେଲ୍ ପରି ଶାରଦା ନଜର କରି ପାରୁଛି ରୋଗୀମାନଙ୍କୁ । ରୋଗୀମାନଙ୍କର ଅଶ୍ରୁ ଢଳାରୁ ତାର ହୃଦୟ ତନ୍ତ୍ରୀକୁ ଦୋହଲାଇ ଦେଉଛି । ଶାରଦାର ତ୍ୟାଗ, ସେବା, ମହାନୁଭବତା ନିକଟରେ ଜନତା ସ୍ୱତଃ ମୁଣ୍ଡ ନୁଆଁଇଁ ଥିଲା ସେ ଦିନ । ଅତୀତ ଗର୍ଭରେ ଲୁଚି ଯାଇଛି ସବୁ କଥା ।

ସହରରେ ହଇଜା ହୋଇ ଗଲା । ଶହ ଶହ ରୋଗୀ ରୁଣ୍ଡ ହେଲେ । ଶାରଦା ସେବା କଲା । ବୁଲି ବୁଲି ଔଷଧ ଦେଲା । କିନ୍ତୁ···ଶେଷରେ ଶାରଦା ହେଲା ଶଯ୍ୟାଶାୟୀ । ସବୁ ଶେଷ··· ଜନତାର ଭିଡ଼—ସେବିକା ଶାରଦାର ଶେଷ ଦର୍ଶନ ନିମନ୍ତେ ।

କ୍ଷୁଦ୍ର ଘରଟିରେ ଆଜି ବି ପୂର୍ବପରି ଜନ ସମାଗମ ହେଉଛନ୍ତି । ବଦଳିଛି ତାର ରୂପରଙ୍ଗ । ପରିବର୍ତ୍ତନ ହୋଇଛି ତାର ବାହାରଟା । କିନ୍ତୁ ଭିତରଟା ସେମିତି ଅଛି ।

ରୋଗୀର ଚିତ୍କାରରେ ଫାଟି ପଡ଼ୁଛି ଡାକ୍ତର ଚେମ୍ବର । ଗାନ୍ଧୀ, ଗୋପବନ୍ଧୁଙ୍କ ଫୋଟ ଅଛି । ଅଛି ଦେବାନେବୀମାନଙ୍କ ଛବିଟା । ଆଲମିରା ଗୁଡ଼ାକ ଔଷଧ ଭରାରେ ଅଣନିଶ୍ୱାସୀ ହୋଇ ଉଠୁଛନ୍ତି । ନାଁ ଦିଆ ହୋଇଛି ଶାରଦା ହୋମିଓ ହାଲ୍ ।

ପାଗଳ ଏମିତି ଆସେ । ଦାଣ୍ଡରେ କିଛି ସମୟ ଠିଆ ହୁଏ । ମନକୁ ମନ ହସେ । ପୁଣି ଆଖିରୁ ଲୁହ ଝରେ । ହଠାତ୍ ଘର ଭିତରେ ପଶିଯାଏ । ସମସ୍ତଙ୍କୁ ବଲବଲ କରି ଚାହେଁ ପୁଣି ଚାଲିଯାଏ ।

ଦାଣ୍ଡରେ ଆର୍ତ୍ତ ଚିତ୍କାର କରେ—'ଶାରଦା ହୋମିଓ ହାଲ୍' ନାମାଙ୍କିତ ପଟା ନିକଟରେ ମୁଣ୍ଡ ନୁଆଁଏ । ଧୀରେ ଧୀରେ ଚାଲିଯାଏ ।

ଲୋକେ କହନ୍ତି—ପାଗଳଟା । ତା'ର ଝିଅକୁ ଖୋଜିବାକୁ ଆସେ ସେହି ଘର ପାଖକୁ । କାହାକୁ ପାଏନି ! ନିରାଶ ହୃଦୟ ନେଇ ଫେରିଯାଏ ।

(ଚେତନାରେ ପ୍ରକାଶିତ)

ଏକ ଅନାହୁତ ଅନୁଭୂତି

ନରମ ସକାଳ ।

ଜ୍ୟେଷ୍ଠ ମାସ । ଅମାବାସ୍ୟା ଯାଇ ଦ୍ୱିତୀୟା ତିଥି । ବହୁଦିନ ପରେ ଆଜ ସେହି ଚହ୍ଲା ଚହ୍ଲା ମୁହଁଟା । ଫାଟକର ଲୁହା ରେଲିଂକୁ ଧରି ଠିଆ ହୋଇଥିଲା ନମିତା । ସଜଫୁଟିଲା ହସ ମୁହଁରେ ।

ଅଭ୍ୟାଗତଙ୍କ ପଙ୍କ୍ତିରେ ଦେଖା ହେଲା ସୁବ୍ରତର । ତା'ର ଛାତି ଦାଉଁ କଲା ହେଲା । ମନରେ ଚଞ୍ଚଳତା । ଆଖିର ଦିଗନ୍ତରେ ଭରା କେତେ ଜୀବନର ଅନାହୁତ ସଖ୍ୟାନନ୍ଦା, ମଧୁ ଅନୁଭୂତି । ଅତୀତଟା ତାର ମନକୁ ଚାପି କରିବାକୁ ଗଲା, ମନର ତନ୍ତ୍ରୀ ଥରି ଉଠିଲା, କେତେ ଅକୁହା କଥା ମନରଅଳିନ୍ଦ ଦାଗ ଆଜିସୁଦ୍ଧା ତାର ହୃଦୟରେ ଜଳି ଉଠୁଛି ।

ଅତୀତର ବିସ୍ମୃତ ବିମୂର୍ତ୍ତ ଆକାଶ ତଳେ ସୁବ୍ରତ ଆଜି ନିର୍ବାକ ପୃଥିବୀ ।

ମନ କହିଲା, "ଯାହା ହେଉ ଆଜ ଦେଖା ଟିଏ ହୋଇଗଲା" ।

ଆଉ, ସେ ନିଯତିଟା ?

ନା, ନା······ସେଇଟା ଶବ୍ଦୁଚର ହସ, ଅତୀତର କେତେଟା ଘଟଣା ତାର ମନ ଆକାଶରେ ଜାଗି ଉଠିଲା । ଏଇ ସେଇ ନମିତା, ଛଅ ବର୍ଷ ତଳର କଥା, ସୁବ୍ରତ ସହିତ ତାର ପରିଚୟ ଥିଲା ଅତି ଘନିଷ୍ଠ, ଅତି ନିବିଡ଼ । କିନ୍ତୁ ଅତୀତର କଥା ସୁବ୍ରତର ମନରୁ ମଉଳି, ଅତୀତର କେତୋଟା ମୁହୂର୍ତ୍ତ ତା ଆଗରେ ମୂର୍ତ୍ତିମନ୍ତ ହୋଇ ଠିଆ ହେଲା । ଭାବପ୍ରବଣ ହେଲା ସୁବ୍ରତ ବର୍ତ୍ତମାନ ସହିତ ଅତୀତର ଏକ ନିରବଚ୍ଛିନ୍ନ ସଂଯୋଗ । ଏଥିରେ ଭାବପ୍ରବଣ ହେବା ସ୍ୱାଭାବିକ,

ଅତୀତର ଅନୁଭୂତି, ଅଭିଜ୍ଞତା ବର୍ତ୍ତମାନକୁ ପ୍ରଭାବିତ କରେ ବହୁ ପରିମାଣରେ ।

ନମିତା ଥିଲା ଆକାଶର ଚାନ୍ଦ । ତାର ଉଠନ୍ତି ଉଠିଲା ଯୌବନ, ଆଖିର ଇସାରା କେତେ ପ୍ରୀତିମଧୁ ଯୋଗାଇଥିଲା ସୁବ୍ରତକୁ କିନ୍ତୁ ଫଳ କଣ, ହେଲା ? କ୍ଷଣିକ ଉନ୍ମାଦନାରେ ଭାସି ଯାଉଥିଲା ସୁବ୍ରତ ଅସଂଯତ ମନକୁ ସଂଯତ କରିବାକୁ ଚେଷ୍ଟା କରୁଥିଲା ବାରମ୍ବାର । କିନ୍ତୁ ପାରିଲାନି । ଅକାରଣରେ ପରୀକ୍ଷାରେ ହାର ମାନିଲା । ହାରିତ ନୁହେଁ, ଜିଣା, କିନ୍ତୁ ସେ ଜିଣାଟା ହାର ତୁଳନାରେ ଢେର୍ ମୂଲ୍ୟହୀନ । ଜୀବନରେ ହାରିବା, ଜିଣିବା ଭିତରେ ଏ ବିରାଟ ପରାଜୟ ସୁବ୍ରତ ଜୀବନର ଏକ କଳଙ୍କ ।

ଘୃଣା ଆସିଲା ମନକୁ । ବେଦନାର କଣ୍ଠାଧାରରେ ଆସିଥିଲା ଅଶ୍ରୁସିକ୍ତ ହେଲା କେତେ ବିରାଟ ଭୁଲ କରିଥିଲା ସୁବ୍ରତ । ଦ୍ୱିତୀୟ ଥରପାଇଁ ପୁଣି ଭୁଲ କରିବାକୁ ଯାଉଛି !

ନା···ନା···ଘରଭିତରକୁ ପଳିଲା ସୁବ୍ରତ । ବର୍ତ୍ତମାନ ସେ ପୁଣି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି । ବଖାଣର ଧମିକ ଦେଖାହୁଏ ବୋଧହୁଏ ଏ ଅନସ୍ତର ଧୂର୍ତ୍ତନା । ପୂର୍ଣ୍ଣଚନ୍ଦ୍ରକୁ ପୁଣି ରାହୁଗ୍ରାସ କରିବାକୁ ଆସିଛି, ଦୂରେଇ ରହିବା ଦରକାର । କିନ୍ତୁ ଚନ୍ଦ୍ରର ଚେଷ୍ଟା କେବଳ ଚେଷ୍ଟାରେ ହିଁ ରହେ । ରାହୁର କବଳରୁ ରକ୍ଷାପାଇବା ଅସମ୍ଭବ ।

ମନ ତାର ଆର୍ତ୍ତନାଦ କରି ଉଠିଲା । କିନ୍ତୁ ଶୂନ୍ୟତାର ଆର୍ତ୍ତନାଦ ଶୁଣୁଛି କିଏ ?

ଆଜିର ନମିତା ଆଉ ସେ ଦିନର ନମିତା ମଧ୍ୟରେ ବେଶୀ ପାର୍ଥକ୍ୟ । ନମିତା ମଥାରୁ ସିନ୍ଦୂର ଟୋପା ଆଉ ଗର୍ଭବତୀ ଲକ୍ଷଣ ତାକୁ ପୂର୍ବପରି ପରିତୃପ୍ତି କରିପାରିନି । ସେ ଆଜି ବାପ ଘରର ଝିଅ ନୁହେଁ । ଶାଶୁ ଘରର ବୋହୂ । ମା' ହେବାକୁ ଯାଉଛି ଭବିଷ୍ୟତରେ ।

ପ୍ରଣତି ଜଣାଇଲା ସୁବ୍ରତ ଯେଉଁ ରୂପସୀ ନାୟିକାର ମାତୃତ୍ୱ ନିକଟରେ । ଆଜି ତା'ର ଅଧିକାର ନାହିଁକି ସାହାସ ନାହିଁ ଦୁଇ ଗୃହପଦ କଥା ପଚାରିବାକୁ । ବହି ଖୋଲିଲା ସୁବ୍ରତ । ମୁଣ୍ଡ ଉପରେ ପରୀକ୍ଷା ଠିକ୍ ମାସେ ଅଛି । ଶ୍ରେଣୀ ଲଷ୍ଟ ପଢିବାକୁ ହେବ । ପୁଣି ପରୀକ୍ଷାରେ ଯଦି ହାର ମାନେ, ଜୀବନଟା ତାର ହା ହୁତାଶ ଉଠିବ, ମନର ମଶାଣୀ ଭୂଇଁରେ ଗଦା ଗଦା ପାଉଁଶ, କୁଢ଼ କୁଢ଼ ହାଡ଼ ଦେଖି ଆଜି ସେ ଅସୀମ ଯନ୍ତ୍ରଣା ଅନୁଭବ କରୁଛି । ଅନୁତାପରେ ଦଗ୍ଧୀଭୂତ ହୋଇ ଯାଉଛି ତାର ଆଦ୍ର କଳିଜାଟା, ତଥାପି ପ୍ରେମର ବିସ୍ମୃତ ବାଲୁକା ବେଳାରୁ ଯାଉଁଛି ଆଣିବାକୁ ମନ ହେଉଛି କେତୋଟି ଗୋଡ଼ିବାଲି ।

ଇଂରେଜ ଅକ୍ଷର ଗୁଡ଼ାକ ସୁବ୍ରତକୁ ବର୍ଣ୍ଣକାକାର ଚବୁକ ପରି ଦଶୁଛି । କୀଟସ୍, ବାଇରନ୍, ଶେଲି ପ୍ରଭୃତିଙ୍କର କବିତାର ପଂକ୍ତି ଗୁଡ଼ିକ ଯାହାଙ୍କୁ ନିକଟରେ ଫଷ୍ଟସ୍ଙ୍କ "sweet helen make me immortal with a kiss ପ୍ରେମର ଜୁଆର ଉଠାଉଛି ତାର ମନ ସମୁଦ୍ରର ବେଳାଭୂଇଁରେ ।

ମୁଣ୍ଡ ବିବ୍ରତ ହେଲା, ସୁବ୍ରତର । ପାଠରେ ମନ ହେଲାନି । ଅବ୍ୟକ୍ତ ଭାବନା ବ୍ୟକ୍ତ କରିବା ପାଇଁ ମନ ପ୍ରୟାସ ହୋଇ ଉଠିଲା । କିନ୍ତୁ ପୁଣି ମସ୍ତବଡ଼ ଭୁଲ କରିବ ସେ ଜୀବନରେ ଦ୍ୱିତୀୟ ଥର ପାଇଁ ।

ନା......ନା......ମନକୁ ସଂଯତ କରିବାକୁ ଚେଷ୍ଟା କଲା ! କାନ୍ଥରେ ଟଙ୍ଗା ଯାଇଥିବା ଶିବ ପାର୍ବତୀ ଫୋଟ ନିକଟରେ ଗୁହାରି ଜଣାଇଲା ମନରେ ଏକାଗ୍ରତା ଆଣିବା ପାଇଁ, ପରୀକ୍ଷା...ପରୀକ୍ଷା ...ଜୀବନଟା ସାରା ତାର ପରୀକ୍ଷା, ପରୀକ୍ଷାର କେବେ ଶେଷ ନାହିଁ ସୁବ୍ରତ ଜୀବନରେ ।

ଝିଟିପିଟି ଟିକ୍ ଟିକ୍ କଲ୍ ଘଣ୍ଟାରେ ଠନ୍ ଠନ୍ ହୋଇ ଆଠଟା ବାଜିଲା । ସୁବ୍ରତ ଝରକା ବନ୍ଦକଲା । ଆଖିଦେଲା ବନ୍ଧରେ ତାପରେ........

॥ ପାଗଳର ପ୍ରଳାପ ॥

ଟଙ୍କା, ଟଙ୍କା

ଦୁନିଆରେ ସମସ୍ତେ ଚାହାନ୍ତି ଟଙ୍କା । ବୋଉ ଚାହେଁ ଟଙ୍କା, ବାପା ଚାହେଁ ଟଙ୍କା, ଭାଇ ଚାହେଁ ଟଙ୍କା, ସ୍ତ୍ରୀ ଚାହେଁ ଟଙ୍କା, ଝିଅ ଚାହେଁ ଟଙ୍କା, ଦୁଧବାଲା ଚାହେଁ ଟଙ୍କା, ଧୋବା ଚାହେଁ ଟଙ୍କା, ସମାଜ ବାଲା ଚାହେଁ ଟଙ୍କା, ଘରବାଲା ଚାହେଁ ଟଙ୍କା । କିନ୍ତୁ ତାକୁ ଚାହେଁ କିଏ ? ସେ ତେବେ ଏତେ ଟଙ୍କା କୁଆଡ଼ୁ ଆଣିବ ?

ହଁ ହଁ, ନିଶ୍ଚୟ ଆଣିବ, ଅଲବତ ଆଣିବ ତା ବାପ ଚଉଦ ପୁରୁଷର ଆଣିବ ।

ସବୁଭାବି ସ୍ଥିରକଲା ମନୋଜ । ସେ ଆଜି ରାତିରେ ଚୋରି କରିବ । ଡାକୁ ବନିବ । ତାର ବୁଦ୍ଧି ବିଦ୍ୟା ସବୁ କିଛି ହାର ମାନିଛି ଟଙ୍କା ନିକଟରେ । ଏତେ ପାଠପଢ଼ି ଲାଭ କଣ ଯେ ସେ ସମସ୍ତଙ୍କୁ ଟଙ୍କା ଯୋଗାଇ ପାରିଲାନି ? ବରଂ ନିଜକୁ ଡାକୁ ବନାଇ ସେ ଆଣିବ ଅଜସ୍ର ଅର୍ଥ । ଘର ଭର୍ତ୍ତି କରିବ ଟଙ୍କା ସୁନାରେ । ସମସ୍ତଙ୍କୁ ଟଙ୍କା ଦେଇ ମନ ମୁଗ୍ଧ କରିବ । ସମସ୍ତେ ଟଙ୍କା ପାଇଲେ ନିଶ୍ଚୟ ଆନନ୍ଦରେ ନାଚି ଉଠିବେ । କିନ୍ତୁ ମନୋଜର ହେବ କଣ ?

ସ୍ନେହ କରୁ ସେ ଦିନେ ଧରା ପଡ଼ିବ । ପ୍ରଚୁର ମାଡ଼ ଖାଇବ । ଶେଷରେ ଭୋଗିବ ଜେଲଦଣ୍ଡ । ଠିକ୍, ଏହାହିଁ ଠିକ୍, ଜେଲରେ ସେ ପାଇବ ପରମ ଶାନ୍ତି ।

× × × ×

ୟା ଭିତରେ ଅନେକ ଦିନ ବିତି ଯାଇଛି । ମନୋଜ ଆଜି ଜେଲଖାନାରେ ସେ ଆଜି ଭାରି ଆନନ୍ଦ । ଟଙ୍କା ଗୁଡ଼ାଏ ପାଇ ତାର ବାପା, ବୋଉ, ସ୍ତ୍ରୀ, ଝିଅ ସମସ୍ତେ ଯେତେବେଳେ ଆନନ୍ଦିତ, ସେ ବା ଦୁଃଖ କରିବ କାହିଁକି ?

ସେ ଠିକ୍ କାମ କରିଛି ? କାହିଁ ବୋଉ ତ ଦୁଃଖି ନଥିଲା । ମୋର ପୁଅ ହିଁ ଟଙ୍କା ଗଦା, ମୋର ଟଙ୍କା କଣ ଦରକାର ବାପା ତ ଦୁଃଖି ନ ଥିଲେ । ମୋର ପୁଅର ସୁନାମ ହେଉ । ସେ ଦଶପାଞ୍ଚ ଜଣରେ ଜଣେ ହୋଇ ଠିଆ ହେଉ । ସ୍ତ୍ରୀ ତ ଦୁଃଖି ନ ଥିଲା ମୋର ଶଙ୍ଖା ସିନ୍ଦୁର ବଜାୟ ହୋଇ ରହୁ । ଝିଅ ଦୁଃଖି ନଥିଲା ମୋର ବାପା ଥିଲେ ମୋତେ ସବୁ ମିଳିବ । ସମସ୍ତେ ଦୁଃଖି ଥିଲେ କେବଳ ଟଙ୍କା । ଟଙ୍କା ମିଳିଗଲେ ସବୁ ହେବ । ମନୋଜ ନିକଟରେ କିଛି କା'ର କାମନାହିଁ, ମନୋଜ ସମସ୍ତଙ୍କୁ ଟଙ୍କା ଦେଉଥିଲା ।

ଏମିତି ଦୁଇ ବର୍ଷ ବିତିଗଲା । ଟଙ୍କା ତ ଅତି ଚଞ୍ଚଳା ସେ କଣ ସ୍ଥିର ହୋଇ ରହେ । ଜଣକ ନିକଟରୁ ଅନ୍ୟ ଜଣକୁ ଯାଏ । ସମସ୍ତଙ୍କର ସବୁ ଟଙ୍କା ସରିଗଲା ଏପରିକି ଶେଷରେ ଖାଇବାକୁ ମଧ୍ୟ ମିଳିଲା ନାହିଁ । ସେତେବେଳେ ସମସ୍ତେ ଭାବିବାକୁ ଲାଗିଲେ ମନୋଜ କଥା । କିନ୍ତୁ ମନୋଜକୁ ଆଜୀବନ କାରାଦଣ୍ଡ । ମନୋଜ ଥିଲେ କାମକରି ପ୍ରତିମାସରେ ଅଢ଼େଇଶ ଟଙ୍କା ଆଣିଥାନ୍ତା ।

ସ୍କୁଲର ଶିକ୍ଷକ ହିସାବରେ ସେ ମୋଟା ଦରମା ନ ପାଉଥିଲେ ସୁଦ୍ଧା ଅଧିକା ପରିଶ୍ରମ କରି ଦୁଇ ଚାରି ପଇସାଟ ନିଶ୍ଚୟ ରୋଜଗାର କରି-ଥାନ୍ତି । ଏତିକରେ ତାଙ୍କ ପରିବାରଟା ତ ସୁଖରେ ଚଳିଆନ୍ତା । କିନ୍ତୁ ହେଲା କଣ ?

ସମସ୍ତେ ହେଲେ ଦାଣ୍ଡର ଭିକାରୀ, ଗାଁର ସମସ୍ତେ ତାଙ୍କର ଏପରି କାମରେ ଓଲଟା ପ୍ରଶଂସା ନକରି ରହି ପାରିଲେନି । ଶେଷରେ ଗୋଟି ଗୋଟି ହୋଇ ବିଦାୟ ନେଇ ଗଲେ ଇହଧାମରୁ ଭୋକ ଦାଉରେ । କେବଳ ମନୋଜ ବଞ୍ଚି ରହିଲା ।

X X X X

ଏବେ ମନୋଜ ରାସ୍ତାରେ ପ୍ରଳାପ କରିବାକୁ ଲାଗିଲା ।

"ଟଙ୍କା, ଟଙ୍କା, ଦୁନିଆରେ ସମସ୍ତେ ଚାହାନ୍ତି ଟଙ୍କା । କିନ୍ତୁ ଏତେ ଟଙ୍କା କୁଆଡ଼ୁ ଆସିବ ?"

(ଗୁଳ୍ମ ପ୍ରଚାପ୍ତରେ ପ୍ରକାଶିତ)

ଅଶାନ୍ତ ଝଡର ଶେଷ

ମନରେ ଅସରନ୍ତି ଆଶାର ଭଣ୍ଡାର । ହୃଦୟଭରେ ବିଶେଷ କୋହ । ଦେହରେ ତୀବ୍ରଜ୍ୱାଳା ଓ ଜନ୍ତ୍ରଣା । ତଥାପି ଆଖିରେ ତାହାର ମିନତି-ଭରା ଚାହାଣି ।

ପରିବାରର ଦୁଃଖ ଦୈନ୍ୟ ମଧ୍ୟରେ ପେଷି ହୋଇଯାଇଥିଲା ବୀର କିଶୋରର ଜୀବନ । ବାପା ଜଣେ ଅବସର ପ୍ରାପ୍ତ ଶିକ୍ଷକ । ବୀରକିଶୋରକୁ ଜଣେ ଉପଯୁକ୍ତ ମଣିଷ କରି ଗଢିବା ତାଙ୍କର ଲକ୍ଷ୍ୟ । କିନ୍ତୁ ଅର୍ଥାଭାବ ତାଙ୍କର ଏକମାତ୍ର ପ୍ରତିବନ୍ଧକ । ହୃଦୟ ତାଙ୍କର ଭାଙ୍ଗି ପଡ଼ୁଛି । ବୋଝ ଉପରେ ନଳିତା ବିଡ଼ା, ପ୍ରାୟ ବୀର କିଶୋର ସାଙ୍ଗକୁ ତାଙ୍କର ଦୁଇଟି ବିବାହୋପ ଯୋଗୀ ଝିଅ ।

ଯନ୍ତ୍ରଣାରେ ଖୁବ୍ ପାଟି କରି ଉଠିଲା ବୀର କିଶୋର । ଡାକ୍ତର ତାକୁ ସାନ୍ତ୍ୱନା ଦେଲେ । ଖୁବ୍ ଶୀଘ୍ର ତୁମେ ରୋଗମୁକ୍ତ ହେବ ବୀର କିଶୋର । ଡାକ୍ତରଖାନାରେ ବେଶିଦିନ ରହିବାକୁ ପଡ଼ିବନି ତୁମକୁ ।

ବୀର କିଶୋର କାକୁତି ମିନତି କଲା—ଡାକ୍ତର ବାବୁ, ସ୍କୁଲଖୋଲି ପାଠ ଚାଲିଲାଣି । ଏଣେ ମୁଁ ଶଯ୍ୟାଶାୟୀ । ମୋର ସହପାଠୀ ମାନେ ଆଗୁରୁ ପାଠ ପଢି ମୋତେ ଟପିଯିବେ । ମୁଁ ପାଠରେ ପଛରେ ପଡ଼ି ରହିବି ଯେ ।

ବୀର କିଶୋରର ଏହି କଥା ଗୁଡ଼ାକ ତାଙ୍କ ବୃଦ୍ଧ ବାପାଙ୍କ ଉପରେ ବଜ୍ରପାତ ପରି ବୋଧ ହେଲା । ସେ ଟିକିଏ ବ୍ୟତିବ୍ୟସ୍ତ ହୋଇ ଭାବିବାକୁ ଲାଗିଲେ ଅତି କଷ୍ଟରେ ପଚିଶିଟି ଟଙ୍କା ଯୋଗାଡ଼ କରି ରଖିଥିଲେ ବୀର କିଶୋର ଦରମା ବାନ୍ଧିବାକୁ । ଏ ବର୍ଷ ତାର ଏକାଦଶ ଶ୍ରେଣୀ । କଷ୍ଟ ମଷ୍ଟେ ଛଅମାସ ପାର ହୋଇଗଲେ ପୁଅ ତାଙ୍କର ଗୋଟିଏ ମଣିଷ ହେବ । ତେଣିକି ବାପମାଙ୍କ ଦୁଃଖ ବୁଝିବ ।

କିନ୍ତୁ ସବୁକଥା ଓଲଟ ପାଲଟ ହୋଇଗଲା । ହରିକିଶୋରର ଡାକ୍ତର ଦେଖା ଓ ଔଷଧ କଥାରେ ସେତିକି ଚିନ୍ତା ସୃଷ୍ଟିହୋଇଛି ତାଙ୍କର । ପୁଅକୁ ସ୍କୁଲରେ ଭର୍ତ୍ତି କରିବେ କିପରି ? ଏହି ପ୍ରଶ୍ନଟି କେବଳ ତାଙ୍କର ମନକୁ ଅସ୍ଥିର କରି ପକାଉଛି ।

କିଛି ଦିନପରେ ସୁସ୍ଥ ହୋଇ ହରିକିଶୋର ଫେରିଲେ ଘରକୁ । ସ୍କୁଲ ଖୋଲି ସେତେବେଳକୁ ମାସେ ହେଲାଣି । ତାର ସାଙ୍ଗପିଲେ ସବୁଦିନେ ତାକୁ ସ୍କୁଲ ଖବର ଦେଉଛନ୍ତି । ତାର ଅନୁପସ୍ଥିତି ସମସ୍ତଙ୍କୁ ଖରାପ ଲାଗୁଛି । ଖାଲି ଭଲ ପିଲାଟିଏ ହରିକିଶୋର । ସମସ୍ତେ ତାକୁ ଭଲ ପାଆନ୍ତି । ସ୍କୁଲର ଚପରାଶିଠାରୁ ଆରମ୍ଭ କରି ପ୍ରଧାନଶିକ୍ଷକ ପର୍ଯ୍ୟନ୍ତ ସମସ୍ତଙ୍କର ସେ ଆଦରର ପାତ୍ର । ତା ପରି ଛାତ୍ରକୁ ନେଇ ସ୍କୁଲ ତାଙ୍କର ଗର୍ବ କରୁଥିଲା । କିନ୍ତୁ ଆଜି ତାଙ୍କର ସ୍କୁଲ ହରିକିଶୋର ଅଭାବରୁ ମ୍ରିୟମାଣ ଦେଖାଯାଉଥିଲା ।

ହରିକିଶୋର ଥିଲା ଗୋପବନ୍ଧୁ, ମହାତ୍ମା ଗାନ୍ଧିଙ୍କ ଏକ ଆଦର୍ଶ ପ୍ରତୀକ ।—ତାର ବ୍ୟବହାର ଅତି ସରଳ ଓ ମଧୁର । କାହାର ମନରେ କଷ୍ଟ ନ ଦେବା ଥିଲା ତାର ଏକମାତ୍ର କାମନା । ସ୍କୁଲ ଭିତରେ ଯେପରି ବାହାରେ ମଧ୍ୟ ସେପରି—ସବୁକାମରେ ସେ ଆଗୁଆ ହୋଇ ବାହାରୁଥିଲା । ପରସେବା କରିବା ହରିକିଶୋରର ଯେପରି ଧର୍ମ ଥିଲା, ବକ୍ତୃତା ଓ ଲେଖାରେ ସେ ସମସ୍ତଙ୍କ ମନରେ ସେପରି ଆନନ୍ଦ ସୃଷ୍ଟି କରି ପାରୁଥିଲା । ବାସ୍ତବିକ ଆଜିକାଲି ଯୁଗରେ ହରିକିଶୋର ପରି ଛାତ୍ର ଆମର ଦରକାର ।

ଛାତ୍ରମାନଙ୍କ ମଧ୍ୟରେ ଆଲୋଚନା ହେଲା—ହରିକିଶୋରର ପାଠ ପଢ଼ାର ଦାୟିତ୍ୱ ନେବ କିଏ ? ସମସ୍ତେ ଏକ ସ୍ୱରରେ କହିଲେ ଜଣେ ଦ୍ୱାରା ଏପରି କାର୍ଯ୍ୟ ସାଧିତ ହୋଇ ନ ପାରେ । ସମସ୍ତେ ମିଳାମିଶି ଯେ କୌଣସି କାର୍ଯ୍ୟ କଲେ ତାହା ଅଳ୍ପରେ ହୁଏ ।

ସମସ୍ତେ କହୁ କହୁ ଗ୍ଲାନି ଦେଲେ । ବୀର କିଶୋର ସ୍କୁଲରେ ନାମ ଲେଖାଇଲେ । ସମସ୍ତେ ଭାରି ଖୁସି ହେଲେ ।

X X X X

ଅନେକ ଦିନ ପରେ ଖବର କାଗଜରେ ବୀର କିଶୋରର ନାମ ବାହାରିଲା । କେବଳ ନାମ ନୁହେଁ ତାର ଫଟୋ ମଧ୍ୟ । ବୀର କିଶୋର ଆଜି ପୂର୍ବପରି କୌଣସି ବକ୍ତୃତାର ପ୍ରଥମ ହୋଇନି । ସେ ପ୍ରଥମ ହୋଇଛି ଓଡ଼ିଶାର ସମସ୍ତ ମାଟ୍ରିକ ପାଶ କରିଥିବା ଛାତ୍ରଙ୍କ ମଧ୍ୟରେ ।

ସମସ୍ତେ ମନେକଲେ ଶଶିଭୂଷଣ ବିଦ୍ୟାପୀଠ, ଯୋରନ୍ଦା ଆଜି ଧନ୍ୟ ହୋଇଛି ବୀର କିଶୋର ପରି ଜଣେ ଛାତ୍ର ଦ୍ୱାରା । ପରେ ବୀର କିଶୋର ବୃତ୍ତି ପାଇ କଲେଜ ଶିକ୍ଷା କଲା । ସମସ୍ତ ସେବା ଓ ଜନହିତ ମୂଳକ କାର୍ଯ୍ୟରେ ଯୋଗ ଦେଲା । ବାପମା'ର ଦୁଃଖ ଦୂରହେଲା ।

ବୀର କିଶୋରର ବାପା ଭାବିଲେ—ତାଙ୍କର ଆଶା ଆଜି ପୂର୍ଣ୍ଣ ହୋଇଛି । ଅଶାନ୍ତ ଝଡ଼ ଆଜି ଶେଷ ହୋଇଛି ।

(ନବୀନ ପତ୍ରିକାରେ ପ୍ରକାଶିତ)

—8✻✻8—

ଅଶାନ୍ତ ସନ୍ଧ୍ୟା

ମେଘାଚ୍ଛନ୍ନ ଆକାଶ । ମେଘୁଆ ପାଗ । ସନ୍ଧ୍ୟାର ଆଗମନ ହଠାତ୍ ପଡ଼୍ ପଡ଼୍ ମନରେ ବିରକ୍ତି ଆସିଲା । କଣ କରିବ ଭାବି କିଛି ସ୍ଥିର କରି ପାରିଲିନି ।

ମୋ ସ୍ତ୍ରୀ ଆସି ଦେଖିଲେତ ମୁଁ ଭାରି ଦୁର୍ବୋଧ୍ୟ ଜଣାପଡୁଛି । ମୁହଁରେ ବିରକ୍ତିର ଭାବ । ମନ ଅସଂଖ୍ୟ ଭାବନା ରାଜ୍ୟ ।

ପଚାରିଲେ, ତୁମ ମନରେ ତ ଆଜି ହରଷ ନାହିଁ ।

ଉତ୍ତରରେ କହିଲି ତୁମେ ମୋର ମନର ଭାବବୁଝି ପାରିବନି ଯେ । ସଂସାରରେ ଘର କରିବା ଲୋକ ବେଳେ ବେଳେ ଏମିତି ଭାବି ପଡ଼େ । ଏଣେ ଅର୍ଥର ଅଭାବ । ତେଣେ ମୁଣ୍ଡ ଉପରେ ପରୀକ୍ଷା । ଏ ବର୍ଷ ଏମ୍. ଏ. ପାସ ନକଲେ ଏ ଅଶାନ୍ତ ମନ କେବେ କ'ଣ ଶାନ୍ତି ପାଇବ ।

କେତେ ଚେଷ୍ଟା କଲେ ସେ । ଖୁସି କଥାକହି ମନ ଭୁଲାଇବାକୁ ବି ଚେଷ୍ଟା କଲେ, ହସ କଥାକହି ହସେଇବାକୁ ଚେଷ୍ଟା କରି ହାର ମାନିଲେ । ଶେଷରେ ଖୁସିକଥା ମୋର ଅଶାନ୍ତ ମନକୁ ସ୍ପର୍ଶ କଲା ନାହିଁ ସବୁଥିରେ ମୋର ବିରକ୍ତି ।

ଉଠି ବସିଲି । ପୋଷାକ ପତ୍ରର ପରିବର୍ତ୍ତନ କରି ସାଇକେଲ ଧରି ବାହାରିଲି ବାହାରକୁ ଭ୍ରମଣ କରିବା ଉଦ୍ଦେଶ୍ୟରେ । ଜଣେ ସାଙ୍ଗ ଘରକୁ ଯାଇ ଅନ୍ତତଃ ମନରେ ପରିବର୍ତ୍ତନ ଆଣେ । ଏହା ସ୍ଥିରକରି ଗଳି କନ୍ଦି ଖୋଜି ବୁଲିଲି ତାଙ୍କ ଘର । କୌଣସି ସ୍ଥାନରେ ପାଇଲିନି । ପରିଚିତ ହୋଇ ସୁଦ୍ଧା ସେ ସମସ୍ତଙ୍କର ଅପରିଚିତ ।

ଅଳ୍ପଦିନ ତଳେ ଦେଖା ହୋଇଥିଲା ସେହି ସାଙ୍ଗ ଜଣକ ସହିତ । କଥା ବାର୍ତ୍ତାରୁ ଜଣା ପଡ଼ୁଥିଲା ସେ ଭାରି ଭଲ ଲୋକଟିଏ କିନ୍ତୁ ତାଙ୍କରି ସଠିକ ଠିକଣାଟା ଜଣା ନଥିଲା ମୋତେ ।

ହତାଶ ମନ ନେଇ ଫେରି ଆସିଲି । ବିରକ୍ତିଟା କମିବା ପରିବର୍ତ୍ତେ ଦ୍ୱିଗୁଣିତ ହେଲା । ଗୋରୁ ଫେରୁ ମେଘରୁ ଡାକରେ ମୋର କାନ ଦୁଇଟା ଟାଉକା ପଡ଼ିଗଲା । କଲେଜ ଛକରୁ ସାଇକେଲଟାକୁ ମୋଡ଼ି ଦେଉ ଦେଉ ମୋର ନଜର ପଡ଼ିଲା କଲେଜର କୋଠା ଉପରେ । ଦୁଇଜଣ ଛାତ୍ରାଧାତ୍ରୀ ଏଣେତେଣେ ଚକର ମାରୁଥିଲେ ସେଠାରେ । ସାଇକେଲଟା ପୁଣି ବୁଲାଇଲି କଲେଜ ଭିତରକୁ ସେମାନଙ୍କ ସହିତ କଥାବାର୍ତ୍ତା ହେଲେ ଅବା ମୋର ମନଟା ଟିକିଏ ହାଲୁକା ହୋଇଯିବ ।

ସାଇକେଲଟାକୁ ଡେଣି ପାହାଚ ଉପରେ ପାଦ ଦେଉ ଦେଉ ସାଙ୍ଗଭାଇ ଜଣକ କହି ଉଠିଲେ ଏମିତି ଅସମୟରେ ସେମିନାରକୁ ପଢ଼ିବାକୁ ଆସିଲେ ନା କଣ ? ।

କହିଲି ତାଙ୍କି ମନଟା ଭାରି ଖରାପ ଲାଗୁଥିଲା ତ । ଏଣେ ଟିକିଏ ମନ ବଦଳିବାକୁ ବୁଲି ଆସିଲି । କୋଠା ଉପରେ ବସିରହି ଛାତ୍ରଆଡ଼କୁ ଦୃଷ୍ଟି ନିକ୍ଷେପ କଲି । ଶୁନଶାନ, ଗ୍ରୀଷ୍ମାବକାଶ ହେତୁ କାହାରି ବି ସେଠାରେ ଦେଖାନାହିଁ । କୋଳାହଳ ମୁଖର କଲେଜ ଆଜି ନିର୍ଜନ, ନୀରବ, ନିସ୍ତବ୍ଧ, ଏଣେ କଲେଜର କୋଉଁଏ ଅଂଶ ଭାଙ୍ଗିପଡ଼ି ଥିବାରୁ ଭଗ୍ନସ୍ତୂପ ପ୍ରାୟ ଇଟା, ପଥର, କଂକ୍ରିଟ କୁଢ଼ କୁଢ଼ ହୋଇଛି । ଠିକ୍ ଶ୍ମଶାନର ଏକ ରୂପାନ୍ତର ।

ସାଙ୍ଗ ଜଣକ ସିନେମା ସଙ୍ଗୀତ ମୂର୍ଚ୍ଛନାରେ ନିଜ ମନକୁ ହାଲୁକା କରୁଥିଲେ । ମୁଁ ଏଣେ ଭାବନାରେ ବ୍ୟସ୍ତ । ଆସନ୍ତା କାଲି

ତାଙ୍କର ପରୀକ୍ଷା । ତଥାପି ତାଙ୍କର ମନରେ କୌଣସି ଶୋଚନା ନାହିଁ । ମୁକ୍ତ ଆକାଶର ବିହଙ୍ଗମ ପରି କେବଳ ଉଡି ବୁଲୁଛନ୍ତି ସେ ସାହାର ତଳରେ । ଅନ୍ୟପକ୍ଷରେ ମୋର କିଛି ନାହିଁ । ତଥାପି ମନଟା ଭାରି, ମସ୍ତିଷ୍କଟା ଗରମ । ଆଶ୍ଚର୍ଯ୍ୟ ଏ ଦୁନିଆ ଜଣକର ଶାନ୍ତି ତ ଅନ୍ୟ ଜଣକର ଅଶାନ୍ତି । ଜଣକର ଆନନ୍ଦ ତ ଅନ୍ୟର ଦୁଃଖ । ଜଣକର ହସ ତ ଅନ୍ୟର କାନ୍ଦ ।

ମୋର restlessness କାରଣଟା ପଚାରିଲେ ମୋର ସହପାଠୀ । ଜଣେ କହିଲା ସ୍ୱାରକଣ ଉତ୍ତର ଦେଇ ପାରିବି ମୁଁ । ସାଙ୍ଗ ଜଣେ ପୁଣି ପଚାରିଲେ ତୁମେ ଏହି ମେଧାବୀ ପାନରେ ଦେଖୁଛ, ସ୍ତ୍ରୀକୁ ଛାଡି ଆସିବାକୁ, ମନହେଲ କପରି ଭାଇ ? ମୁଁ କହିଲି, ସତେ ବି ମୋର ମନଟା ଭାରି ଖରାପ ଲାଗିଲା । ଶାନ୍ତି ଯେପରିକି ପାଇ ପାରୁନି ବୋଲି ଏଣେ ବୁଲି ଆସିଛି ।

କଲେଜରୁ ଫେରି ଆସିଲି ପୁଣି ଦିନେ । ବାଟରେ ଦେଖା ହେଲା ମୋର ଅଜ୍ଞ ଜଣେ ସାଙ୍ଗ ସହିତ । ବର୍ଷେ ବିତିଥିଲା ଦେଖା ହୋଇ- ଆସିଥିଲା ସେତେବେଳେ । କଥା ବାର୍ତ୍ତା ହେଲା ହେଉ ମୁଁ ତାଙ୍କୁ ପାଠ ନ ପଢ଼ି ସମୟଟା ନଷ୍ଟ କରିବା ବୃଥା ବୋଲି କହିଲି ସେ ବି ମାନି ନେଲେ ।

ଏଇ ଅବସରରେ ସେ ମୋର ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଦେଖି ନେଉଥାନ୍ତି । ମୋତେ ଘୃଣା ହେଲା । ଆପଣ ଏତେ ସାଧା ସିଧା ପୋଷାକ ପିନ୍ଧୁଛନ୍ତି କାହିଁକି ? ଅନ୍ତତଃ ନିଜର **Qualification** ଏବଂ ସମାଜରେ ମର୍ଯ୍ୟାଦା ଦୃଷ୍ଟିରୁ ପୋଷାକର ବିନ୍ଦୁଦାଟା ବଢ଼ିବା ଉଚିତ । ମୁଁ କହିଲି, ଏହି ସରଳତା ଭିତରେ ହିଁ ଗାନ୍ଧିଜୀ ରାମରାଜ୍ୟର ସ୍ୱପ୍ନ ଦେଖିଥିଲେ । ଭାରତ ଉଜ୍ଜ୍ୱଳ ଭବିଷ୍ୟତଟାକୁ

କଲ୍ପନା କରିଥିଲେ । ମୋତେ ଏମିତି ସାଧା ପୋଷାକ ପିନ୍ଧିବାକୁ ଭଲ ଲାଗେ । ରାଜେନ୍ଦ୍ର ବାବୁ କାହାର କେଉଁଥିରେ interest ତ ମୁଁ କାହାକୁ ନେଇ ଭଲ ପୋଷାକ ପରିଧାନ କରିବ । ଜୀବନରେ ମୋର ଅନେକ କଷ୍ଟ ବାକି ଅଛି ।

Bardy ଙ୍କର ଜୀବନ ଦର୍ଶନ ମୋ ଆଗରେ କହି ଚାଲିଛି । ରାଜେନ୍ଦ୍ର ବାବୁ । ଭାଗ୍ୟ ସବୁଠୁ ବଡ଼ । What we get is due to luck and what we lose is due to luck

ତୁମେ ଠିକ୍ କହୁଛ, ରାଜେନ୍ଦ୍ର ବାବୁ । ଭାଗ୍ୟ ହିଁ ସବୁ କରୁଛି । ମୁଁ ବି ଭାଗ୍ୟବାଦୀ ତା ବୋଲି ଭାଗ୍ୟର ଦାହି ଦେଇ ସବୁ କଥାରେ ପଚ୍ଛଘୁଞ୍ଚା ଦେଲେ ନିଜର ଉନ୍ନତି ଅସମ୍ଭବ । ଏମିତି ବଞ୍ଚିରେ ଆମର ସ୍ପିରିଟ ଏବଂ ସଂଗ୍ରାମ ଦରକାର ।

ଘରକୁ ଫେରି ଆସିଲି । ବସିଲି ଦୁଇଟା ପଦ ଲେଖିବି ବୋଲି । ମୋର ଛୋଟ ଝିଅ ଆସି ମୋ ପାଖରେ ଗୁଞ୍ଜି ଦେଉଥାଏ ଘୋଡ଼ା । ବର୍ଷା ପାଗକୁ ଶ୍ୱଶୁର ଘର ପାଂପଡ଼ ଭାଜି ଭଲ ଲାଗିଲା । ତା ପାଖକୁ ଛୋଟ ଝିଅଟିର ଗୁଲୁ ଗୁଲିଆ କଥା ମୋ ମନରେ ଟିକିଏ ଶାନ୍ତି ଆଣିଲା । ବାସ୍ତବିକ ମୋର ଏହି ଚେଲ ଲୁଣର ସଂସାରରେ ଝିଅଟି ମୋର ଏକା ସମ୍ବଳ । ଝିଅଟି କୋଳରେ ବସି ମୋତେ କହିଲା, ବାପା, ଏ ଗୁଡ଼ାକ ସବୁ କ'ଣ ? ମୁଁ କହିଲି, ମୁଁ ଗପ ଲେଖୁଛି ରେ । ତୁ ବଡ଼ ହେଲେ ପଢ଼ିବୁ ।

ଠିକ୍ ଏତିକି ବେଳେ ଆଲୁଅଟା ଦପ୍ କରି ଲିଭିଗଲା । ଅନ୍ଧାର ଭିତରେ ମନଟା ପୁଣି ଖରାପ ଲାଗିଲା । ବାହାରର ଛୁଇଁ ଛୁଇଁ ଜହ୍ନ ଆଲୁଅଟା ।

ଝରକା, ଫାଙ୍କ ଦେଇ ଘର ଭିତକୁ ଆସୁଥିଲା । ମନ କହିଲା । ଏପରି ଅନ୍ଧାରରେ ବି ଆନନ୍ଦ ଥାଏ । ଜୀବନରେ କେତେ ଅନ୍ଧାର ରାତି ମୁଁ କଟାଇଛି । ଅନ୍ଧାର ଭିତରେ ଆଲୁଅର ସନ୍ଧାନ ପାଇବାକୁ କେତେ ବ୍ୟାକୁଳ ନ ହୋଇଛି । ଦୀର୍ଘ ଦିନର ପ୍ରତୀକ୍ଷା ପରେ ପାଇଛି ଏ ଉଜ୍ଜ୍ୱଳ ମଣିଷଟିକୁ । ସାଇତି ରଖିବା କେତେ ଆନନ୍ଦ ଅନ୍ତରର ଇତିହାସର ମୂକ ସାକ୍ଷୀ ସେ ।

ଝିଟିପିଟିଟା କହିଲା ଠିକ୍ ଠିକ୍ । ମନଟା ହାଲୁକା ହେଲା । ପୁଣି ଆଲୁଅ ଜଳି ଉଠିଲା । ଲେଖା ଗୁଳାଲା ପୃଷ୍ଠା ପରେ ପୃଷ୍ଠା ମନର ଭାବନା ରାଜି ଶେଷ ହେଲା । ଲେଖନୀ ସ୍ଥିର ହେଲା କାହାରି ପ୍ରତୀକ୍ଷାରେ ।

(ପ୍ରତିଭା ବିକାଶରେ ପ୍ରକାଶିତ)

ଛଟେନୋଟି ପର୍ଯ୍ୟାୟ

ଆଉଟ୍‌ଡୋରର ଅପରେସନ୍ ଥିଏଟର ।

॥ ଅନ୍ତଃସ୍ଥଳରୁ ଭାସି ଆସୁଛି ଦୁରନ୍ତ ରୋଗୀର ଉଚ୍ଚାଳୀ ଚିତ୍କାର—ଓଃ ମରିଗଲି, ମରିଗଲି ଡାକ୍ତର ବାବୁ ! ମରିଗଲି···

॥ କୌଣସି ଏକ ପୁରୁଷ ପେସେଣ୍ଟର ଆର୍ତ୍ତଚିତ୍କାର ବୋଧେ ଏଇଟା ମରିଗଲି···ଓଃ ମାଁ ।······

॥ ବାହାରେ ଅପେକ୍ଷା କରନ୍ତି ତାର ଅଭିଭାବକ,–ପତ୍ନୀ ପରିବାର । ସମସ୍ତଙ୍କ ଆଖିରେ ଆଶାର ଇନ୍ଦ୍ରଧନୁ···ସେମାନଙ୍କ ଅମୂଲ୍ୟନିଧି ଏଇ ଜଘନ୍ୟ ଯନ୍ତ୍ରଣାରୁ ମୁକ୍ତ ପାଇବ ବୋଲି······

॥ ପ୍ରଫେସର ପ୍ରତାପ ଦାସଙ୍କ ଆଖିରେ ସଫଳତାର ସୁର । ବଦେଶୀ ଫେରନ୍ତା ଡାକ୍ତର ସିଂ । ସମାଜର ପ୍ରତିଷ୍ଠିତ ସେବା । ସୁନାମୀ, ଶାନ୍ତ, ସରଳ, ମିଷ୍ଟ ଭାଷୀ, ରୋଗୀ ବାପ ସିଏ··· ମାଁ ସିଏ ।

॥ ଚଷମାର ପତଳା ଲେନସର ଭିତରେ ତାଙ୍କର ସେଇ ଗୋଲ ଗୋଲ ଆଖି ଡୋଳା ଦୁଇଟିରେ ଆଦର୍ଶ ବାଦର ପ୍ରଶାନ୍ତ ତେଜ ।

॥ ସେବ ସେ ଡାକ୍ତର, ରୋଗୀର ଦେବତା, ସିଏ ସେମାନଙ୍କୁ ମୃତ୍ୟୁ ମୁଖରୁ ଫେରାଇ ଆଣି ପାରନ୍ତି ।

॥ ରୁମାଲରେ ମୁହଁ ପୋଛୁଛନ୍ତି ଡାକ୍ତର ଦାସ ।

॥ ବାହାରେ ଅପେକ୍ଷା କରିଛନ୍ତି ରୋଗୀର ଆତ୍ମୀୟ ସ୍ୱଜନ । ଆହା, ସେମାନେ କେତେ ଆଶା କେତେ ଆକାଂକ୍ଷା କରି ନଥିବେ ସେମାନେ······

॥ ଆଜି ସମସ୍ତେ ବ୍ୟସ୍ତ କାର୍ଯ୍ୟରେ । ରୋଗୀଟିକୁ ବଞ୍ଚେଇ-ବାକୁ ପଡିବ । ଦୁନିଆର ବଜାରରେ ତାକୁ ମଣିଷ କରି ଠିଆ କରେଇବାକୁ ପଡିବ ।

॥ ନର୍ସ ଶାନ୍ତା ସନାତନ ବି ବ୍ୟସ୍ତ । ଡାକ୍ତର ଦାସଙ୍କୁ ସାହାଯ୍ୟ କରୁଛନ୍ତି ଅପରେସନ ଥିଏଟର ଭିତରେ ।

ଏ ଦୁନିଆ, ଏ ସମାଜ, ଏ ମୁହୂର୍ତ୍ତ, ପ୍ରତିଟି ମଣିଷ ବ୍ୟସ୍ତ ସିଏ ଯା' ଧନ୍ଦାରେ । ଦାନ୍ତ ଘାଟରେ କଏ ମୁଠେ ପାଇଁ ହାତ ପାତି

ବୁଲୁଛି । କେଉଁ ପୁଞ୍ଜିପତି ତା’ ଧନ ଭଣ୍ଡାରର ଲକ୍ଷ୍ମୀଙ୍କ କଣ୍ଠରେ ସୁନା ହାର ଲମ୍ବେଇବାକୁ ଧନ ଅଣ୍ଟାଉଛି । ଆଉ ଅନ୍ୟ କେଉଁ ପ୍ରେମିକା ତା ପ୍ରେମିକକୁ ହାତ ମୁଠାରେ ବାନ୍ଧି ରଖିବାକୁ ଉଦ୍ୟମ କରୁଛି । ବିଜ୍ଞାନ ଯୁଗର ପ୍ରତିଟି ମଣିଷ ଗୋଟାଏ ଗୋଟାଏ ମେସିନ୍ । ଠିକ୍ ସେଇପରି ।

ଭିତରେ ରୋଗୀର ଆର୍ତ୍ତଚିତ୍କାର । ବାହାରେ ଖିଲ ଖିଲ ହସ । କିଏ କାନ୍ଦୁଛି, କିଏ ହସୁଛି । କି’ ପୋଷ ପୋଷ ଝାଙ୍କ ନଗାଡ ତା’ କର୍ତ୍ତବ୍ୟ ସକ୍‌ସେସ୍ ହେବା ପାଇଁ ଅପରେସନ୍ ବେଞ୍ଚ ଧରି ରୋଗୀ ପାଖରେ ଠିଆ ହୋଇଛି ।

॥ ହସ, କାନ୍ଦ, ଆଶା, ନିରାଶା ଏ ଦୁନିଆର ଏକ ନିର୍ଦ୍ଦିଷ୍ଟ ଧାରୁ ।

*

॥ ସେମାନେ ହସୁଛନ୍ତି ।

ଖିଲ ଖିଲ ହସ । ହସର ଫୁହାର ନାଚିଉ ପଡ଼ୁଛି, ଉଚ୍ଛୁଳି ଉଠୁଛି ଠିକ୍ ସାଗରର ଜୁଆର ଭଳି ।

॥ ମିସ୍ ଗଗ୍ରୀ ମହାନ୍ତି ହସୁଛି. ହସୁଛି ପ୍ରଶାନ୍ତ ପଟ୍ଟନାୟକ, ଆଉ ଅନ୍ୟ ମାନେ, ସଂଯୁକ୍ତା, ସୁସ୍ମିତା, ନନ୍ଦା, ଜ୍ୟୋତ୍‌ସ୍ନା, ଶରତ୍, ପ୍ରମୁଖ ।

॥ ସେମାନେ ହସୁଛନ୍ତି ପ୍ରାଣଭରି ହସ ।

॥ ମେଡ଼ିକାଲ୍ କଲେଜ୍‌ର ଛାତ୍ର ଛାତ୍ରୀ ସେମାନେ ।

॥ ମିସ୍ ଗଗ୍ରୀ!

॥ ଉଁ

॥ ଆସ......

॥ ନା'

॥ ଆରେ !

॥ ଆଜ୍ଞ...

॥ ଆରେ, ଆସନା......

॥ ସେମାନଙ୍କ ଓଠରେ ପ୍ରୀତିର ଫଲ୍‌ଗୁ । ଦୁଇଟି ଧାର, କଲ୍ଲୋଳମାର ଦୁଇଟି ବିହଙ୍ଗ ବିହଙ୍ଗୀ । ପ୍ରଣୟର ମଜଗୁଲ୍ମ ।

॥ ସେମାନେ ଚାହିଁ ରହିଛନ୍ତି । ଈର୍ଷା ହେଉଥିବ ବୋଧେ ସେମାନଙ୍କର ।

॥ ସ୍ନିଗ୍ଧାକୁ ଟାଣି ଆଣିଲା ପ୍ରଶାନ୍ତ ।

*   *

॥ ନର୍ସ ଶାନ୍ତା ଓ ଡକ୍ଟର ଦାସ ବାହାରକୁ ଆସିଲେ । ସକ୍‌ସେସ୍‌ ହୋଇଛନ୍ତି ସେ । ରୋଗୀର ଅଭିଭାବକ ମାନେ...ତୃଷିତ ନୟନରେ ଚାହିଁ ରହିଛନ୍ତି ।

॥ ସାର୍ !

॥ ଡୋଣ୍ଟ୍‌ ୱ୍ୟାରି,

॥ ଅଭିଭାବକ ମାନେ ଆଶ୍ୱସ୍ତି ଲାଭ କଲେ ।

*   *   *

॥ ରୋଗୀ ସୁସ୍ଥ ହେଲା ବେଡ଼ଂ ଟା'ର ଉଠିଲା ହସପିଟାଲରୁ । ସାର ନମସ୍କାର । ଆପଣଙ୍କ ନିକଟରେ ମୁଁ କୃତଜ୍ଞ !

॥ ସ୍ନିଗ୍ଧା, ପ୍ରଶାନ୍ତ, ଆସ ଆସ ସମସ୍ତେ ।

॥ କେହି ଶୁଣିଲେନି । ସମସ୍ତେ ପ୍ରେମରେ ମଜଗୁଲ ।

॥ ଡକ୍ଟର ଦାସ ଚଷମା ଖୋଲିଲେ । ଆଦର୍ଶ ବାଦରେ ସେ, ଯେଉଁ ସ୍ୱପ୍ନ ଦେଖୁଥିଲେ, ଏ ସଭ୍ୟ ସମାଜର ପ୍ରେମାଗ୍ନିରେ ଧ୍ୱଂ-

ସାତ ହେଲ । ସ୍ୱଦେଶୀ ସେଉନ୍ମା ଷ୍ଟୋଭରେ ରୁମାଲରେ ମୁହଁ ପୋଛୁଥିଲେ ।......

॥ ତା' ହେଲେ ?

॥ ଡାକ୍ତର ଦାସ ଲଣ୍ଡନ ମାଟିରେ ଯେଉଁ ରଂଗୀନ୍ ସ୍ୱପ୍ନ ଦେଖୁଥିଲେ ବଙ୍କନାଙ୍କ ଓଡ଼ିଆ ମାଟିକୁ ସ୍ୱର୍ଗରେ ପରିଣତ କରିବାକୁ ଯେଉଁ ଆଶା କରୁଥିଲେ, ସେ ଆଶା ?

॥ ଅର୍ଥ, ସମ୍ମାନ, ଭୋଗ ବିଳାସକୁ ଗୋଡ଼ରେ ଆଡ଼େଇ ସେ ଚାଲି ଆସିଥିଲେ ଏଇ ଦେଶ, ଏଇ ଜାତିକୁ ।

॥ ଏ ଜାତି, ଏ ସମାଜର ପୁଅ ଝିଅଙ୍କୁ ଦୁନିଆର ତଲ ଅପ ଜଲମ୍ଭର ବକ୍ତା କରି ଠିଆ କରେଇବାକୁ ଯେଉଁ ପ୍ରତିଜ୍ଞା କରିଥିଲେ !

॥ ନା' ସବୁ ଯାଇଛି ।

॥ ଡାକ୍ତର ଦାସ ରୁମାଲରେ ମୁହଁ ପୋଛୁ ପୋଛୁ ଷ୍ଟେଥସ୍କୋପ ବେର୍ଗୋରେ ଆସି ଟକ୍କାର ଗୁଡ଼ନ୍—ଏ ନର୍ସଟା ମତେ କେମିତି ଡାକ୍ତର ବାବୁ···ନାଲିଆଖି ଦେଖେଇ ମାରିଲଣି ।

॥ ହାୟ' ଡାକ୍ତର ଦାସ, ତୁମ ସ୍ୱପ୍ନର ନାଇଟିଂଗେଲ, ହାତର ଲେମ୍ପଟା ଲିଭିଗଲ ?

(ସ୍ୱପ୍ନରେ ପ୍ରକାଶିତ)

ତୋ ବାଜଆ ମରିନ ଲୋ- ବାଜଆ ମାଆ !

ସମୟ ଅର୍ଦ୍ଧରାତ୍ର ! ତେଲ ଲୁଣ ଠାରୁ କମ ପରିଚିତ ବନ୍ଧୁକର ଫାଙ୍କା ଆବାଜ, ଲାଠିଚାର୍ଜ, ଲୁହ ବୁହା ଗ୍ୟାସ, ପୋଲିସ୍, ପୋଲିସ୍ ଗାଡ଼ି । ୧୪୪ ଧାରା, ସାନ୍ଧ୍ୟ ଆଇନଜାରି ।

ଭୟଭୀତ ଜନତା ଫୁସ୍ ଫୁସ୍ କରି କଥା ହେଉଥାନ୍ତି ରାଜ୍ୟର ଜନୈକ ତୁଙ୍ଗନେତୃ ବର୍ଗଙ୍କ ନିବେଦନ । ସରକାରଙ୍କ ପ୍ରେସ୍ ଇସ୍ତାହାର । ଲାଠିଧାରୀ ପୋଲିସ୍ଙ୍କ ଧାଁ ଧପଡ଼ । ସହରର ସାରା ମାଟିବ ନିସ୍ତବ୍ଧ, ଚାରିଆଡ଼େ କୋକୁଆ ଭୟ ।

ଅଦୂର ଭେଷଜ ଚିକିତ୍ସାଳୟର କୌଣସି ନାମହୀନ ଯକ୍ଷ୍ମା ରୋଗୀଟା ଖାସୁଥାଏ—ପବନରେ ଖୁଁ, ଖୁଁ, ଖୁଁ, କାଶଟା ଭାସି ଆସି ଦିଗନ୍ତରେ ନିସ୍ତବ୍ଧତା ଭଙ୍ଗ କରୁଥାଏ । ବୁଲା କୁକୁର ଗୁଡ଼ାକ ଭୋ, ଭୋ କରୁଥାନ୍ତି । ଏ ଅସ୍ୱସ୍ତିର ପରିବେଶ ଭିତରେ ମଣିଷକୁ ବେଳେ ବେଳେ ଚିହ୍ନିବାକୁ ହୁଏ ସେଦିନ ବୁଝିଲା ସନ୍ତୋଷ । ସନ୍ତୋଷ ମନେ ମନେ ଆତଙ୍କିତ ହୋଇ ଉଠିଲା । ତା ନାଁଟା ଆଜି ତା'ର ହୋଇ ରହିନ ଏ ସରକାରଙ୍କ ମୃଦୁଲାଠି ଚାଳନା ଯୁଗରେ ।

ଠିକ୍ ଏତିକି ବେଳେ ପଡ଼ିଶା ଘର ରଘୁବାବୁ ଝିଅ ଦୁଇଟିର ଶଯ୍ୟାରେ ମୂତ୍ରତ୍ୟାଗ ଜନିତ ଆଶଙ୍କା ଯୋଗୁଁ କବାଟ ଖୋଲୁଥିଲେ ହଠାତ୍ ଘର ଆଗଦେଇ ପୋଲିସ୍ ଗାଡ଼ିଟା କିଛି ଦୂର ଯାଇ ଅଟକି ଗଲା । ରଘୁବାବୁ ଧଡ଼କିନା କବାଟଟା ବନ୍ଦ କରି ଦେଇ ଗଲେଣି । ସହରରେ ସେ ଦିନର ଏକ ଶୋଭାଯାତ୍ରାର ଅଗ୍ରଣୀ ଶ୍ରୀଚନ୍ଦ ।

କୁକୁରଟା ବେକରେ ଫୁଲମାଳ ପକାଇ ଦଳେ ଲୁହ ଟାଣୁଥାନ୍ତି । ସହରବାସୀଙ୍କ ରକ୍ତର ନିଆଁ ଜଳି ଯାଉଥାଏ । କାହିଁକି ? ସେ ପ୍ରଶ୍ନର ଉତ୍ତର ଆଜି ତୁମେ କିମ୍ବା ମୁଁ ଦେଇ ପାରିବା ନାହିଁ— 'ଆମର ଦାବୀ ପୂରଣ ହେଉ' କାହାର ଦାବୀ—ଲୁହଙ୍କର । ସେ ଦାବୀ ପୁଣି କ'ଣ ? ଭାତ ଚଡ଼ୁଆ ପାଖକୁ ଟରକାଯାଇ ଥାଳିଏ । ପାଠ୍ୟ ବହି । ଭଲ ପୋଷାକ ଦୁଇ ତିନି ଯୋଡ଼ା ?

ନା !

ଆମର ଦାବୀ ।

କିଛି ବୁଝି ହୁଏ ନଥିଲା ଅନୁପମା । ସେ ତ ବୁଝିପାରିବନି । ସେ ଯେତେବେଳେ ମାଇନର ପଢ଼ା ସାରି କଲେଜ ପଢ଼ିବ ସେତେବେଳେ ସବୁ ବୁଝିବ । ପଛକୁ ମୁହଁ ବୁଲାଇ ଅନୁ ଚାହିଁଲା । ଶୁଣିଲା ଶହେରୁ ଅଧିକ ଲୋକ ଯାଉଁଥାନ୍ତି । ତାଙ୍କ ପଛରେ, ଆଗରେ ହେବ ଅସ୍ତ୍ର ଶସ୍ତ୍ରଧାରୀ ହୋଇ ସତେ ଯେମିତି ଦୂର ସମୁଦ୍ରର ବନ୍ଦରକାଟରେ ଦଳେ ପକ୍ଷୀ କୂଳରେ ପହଞ୍ଚିବା ପାଇଁ ରାସ୍ତା ପାଇ ପାରୁନ ଥାନ୍ତି । ଏଭଳି ପରିବେଶରେ କୌତୁହଳ ବଢ଼ିଯାଏ । ହୁଏତ ସେଇଥି ପାଇଁ ଅନୁର ଉଦ୍‌ବେଗ ବଢ଼ିଗଲା ଅନେକ ପରିମାଣରେ । ପଛରୁ ଶୁଭିଲା, ଗୁଳି-ଗୁଳି-ଗୁଳି ।

ଅନୁ ମଧ୍ୟ ଗୁଳିଗଲା । ଖାଲିପଡ଼ିଲା ତା ଛୁଟା ହେବା ସ୍ଥାନଟା । ପଛରୁ ଶୁଭୁଥିଲା—ଗୁଳିଆସ, ଆମେ ଏ ଧୋକାବାଜ, ଦୁର୍ଦ୍ଦାନ୍ତ ଦଳତନ୍ତ୍ର, ଦୁର୍ନୀତିଗ୍ରସ୍ତ ସ୍ୱାର୍ଥପର ଗଣତନ୍ତ୍ର ହତ୍ୟାକାରୀ ସରକାରକୁ ଜବାବ ଦେବା । ଭାଇ ମାନେ ଆଗେଇ ଆସ । ଅନୁ ଏଥର ସବୁ ବୁଝି ମଧ୍ୟ ଅବୁଝା ହୋଇ ରହୁଥିଲା । ଠିକ୍ ଏତିକି ବେଳେ ବନ୍ଧୁକର ଶବ୍ଦ—ଗୁଡ଼ୁମ୍, ଗୁଡ଼ୁମ୍, ।

ପରଦିନ ସକାଳ । ଅନୁ ଘର ବାହାର ପିଣ୍ଡାରେ ଢାଙ୍କ ଘଷୁଥାଏ । ହଜାର ହଜାର ଗୁପ୍ତ ଶବ ଶୋଭାଯାତ୍ରାରେ ଭାଗନେଇ ଥାନ୍ତି । କାହାର ଶବ ? ପଡ଼ୋଶୀ ଘର ଖୁଡ଼ି କହୁଥିଲେ । ମାଇକରୁ ଗୁରୁଗର୍ଜନ ସମବେଦନାଭରା କଣ୍ଠରେ କାରୁଣ୍ୟ ଉଦ୍ଦୀପନାତ୍ମକ ଭାବ ଗମ୍ଭୀର ଭାଷା ପ୍ରାଣକୁ ହାଣୀ ଦେଉଥାଏ । ଅନ୍ୟାୟୀ ସରକାର ମୁଣ୍ଡ ନୁଆଁଇଲେ, ପିଲାଏ ସ୍ଲୋଗାନ ଦେଇ ଚାଲିଥିଲେ—ଆମର ସପ୍ତଶ ଅମର ରହୁ, ଆମର ସପ୍ତଶ ଅମର ରହୁ ।

(ଶମ୍ବାଦରେ ପ୍ରକାଶିତ)

—***—

ସ୍ମୃତି-ସୁର ଓ ଝଂକାର

ଆରେ, ମୁରଦାରଟା ତା' ହେଲେ ବଞ୍ଚିଗଲେ ?

ବଂଚ ଆଉ ଲାଭ କଣ ? ଯାଉ, ମରିଯାଉ । ଜଳିଯାଉ ଦୁନିଆଟା । କ ଲାଭ ଅଛି ଆଉ ?

ଭଲ୍‌ଭେଟ୍ ବ୍ଲାଉଜ୍ ଉପରକୁ ଶାଢ଼ିଟା ଟାଣି ଆଣିଲ ନଂଦିକା । ଆଖିରେ ଲୋତକର ବନ୍ୟା ···

ସ୍ମୃତିର ମୁରଦାରଟା ବଂଚଯାଇଛି । ଲୁହ ଢ଼ଳ ଢ଼ଳ କଲ୍ୟାଣି । ତେବେ ?······

ତୁମ ବିନା ସବି ଭଲ ଲାଗେନା···ତୁମ ବିନା ଜହ୍ନ ଶୋଭା ପାଏନା···

ତୁମେ ମୋର ଅନୁପମା, ରୂପ ଗୁଣେ କି ସୁଷମା କହିବି,
କହିବି ଭାବି କହିପାରେନା ।···

ତୁମ ବିନା···ଭଲ ଲାଗେନା···ଶୋଭାପାଏନା ···

ରେଡ଼ିଓରୁ ଭାସି ଆସୁଛି ବିରହ ରାଗିଣୀ । ସିଏବି ହାତେ ଓଠରେ ଏଲେଟ୍ରର ଧରିଥିଲା । ଫର୍ଗୀଭର ହଲକା ଡୋଳୁଥିଲା ସୁକେଶ୍ ସାଙ୍ଗରେ । କାଲୁ ଆଜି?

ନା, ସବୁ ଯାଇଛି । ସୁକେଶ୍ ସବୁ ନେଇ ଚାଲିଯାଇଛି । ସ୍ତନ ଓହଳି ପଡ଼ିଛି । ଯୌବନର ଢେଉ ହାଲିଆ ହୋଇ ଶୋଇ ପଡ଼ିଛି । ଶୋଇ, ମନଇଚ୍ଛା ଶୋଇ । ସୁକେଶ ? ଚାଲିଯାଇଛି ବିଦେଶକୁ ।

ନିଷ୍ଠୁର···ନିଷ୍ଠୁର···. ହଲିଉଡ୍‌ର କୌଣସି ଏକ ହିପ୍‌ପିର ଅହଳା ସ୍ତନ ଭିଡ଼ିଧରି ସେ ଆଜି···ନାଚୁଥିବ···ନଚେତ ହୁଇସ୍କି-ଲରେ ମଜଗୁଲ୍ କରୁଥିବ । ରେ ଧୂର୍ତ୍ତର ମୁଣ୍ଡ ଧାର, ପୁଣି ବଂଚିଲୁ କାହିଁକି ! ଯାଃ—ମର୍'ଯା······

ଅହା ! ରେଡିଓଟା ବଂଦ କରିଦେଲୁ ଯେ ।···

ଧେତ୍, ଚଟୁଚଟୁନା କି, ବଦମାସ, ଏତିକି ଟୋକାର ପୁଣି ଓଠରେ ପ୍ରଣୟର ସୁର ବୋଲିବାକୁ ଇଚ୍ଛା । ଛିଃ । ନିଶା, ଆଶା । ନନ୍ ସେନ୍ସ୍ । ଇଡ଼ିଅଟ୍ କୋଉଠିକାର ।···

ମୁରଦାରଟା ଆଖି ବୁଜିଲା । ଶୋଇ ପଡ଼ିଲା । ଶୋଉ କନାଅଧ । ମା ରେଡିଓଟା ବଂଦ କରିଦେଲୁ ଯେ···ପ୍ରଜା ପଣିଆ ନାଙ୍କୁ ଅଂଡ଼ାଳି ଅଂଡ଼ାଳି ଅନନ୍ତ ବାବୁ ପ୍ରଶ୍ନ କରୁଥିଲେ ।

ଧେତ୍ ତେରି, ବୃଦ୍ଧ ବୟସରେ ବ ସ୍ତ୍ରୀଙ୍କର ନିଶାଯାଇନି ।

ରେଡ଼ିଓ ଖୋଲିଲା ।···, ରିଏଏରେ ବନ୍ଧୁ···

ହଜିଯାଏ···ଲିଭିଯାଏ···ଯୌବନର ଢେଉ···
ବଢିଯାଏ—ମରିଯାଏ···ତୋ' ବଳ ବଅଇ···

ବନ୍ଦ କର ! ବନ୍ଦ କର ! ଏରେଟିଆ ହାକ୍‌ସ—ଜନ୍‌ଅସ—ଷ୍ଟ୍ରାଙ୍ଗ୍‌-ଡ୍ରେଲ୍ । ଅନନ୍ତ ବାବୁ ଉଡ଼ି ଉଠିଲେ । ଆରେ, ଏତେ ଚଂଚଳ ତାଙ୍କ ବୟସଟା କୁଆଡ଼େ ଗୁଳିଗଲା । ଯୌବନଟା ଫେରାର୍ ହୋଇଗଲା ! ସୁନ୍ଦର ମୁନ୍ଦଦାରଟା ମରିଗଲା । ଏଥର ଉର୍ବଶୀଟା ହାଲିଆ ହୋଇ ପଡ଼ିଲା । ଆଉ ଝର୍ଣ୍ଣ ନାରର ଅନ୍ଧଆଡ଼ ରେଗୀଟା ତା ହୁନ୍ଆ ଆଖିରେ ମିଛୁଆ ମିଛୁଆ ସହାନୁ ଦେଇ ଆସୁଥିଲା ନାଚି ନାଚି ···ହସି ହସି···ଖାଇ ଖାଇ···

(ଆମ କାହାଣୀରେ ପ୍ରକାଶିତ)

× × × ×

କର୍ମବ୍ୟସ୍ତ ବୁଧିଆର ରୋମାନସ୍

ଓ ଓ ବା···ହୋ···

ହାତରେ ଲଙ୍ଗଳ ଓ ବାଉଁଧରି ଚାଷ କରୁଥିଲା ବୁଧିଆ । ବେଳ ଆସି ଦୁପହର ହେଲାଣି । ପେଟରେ ତାର କ୍ଷୁଧାର ଯନ୍ତ୍ରଣା ।

ଘୋଟଣା ଧରି ଫେରୁଛନ୍ତି ମଲ୍ଲି । ପଖାଳ ଭାତ ସାଙ୍ଗକୁ କେତେ ରକମ ଚୁନା ଚୁନା ଶାଗ ଭଜା । ସ୍ୱାମୀ ଖାଇବ ବୋଲି କେତେ ଖୁସିରେ ଆଣିଛି ସେ ।

* * * *

ମଲ୍ଲି ତାର ପାଖରେ ଏକଲା···ସେ ଆଉ ମଲ୍ଲି···ତାର ମଲ୍ଲି । ଟଗାଟା ପତ୍ନୀ ତାର ।

ମଲ୍ଲିର ସୌନ୍ଦର୍ଯ୍ୟରେ ଥିଲା ବନପଲ୍ଲୀର ରୂପର ସୁଷମା । ଆଉ ଉଦାର ଲଲାଟରେ ଫୁଟିଥିବା ପାଟଳ ପୁଷ୍ପପରି ତାର ମୁହଁରେ ସ୍ମିତହାସ୍ୟ । ବୁଧିଆ ପିଇ ଯାଉଥିଲା ତାର ସ୍ତ୍ରୀର ସୌନ୍ଦର୍ଯ୍ୟମଧୁ ।

* * * *

ସାହୁକାରଙ୍କୁ କେତେଟା ଟଙ୍କା ମାଗିଲେ ? ମଲ୍ଲି ଭୁଣ୍ଡରେ ଚଣ୍ଢ । ବୁଧିଆ ଭାବୁଥିଲା ବେଳା ଭୂମିର ଦୁଇ ଶତାଂଶ ଉପର ଖଣ୍ଡେ ଗୋଟେଇ ନେଇ ସମୁଦ୍ର ଭିତରେ ନିକ୍ଷେପ କରି କେହି କଣ କେବେ ସାଗର ବୁକୁରେ ଉତ୍ତାଳ ତରଙ୍ଗ ସୃଷ୍ଟି କରି ପାରିଲେଣି ?

ମିଳିବାର ସମ୍ଭାବନା ନାହିଁ । ତଥାପି ବି ଆଶାକର ମଧ ମଣିଷ ବଞ୍ଚି ରହେ । କାରଣ ଏଇ କଳ୍ପନାର ବିନାଶ ଟିକକ ଛାଡ଼ିଦେଲେ ବଞ୍ଚିବାର ସ୍ୱାଦ ଆସିବ ବା କାହିଁ ?

ତା ମନଭିତରେ ଯନ୍ତ୍ରଣାର ସ୍ୱର । ବିଶାଳ ଏ ଆକାଶ ତଳେ ତାର ମନଟା ଅତି କ୍ଷୁଦ୍ର । ସେ ଭାବିବାକୁ ଲାଗିଲା ବୋଧ ହୁଏ ସେ ମାଡ଼ି ମୂଳାଉଛି । ଜମି ମାଲିକଙ୍କ କଡ଼ାଦୃଷ୍ଟିରେ ତାର ଦେହର ଶତ ସିଂହର ବଳ କେଉଁଆଡ଼େ ବିଲୀନ ହୋଇଯାଉଛି । ଯେତେ କାମ କଲେ ମଧ ସେଥିରେ ଆଦର ନାହିଁ । କାଳେ ଯଦି ସେ ଗୁଳାଖିଆ ...କ'ଣ ହେବ ତାର ଭବିଷ୍ୟତ ?

* * * *

ଜମିମାଲିକ ମାଳାମ୍ବର ପଟ୍ଟନାୟକଙ୍କ ଧମକପୂର୍ଣ୍ଣ ପ୍ରଶ୍ନ—କିଲୋ ମଜିନାରେ 'କାମ' ନା 'ରୋମାନସ୍' ? ତାଙ୍କର ଆଖିର ବହ୍ନିଶିଖା ବହ୍ନିରେ ପୋଡି ଜଳି ଯାଇଛି ତାର ରୋମାନସ୍ । ରୋମାନସ୍ କରିବାର ଶିଖିନି । ବୁଧିଆ ତା କର୍ମବ୍ୟସ୍ତ ଜୀବନରେ ତାର ଅର୍ଥ ବି ଯୋଜାଣିନି ।

କେବଳ ସାଧାରଣ ମଣିଷ ପରି ଦି ଗୁଣ ପଦ କଥା । ତଥାପି ସେଥିକ ନ ମନା ।

ମନ କଥା ମନରେ ମାତ୍ର ବୁଝିଥା ପୁଣି ବୁଲନ୍ଦ ହୋଇଗଲା ଲଜ୍ଜାଳତାରେ । କିଛି କହି ପାରିଲାନି ମଲ୍ଲିକୁ । ମଲ୍ଲି ଆଖିରେ ଲୁହ ···ପାଦ ବଢ଼ାଇଲା ଆଗକୁ ··ଆଗକୁ···

କାନରେ କେବଳ ତାର ପଡ଼ୁଥିଲା 'ତଉବା···ହୋ···

କେତୋଟି ମୁହୂର୍ତ୍ତ

ଅପ୍ରତ୍ୟାଶିତ ଭାବରେ ଲୀନୁର ଆଗମନ ଏଇ ବ୍ରହ୍ମପୁର ସହରକୁ ପ୍ରଥମ ଥର ପାଇଁ । ମନର ଆବେଗ, ହୃଦୟର ଉଚ୍ଛ୍ୱାସକୁ ସମ୍ଭାଳି ନପାରି ସେ ଆସିଛି ତାର ଅତି ଆଦରର ଭାଇ ଘରକୁ ।

ରାତି ବାରଟା । ଏଲାରମ ଘଣ୍ଟାଟା ଟିନ୍ ଟିନ୍ ହୋଇ ବାଜି ଉଠିଲା । ଟ୍ରେନ୍ ସମୟ ହେଲାଣି । ଯିବା ପାଇଁ ବ୍ୟଗ୍ର ହେଲା ଲୀନୁ ।

ଆସିବା ଓ ଯିବା ଭିତରେ ଦେଢ଼ ଘଣ୍ଟାର ରହଣି ···ସେଥିରେ କେତେ ସୁଖ ଦୁଃଖର ଆଳାପ । ମଣିଷ ସହିତ ମଣିଷର ସମ୍ପର୍କ । ରେଲ୍‌ୱେ ଷ୍ଟେସନ୍‌ର ଯୋଗ କେତୋଟି ଅତୀତ ମୁହୂର୍ତ୍ତ ଆଖି ଆଗରେ ନାଚି ଉଠିଲା । ଦେବବ୍ରତ ପାଖରେ ବସି ହୃଦୟ ଖୋଲି କହିଥିଲା ଲୀନୁ···ତାର ଇତିବୃତ୍ତି । ଜୀବନରେ ଶତ ଶୃଙ୍ଖଳର ଦଂଶନରୁ ମୁକ୍ତ ପାଇଛି ସେ ।

ଟ୍ରେନ୍‌ଟା ଆସି ଲଗିଛି ପ୍ଲାଟଫର୍ମରେ । ଯାଗାଟା ଠିକ୍ କରି ନେଇଛି ଦେବବ୍ରତ ମିନୁ ପାଇଁ ।

ମିନୁର ଶେଷ ଅନୁରୋଧ—'ଆଉ ଟିକିଏ ବସ । ଗାଡ଼ି ଛାଡ଼ିବାରେ ଡେରି ଅଛି ।

ଠିକ୍ ଟ୍ରେନ୍‌ର ଶେଷ ଦିନ ଦେବବ୍ରତର ଅନୁରୋଧ ରକ୍ଷା କରି ମିନୁ ବସିଥିଲା ତା ପାଖରେ । ଆଉ କଣ୍ଠରେ ସୁର ଦେଇଥିଲା "ଆମେ ଦୁହେଁ ଚାଲିଯିବା ବହୁତ ଦୂରକୁ"…

ଗାଡ଼ିର ହର୍ଣ୍ଣ ଗର୍ଜି ଉଠିଲା । ଦେବବ୍ରତ ଓହ୍ଲାଇପଡ଼ି ବିଦାୟ ଜଣାଇଲା ମିନୁକୁ । ମିନୁର ଆଖିରେ ଲୁହ, ମନରେ ଦୁଃଖର ବେଦନା, ହୃଦୟରେ ଉନ୍ମାଦର ସୁର……

—:※:※:—

ପହିଲି ଦେଖା

ପହିଲି ରଜର ପାହାନ୍ତିଆ ସକାଳ । କାଉ କୋଇଲିର ଶବ୍ଦରେ ଚତୁର୍ଦ୍ଦିଗ ପରିପୂର୍ଣ୍ଣ । ସୂର୍ଯ୍ୟଙ୍କର ରକ୍ତିମ ଆଭା ଝାଟି ଲଟାରେ ସିନ୍ଦୂର ଟୋପା ସଦୃଶ ପ୍ରତୀୟମାନ । କୁଆଁରି କୁଆଁରୀ ମାନେ ନିଜର ନିତ୍ୟକର୍ମ ପରିସମାପ୍ତ କରିବା ଦିଗରେ ଆଗେଇଛନ୍ତି । ସତରେ ଆଜିର ଏ ସକାଳଟା କି ମଧୁର । କି ସୁନ୍ଦର, ବରଷକେ ଆଜି ଥରକ ପାଇଁ ଆସିଛି ରଜ । କୁଆଁରି କୁଆଁରୀ ମାନେ ନୂତନ ସଜ ବାଜ ଦେଇ ଜୀବନକୁ ପୂର୍ଣ୍ଣ ମାତ୍ରାରେ ଉପଭୋଗ କରିବେ ଆଜି ଦିନଟା । ଜୀବନରେ ଏପରି ସୁବର୍ଣ୍ଣ ସୁଯୋଗ ପାଇଲେ କିଏ ବା ଛାଡ଼ିବ ! ଆମ୍ବ ଡାଳରେ କେତେ ଯେ ଦୋଳି ଝୁଲା ଯାଉଛି ତାର କଳନା ନାହିଁ ।

ଦୋଳ ଖେଳରେ ଥରେ ମଜ୍ଜି ଗଲେ ଦୁନିଆ ବାହାରର କଥା କିଛି ମନରେ ସ୍ଥାନ ପାଏନି ।

ଝିଅମାନଙ୍କର ସେ ଦିନର ଆନନ୍ଦ କହିଲେ ନସରେ । ସମସ୍ତେ ଦୋଳ ଖେଳରେ ବ୍ୟସ୍ତ । ସବୁ ଦୋଳିରେ ଦୁଇ ଦୁଇ ଜଣ ବସି ଗୀତ ଗାଇ ଦୋଳ ଖେଳୁଥାନ୍ତି । ଯାମିନୀ ବସିଛି ଟିକିଏ ଦୂରରେ ଗୋଟିଏ ବିରାଟକାୟ ଆମ୍ର ବୃକ୍ଷ ତଳେ । ଦୋଳିଟା [ଖାଲି ପଡ଼ିଛି । ରଜ ଦିନରେ ତା ମନଟା ଖୁବ୍ ଆନନ୍ଦ ହେବା କଥା । ବୋଧ ହୁଏ ସେ କାହାର ପ୍ରତୀକ୍ଷାରେ । ଅଭିମାନିନୀର ଅଭିମାନଭରା ବଦନରେ ମଳିନତା ଫୁଟି ଉଠିଛି । ଭାବନାର ସ୍ରୋତରେ ଭାସି ଭାସି ସେ କୂଳ କିନାରା ପାଉନି ।

ସତ୍ୟବ୍ରତର ଆଗମନ । ସାଦାସିଧା ଧୋତି ଓ ପଞ୍ଜାବୀ ଦେହରେ । ଆଖିରେ ଚାହାଣିରେ ଭରି ରହିଛି କନ୍ଦର୍ପର ସାଜସଜନ । ମୁଖରେ ସଂଗୀତର ଲହରି । ଦୃଷ୍ଟି ପଡ଼ିଛି ଆମ୍ରଗଛ ମୂଳକୁ ।

ଅପ୍ରତ୍ୟାଶିତ ଭାବରେ ଅନେକ ଝଡ଼ ବୋହି ଯାଉଛି ଯାମିନୀ ହୃଦୟରେ । ପହିଲି ଦେଖା । ମନରେ ଏ ଭଲ ପାଉଛି ସତ୍ୟବ୍ରତକୁ । ଯଦି ଏମିତି ଗୋଟିଏ ମନ ଲାଖି ବର ସେ ଲଭ କରନ୍ତା······

ଦୂରରୁ ଭାସି ଆସୁଛି ଦୋଳଖେଳ ଗୀତ······

ଏଇ ରଜର ପାହାନ୍ତି ପବନ,
ରାଜକୁମାର ଦେଖେ ସପନ
ସରଗ ସୁଷମା କୁମାରୀ ଜୀବନ······

* ସମାପ୍ତ *

ଇନ୍ଦ୍ର ପ୍ରେସ୍, ଗଞ୍ଜାପାହି, ବ୍ରହ୍ମପୁର-୨ (ଗଞ୍ଜାମ)

ଐତିହାସିକ **ଶ୍ରୀ ଶରତ ଚନ୍ଦ୍ର**ଙ୍କ କଲମରୁ—

୧ ।	ମରମ ତଳର ବ୍ୟଥା	(ଗଳ୍ପ ସଂଚୟନ)	ଟ ୧-୫୦
୨ ।	ଚନ୍ଦ୍ର ଯାତ୍ରା	(ରମ୍ୟ ରଚନା)	ଟ ୦-୫୦
୩ ।	ପରାଗ	(ପଦ୍ୟ ସମାରୋହ)	ଟ ୨-୫୦
୪ ।	ସ୍ନେହ ରାଗ	(ଉପନ୍ୟାସ, ଯନ୍ତ୍ରସ୍ଥ)	ଟ ୧-୫୦
୫ ।	ଗଞ୍ଜାମ ଐତିହ୍ୟ	(୧ମ ଓ ୨ୟ ଭାଗ ଯନ୍ତ୍ରସ୍ଥ)	

ଶ୍ରୀ ଦେବୀପ୍ରସାଦ ପାତ୍ରଙ୍କ କଲମରୁ—

୧ । ଅରବିନ୍ଦ

୨ । କନକ ଲତାର ଲୁହଧାର, ଇତ୍ୟାଦି

ସେବା······ଏକ ପରମ ଧର୍ମ ।

ଶିକ୍ଷା······ମାନବର ଆତ୍ମୋନ୍ନତି ।

ସଂସ୍କୃତି······ସାମୁହିକ ବିକାଶ ।

ଏହି ତିନୋଟିର ମଧୁର ସମନ୍ୱୟରେ ସଂଗଠିତ

"ଶାସ୍ତ୍ରୀ ସେବା ସଂସଦ"

ରଙ୍ଗିଲିବଳି ସାହି, ପୁରୁଣା ବ୍ରହ୍ମପୁର-୨ (ଗଞ୍ଜାମ)

ଏବଂ

"ବିଶ୍ୱଶାନ୍ତି ସାମ୍ମୁଖ୍ୟ"

ହାତି ବନ୍ଧ ସାହି; ବ୍ରହ୍ମପୁର-୧ (ଗଞ୍ଜାମ)

ସାହାଯ୍ୟ, ସହଯୋଗ ଓ ସର୍ବାଙ୍ଗୀନ ବିକାଶ ନିମନ୍ତେ

ସମ୍ପର୍କ ସ୍ଥାପନ କରନ୍ତୁ ।